

ଅଗଷ୍ଟ ୧ରେ 'ଛିରେ ନନୀ'

▶ପୃଷ୍ଠା ୧୧ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-30 •THURSDAY •24 JULY 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୦ •ଗୁରୁବାର •୨୪ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଗାଜିଆବାଦ୍‌ରେ ନକଲି ଦୂତାବାସ





■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଦୁଇ ମହଲା ବିଶିଷ୍ଟ ବିଳାପୂର୍ଣ୍ଣ କୋଠା। ଉଡୁଛି ବିଦେଶୀ ପତାକା। ଘର ଆଗରେ ୪ଟି ଦମୀ କାର। ପୁଣି ଏଥିରେ କୂଟନୈତିକ ନମ୍ବର। ଗୋଟିଏ କାରର ନେମ୍ ପ୍ଲେଟରେ ଲେଖା ହୋଇଛି - ଗ୍ରାଣ୍ଡ ଡଚି ଅଫ୍ ୱେଷ୍ଟାରଟିକା। ହିଜ୍ ଏକ୍ସେଲେନ୍ସି ଏଚଭି ଜୈନ। ଅନରାରୀ କନସେଲ। କିନ୍ତୁ ଏହା ଯେ ନକଲି ଏହାର ଟେର୍ କେହି ପାଇ ପାରିନଥିଲେ। ପାଖରେ ପୁଲିସ କମିସନର ଅଫିସ ଥିଲେ ମଧ୍ୟ କେହି ଏହାକୁ ସନ୍ଦେହ ଘେରକୁ ଆଣିପାରି ନଥିଲେ।

ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଦୀର୍ଘ ଦିନ ଧରି ଚାଲିଥିଲା ଏହି ନକଲି ଦୂତାବାସ। ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ଠକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଏହାର ପର୍ଦ୍ଦାଫାସ ହୋଇଛି। ତା ପାଖରେ ଭିଆଇପି ନଂ ବିଶିଷ୍ଟ ୪ଟି ନକଲି କାଗଜ ଓ ନଗଦ ୪୪.୭୦ ଲକ୍ଷ ଟଙ୍କା ମଧ୍ୟ ଏସ୍‌ଟିଏଫ୍ ଜବତ କରିଛି। ହର୍ଷବର୍ଦ୍ଧନ କେଭି ୩୫ କବିନଗରରେ ଏକ ବିଳାସପୂର୍ଣ୍ଣ ଘରା ଭଡା ନେଇ ଅବୈଧ ଭାବେ 'ୱେଷ୍ଟ ଆର୍କଟିକ ଦୂତାବାସ'

## ରାଷ୍ଟ୍ରଦୂତ ନକଲି, ଗାଡ଼ି ନମ୍ବର ବି ନକଲି

ବିଳାଷପୂର୍ଣ୍ଣ କାର୍ ଜବତ କରାଯାଇଛି। ଏଥିସହ ଭିନ୍ନ ଭିନ୍ନ ଦେଶ ଓ କମ୍ପାନୀଗୁଡ଼ିକର ୩୪ଟି ଷ୍ଟାମ୍ପକୁ ମଧ୍ୟ ଜବତ କରାଯାଇଛି। ଏହା ବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟର ମୋହର ଲାଗିଥିବା ଚଳାଉଥିଲା। ଏହି ଅଞ୍ଚଳରେ ପୁଲିସ କମିସନ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମେତ ଏକାଧିକ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ନକଲି ଦୂତାବାସ ବାହାରେ ଅନୁପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ନେମ୍ ପ୍ଲେଟ ରହିଛି। ଏହଠାରୁ ୧୦୦ମିଟର ଦୂରରେ ଥିବା ଦ୍ୱିତୀୟ ଘରେ ହର୍ଷବର୍ଦ୍ଧନ ଯିବା ଆସିବା କରୁଥିଲା ଓ ଏହା ତାଙ୍କ ବାପାଙ୍କ ଥିଲା। ୪୭ ବର୍ଷୀୟ ହର୍ଷବର୍ଦ୍ଧନ ଗାଜିଆବାଦ୍‌ରୁ ବିବିଏ କରିବା ପରେ ଲଣ୍ଡନରେ ଏମ୍‌ବିଏ କରିଥିଲା। ତା ପିତା ଜଣେ ଉଦ୍ୟୋଗପତି ଥିଲେ ଓ ରୋଲିଂ ମିଲର ମାଲିକ ଥିଲେ।

ସେ ନିଜକୁ ୱେଷ୍ଟ ଆର୍କଟିକ, ସାବୋର୍ଘା, ପୁଲାୱିଆ ଓ ଲୋଡୋନିଆ ଦେଶର କନସୁଲ ଆମ୍ବାସାଡାର ବା ରାଜଦୂତର ପରିଚୟ ଦେଉଥିଲା। କିନ୍ତୁ ବିଶ୍ୱରେ ଏହି ନାମରେ କୌଣସି ଦେଶ ନାହିଁ। ସେ ଡିପ୍ଲୋମାଟିକ ନମ୍ବର ପ୍ଲେଟ ଲଗାଇ ଗାଡି ଚାଳାଉଥିଲା। ଲୋକଙ୍କୁ ପ୍ରଭାବିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ନିଜର ନକଲି ଫଟୋ ପ୍ରସ୍ତୁତି କରି ତା'ର ଅବୈଧ ବ୍ୟବହାର କରୁଥିଲା। ବିଦେଶରେ ଚାକିରି କରାଇଦେବା ଲୋଭ ଦେଖାଇ ସେ ଦଲାଲି କରୁଥିଲା ଏବଂ ବିଭିନ୍ ଶେଲ କମ୍ପାନୀ ଜରିଆରେ ହାୱାଲା ର୍ୟାକେଟ୍ ଚଳାଉଥିଲା। ତାଠାରୁ ଦୁଇଟି ନକଲି ପ୍ରେସ୍ କାର୍ଡ, ପ୍ୟାନ କାର୍ଡ, ୧୨ଟି ଡିପ୍ଲୋମାଟିକ୍ ପାସ୍‌ପୋର୍ଟ, ଏକାଧିକ ଦେଶରେ ବିଦେଶୀ ମୁଦ୍ରା, ବଭିନ୍ନ କମ୍ପାନୀ କାଗଜପତ୍ର, ୧୮ଟି ଡିପ୍ଲୋମାଟିକ ନମ୍ବର ଜବତ କରାଯାଇଛି। ଚଢାଉ ପୂର୍ବରୁ ଏସ୍‌ଟିଏଫ୍ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମାଧ୍ୟମରେ ବୈଦେଶିକ ମନ୍ତ୍ରଣାଳୟକୁ ନକଲି ଦୂତାବାସ ଚାଲୁଥିବା ନେଇ ସୂଚନା ଦେଇଥିଲା।

# ସଂସଦ ଅଚଳାବସ୍ଥା ଜାରି

## ଆସନ୍ତା ସପ୍ତାହରେ 'ପହଲଗାମ', 'ଅପରେସନ ସିନ୍ଦୂର' ଆଲୋଚନା

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବିରେ ସଂସଦ ଆଜି ବି ଅଚଳ ରହିଛି। ଆଲୋଚନା ପାଇଁ ବିରୋଧୀ ଦଳ ଏହାର ଜିଦରେ ଅଟଳ ରହିଥିବା ବେଳେ ସରକାର ରାଜି ହେଉ ନାହାନ୍ତି। ଅନ୍ୟପକ୍ଷରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ଆସନ୍ତା ସପ୍ତାହ ସଂସଦରେ ଆଲୋଚନ ପାଇଁ ସ୍ଥିର ହୋଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ତେବେ ପ୍ରଧାନମନ୍ତ୍ରୀ ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।




ବିହାର ଭୋଟର ତାଲିକା ସଂଶୋଧନ ନେଇ ଉତ୍କ୍ଷିପ୍ତ ଥିବା ସମସ୍ତ ବିରୋଧୀ ଦଳ ଏହା ଉପରେ ଆଲୋଚନା ପାଇଁ ସଂସଦରେ ଆଜି ଅଡ଼ିବସିଥିଲେ। ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଭ୍ୟମାନେ ସେମାନଙ୍କ ଦାବିରେ ସ୍ଲୋଗାନବାଜି କରିବା ସହିତ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇଟା ପରେ ପୁଣି ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ▶ପୃଷ୍ଠା-୭

## ଅଗଷ୍ଟ ଶେଷ ସୁଦ୍ଧା ଉପରାଷ୍ଟ୍ରପତି ନିର୍ବାଚନ

**ପ୍ରକ୍ରିୟା ଆରମ୍ଭ କଲେ ନିର୍ବାଚନ କମିସନ**

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଅଗଷ୍ଟ ମାସ ଶେଷ ଆଡକୁ ନୂଆ ଉପରାଷ୍ଟ୍ରପତି ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ କମିସନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସଂପର୍କରେ ସ୍ୱରାଷ୍ଟ୍ର ବିଭାଗ କମିସନଙ୍କୁ ଜଣାଇଦେବା ପରେ କମିସନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦୁଇରୁ ଚାରି ଦିନ ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ-୧୯୫୨ ଅନୁଯାୟୀ ବିଜ୍ଞପ୍ତି ଜାରି ହେବାର ୩୨ ଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବା ଜରୁରୀ। ବିଜ୍ଞପ୍ତି ଜାରି ହେବାର ୧୪ ଦିନ ମଧ୍ୟରେ ମନୋନୟନପତ୍ର ଦାଖଲ କରିବେ ପ୍ରାର୍ଥୀ। ଏହାପରେ ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବାପରେ ଭୋଟଗ୍ରହଣ କରାଯିବ। ▶ପୃଷ୍ଠା-୭

**ଭେଟିବାକୁ ବିରୋଧୀଙ୍କ ଲମ୍ଫାଧାଡ଼ି**



## ଧରାଛୁଆଁ ଦେଉନାହାନ୍ତି ଧନଖଡ଼

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଉପରାଷ୍ଟ୍ରପତି ପଦରୁ ଯେଉଁଦିନ ଇସ୍ତଫା ଦେଲେ, ସେହିଦିନ ଠାରୁ ଘର ଖାଲି କରିବା ଆରମ୍ଭ କରିଦେଇଛନ୍ତି ଜଗଦୀପ ଧନଖଡ଼। ମିଳିଥିବା ସୂଚନା ଅନୁଯାୟୀ ଗତ ୨୧ ତାରିଖ ରାତି ୯ଟାରେ ଧନଖଡ଼ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବା ପରେ ୯ଟା୨୫ରେ ଏହି ଇସ୍ତଫାପତ୍ରର ନକଲକୁ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଥିଲେ। ସେହି ରାତିରୁ ହିଁ ସେ ଉପରାଷ୍ଟ୍ରପତି ଭବନରୁ ନିଜର ଜିନିଷପତ୍ର ପ୍ୟାକିଂ କରିବା ଆରମ୍ଭ କରିଦେଇଥିଲେ। ପାର୍ଲାମେଣ୍ଟ ହାଉସ ନିକଟବର୍ତ୍ତୀ ଚର୍ଚ୍ଚ ରୋଡ୍‌ରେ ନବନିର୍ମିତ ଭାଇସ୍ ପ୍ରେସିଡେଣ୍ଟ ଏନ୍‌କ୍ଲେଭରେ ରହୁଛନ୍ତି ଧନଖଡ଼। ଗତବର୍ଷ ଏପ୍ରିଲ ମାସରେ ସେ ଏହି ନୂଆ ଘରକୁ ଆସିଥିଲେ। ଏଠି ୧୫ ମାସ ରହିବା ପରେ ୭୪ ବର୍ଷୀୟ ଧନଖଡ଼ ଘର ଖାଲି କରିବା ଆରମ୍ଭ କରିଛନ୍ତି। ଜଣେ ସରକାରୀ ଅଧିକାରୀ ▶ପୃଷ୍ଠା-୭

## ୨୦୨୬ରୁ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ୨୦୨୬ ଜାନୁଆରୀ ପହିଲାରୁ ଦେଶରେ ଲାଗୁ ହେବ ୮ମ ବେତନ ଆୟୋଗଙ୍କ ସୁପାରିସ। ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ୨୦୨୫ ଜାନୁଆରୀ ୧୬ରେ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଥିଲେ। ଆୟୋଗ ଦେଶର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ସମୀକ୍ଷା କରିବେ।

୮ମ ବେତନ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ ପ୍ରତିରକ୍ଷା କର୍ମଚାରୀଙ୍କ ସମେତ ଦେଶର୫୦ ଲକ୍ଷରୁ ଅଧିକ କେନ୍ଦ୍ରୀୟ କର୍ମଚାରୀ ଏବଂ ପ୍ରାୟ ୬୫ ଲକ୍ଷ ପେନସନଭୋଗୀ ଦରମା, ପେନସନ ଏବଂ ଭତ୍ତା ସଂଶୋଧନରୁ ଉପକୃତ ହେବେ। ଆଶା କରାଯାଉଛି ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ପରେ ଲେବଲ-୧ କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ଟଙ୍କାରୁ ୫୧,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଆୟୋଗ ୨.୮୬ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରିବେ। ଏହା ଦରମା ବୃଦ୍ଧିର କାରଣ। ସେହିପରି, ଅନ୍ୟ ସ୍ତରର କର୍ମଚାରୀଙ୍କ ଦରମା ମଧ୍ୟ ଫିଟମେଣ୍ଟ ଫ୍ୟାକ୍ଟର ଆଧାରରେ ବୃଦ୍ଧି ପାଇବ। କର୍ମଚାରୀଙ୍କ ସ୍ତର ମିଶ୍ରଣ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା।

### ପୁରୁଣା ପେନ୍‌ସନ୍ ସ୍କିମ୍ କାର୍ଯ୍ୟକାରୀ କରିବାକୁ କର୍ମଚାରୀଙ୍କ ଦାବି

ହେଲେ ୮ମ ବେତନ ଆୟୋଗଙ୍କ ସୁପାରିସକୁ ନେଇ ସରକାରୀ କର୍ମଚାରୀମାନେ ଏହାକୁ ନେଇ ସେତେଟା ଖୁସିନାହାନ୍ତି। ସେମାନେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏଥିରେ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃସଂସ୍ଥାପିତ କରିବା ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସୁବିଧା ବୃଦ୍ଧି କରିବା ଭଳି ଦାବି ଅନ୍ତର୍ଭୁକ୍ତ। କର୍ମଚାରୀଙ୍କ ପ୍ରତିନିଧିମାନେ ୨୦୦୪ ପରେ ଚାକିରି ଆରମ୍ଭ କରିଥିବା ସରକାରୀ କର୍ମଚାରୀଙ୍କ ▶ପୃଷ୍ଠା-୭

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

## ପାଖରେ ଥିବା ଦୁଇ ଛାତ୍ରୀଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ

■ **ବାଲେଶ୍ୱର, ୨୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ଗତ ୧୨ ତାରିଖ ଶନିବାର ଦିନ ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ନିକଟରେ ଦୁଇଜଣ ଛାତ୍ରୀ ଉପସ୍ଥିତ ଥିଲେ। ତେବେ ଉକ୍ତ ଘଟଣା ପରଠାରୁ ଉଭୟଙ୍କ ଖୋଜଖବର ମିଳୁନି। ବୁଧବାର କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଦୁଇ ଛାତ୍ରୀଙ୍କ ଫଟୋକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କୁ ଦେଇ ଚିହ୍ନଟ କରିବା ପାଇଁ କହିଥିଲେ। ହେଲେ ଏଯାବତ୍ ସମ୍ପୃକ୍ତ ଦୁଇ ଛାତ୍ରୀଙ୍କ ପରିଚୟ ଜଣାପଡ଼ିନି।

କଲେଜ ଅଧ୍ୟକ୍ଷ ଶ୍ରୀ ପାଢ଼ୀ କହିଛନ୍ତି ଯେ ଘଟଣା ଦିନ ସୌମ୍ୟାଶ୍ରୀଙ୍କ ନିକଟରେ ଉପସ୍ଥିତ ଥିବା ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ରୀ ଭଳି ଲାଗୁଥିବା ବେଳେ ଅନ୍ୟଜଣଙ୍କ ସଂପର୍କରେ

- ■ ଘଟଣା ପରଠାରୁ କଲେଜ ଆସୁନାହାନ୍ତି
- ■ ହ୍ୱାଟସ୍‌ଆପ୍‌ରେ ସେୟାର ହେଲା ଫଟୋ
- ■ ଅନ୍ୟ ଦୁଇ ଛାତ୍ରୀଙ୍କ ବୟାନ ରେକର୍ଡ

ସଠିକ୍ ଭାବେ ଜଣାପଡ଼ିନାହିଁ। ଏପରିକି, ଭାଇରାଲ ଭିଡିଓରେ ସେମାନଙ୍କ ଫଟୋ ସଠିକ୍ ଭାବେ ଆସୁନଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ସେମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅପରପେକ୍ଷ, କିଛି ମୋବାଇଲ ନମ୍ବର ମଧ୍ୟ କ୍ରାଇମବ୍ରାଞ୍ଚକୁ କଲେଜ ପକ୍ଷରୁ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନଙ୍କର ସନ୍ଧାନ ମିଳିପାରିବ। ଏହାଛଡ଼ା ସେମାନଙ୍କର ଫଟୋକୁ କଲେଜର ସମସ୍ତ ହ୍ୱାଟ୍ସଆପ୍ ଗ୍ରୁପ ଏବଂ ଛାତ୍ରଛାତ୍ରୀଙ୍କ ଗ୍ରୁପରେ ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଉ ଦୁଇଜଣ ଛାତ୍ରୀଙ୍କର ବୟାନ ରେକର୍ଡ ହୋଇଛି। ବିଏନ୍‌ଏସ୍ ଧାରା ୧୮୩ ଅନୁସାରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଡିଏସପି ଇମାମ କଲ୍ୟାଣ ନାୟକ କହିଛନ୍ତି ଯେ ଆଜି ଦୁଇଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

**ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ଘଟଣା**

**ଚାରି ଦିନ ପରେ ବି ହାତ ଖାଲି**

## ଗାଏବ ହୋଇଗଲେ କି ଅଭିଯୁକ୍ତ ?

■ **ପୁରୀ, ୨୩।୭ (ସମିସ):** ରସାତଳକୁ ଗଲାଣି ରାଜ୍ୟରେ ଆଇନଶୃଙ୍ଖଳା। ବାଲେଶ୍ୱରରୁ ବଳଙ୍ଗା, ଯାଜପୁରରୁ ଜଗତ୍‌ସିଂହପୁର ଜାତୀୟସ୍ତରରେ ରାଜ୍ୟକୁ ବଦ୍‌ନାମ କଲାଣି। ଏଠି ମହିଳା ହିଂସା, ନାରୀ ନିର୍ଯାତନା ଆଉ ସରକାରଙ୍କ କାବୁରେ ନାହିଁ। ଅପରାଧୀ ବେପିକର, ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ମାଳ ମାଳ ଅଭିଯୋଗ ଆସୁଛି। ଏସବୁ ଭିତରେ ସବୁଠୁ ଅଧିକ ଲୋମହର୍ଷଣକାରୀ ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ। ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜୀଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୭୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବା ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଜୀବନ ସହ ଜୁଝି ହେଉଥିବା ବେଳେ ଏପଟେ କିଏ ସେ ଅଭିଯୁକ୍ତ ତାହା ଉପରୁ ପରଦା ହଟିପାରୁ ନାହିଁ। ଏହି ସମ୍ବେଦନଶୀଳ ଘଟଣାକୁ ଇତିମଧ୍ୟରେ

### ଅଣ୍ଡାଳି ହେଉଛନ୍ତି ପୁଲିସ, କ୍ରାଇମ୍‌ବ୍ରାଞ୍ଚ

### ଘଟଣାସ୍ଥଳରୁ ମିଳିଥିବା ମୁଦି, ଚୁଡ଼ି କାହାର?

ପାଞ୍ଚଦିନ ବିତିଲାଣି। ହେଲେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଥଳକୂଳ ପାଉ ନ ଥିବାବେଳେ ତଦନ୍ତ ନାଁରେ ଖାଲି ଅଣ୍ଡାଳି ହେଉଛନ୍ତି।

ଗତ ଶନିବାର ସକାଳେ ଏହୀ ଲୋମହର୍ଷଣକାରୀ ଘଟଣା ଘଟିବା ପରଠାରୁ ବଳଙ୍ଗା ଚର୍ଚ୍ଚାରେ ରହିଛି। ଏହି ପ୍ରସଙ୍ଗ ଏବେ କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରରେ ବି ଆଲୋଡନ ଖେଳାଇଛି। ଏପରି କି ସୁପ୍ରିମ୍‌କୋର୍ଟ ମଧ୍ୟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛି ପୁଲିସ। ଏହି ଘଟଣା ଜଣାପଡିବା ପରେ ବଳଙ୍ଗାକୁ ଧାଇଁଛନ୍ତି ନେତା, ମନ୍ତ୍ରୀଙ୍କ ସମେତ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ। ବିଭିନ୍ନ ରାଜନୈତିକ ନେତୃତ୍ୱ ଘନ ଘନ ଗସ୍ତ କରୁଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟିବା ▶ପୃଷ୍ଠା-୭

**ବାହାସ୍ଫୋଟ ମାରି ପଛଘୁଞ୍ଚା ଦେଲେ ଯୋଗାଣ ମନ୍ତ୍ରୀ**

# ଆଳୁ ପାଇଁ ପୁଣି ପଶ୍ଚିମବଙ୍ଗକୁ ହାତ ପତାଇବେ



### ଉତ୍ପାଦନରେ ଆତ୍ମନିର୍ଭର ଧୂଆଁବାଣ

### ତୀବ୍ର ସମାଲୋଚନା କଲେ ବିରୋଧୀ

■ **ଭୁବନେଶ୍ୱର, ୨୩।୭ (ସମିସ):** ଗତବର୍ଷ ଅଗଷ୍ଟ ମାସରେ ଘୋର ଆଳୁ ସଂକଟର ସାମ୍ନା କରିଥିଲା ଓଡ଼ିଶା। ଆଳୁ ପାଇଁ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବର୍ଷ ବି ସେଭଳି ସ୍ଥିତି ହେବା ନେଇ ଆଶଙ୍କା ସୃଷ୍ଟି ହେଲାଣି। କାରଣ ଗତବର୍ଷ ଆଳୁର ଟିରୋଟ ସମୟରେ ପଶ୍ଚିମବଙ୍ଗ ଓଡ଼ିଶାକୁ ରପ୍ତାନୀ ବନ୍ଦ କରି ଦେଇଥିଲା। ସେତେବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାହାସ୍ଫୋଟ ମାରି କହିଲେ, ଆମେ ଏଥର ଆଳୁ ନିଜେ ଚାଷ କରିବୁ। ପଶ୍ଚିମବଙ୍ଗ ଉପରେ ଆଉ ନିର୍ଭରଶୀଳ ହେବୁନି। ଆମ ରାଜ୍ୟ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ। ଏଥିପାଇଁ ସରକାର କୃଷି ବିଭାଗ ସହ ମିଶି ସମସ୍ତ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ଫଳାଫଳ ଦେଖିବେ ରାଜ୍ୟବାସୀ। ମାତ୍ର ବର୍ଷକ ପରେ ଯୋଗାଣ ମନ୍ତ୍ରୀ ନିଜ ମତ ବଦଳାଇଛନ୍ତି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମ ରାଜ୍ୟର ଆବଶ୍ୟକତାନୁସାରେ ଆମେ ଆଳୁ ଉତ୍ପାଦନ କରିପାରିନୁ। ଆମକୁ ପଶ୍ଚିମବଙ୍ଗରୁ ଆଣିବାକୁ ପଡ଼ିବ। ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଏ ବାବଦରେ ଆଲୋଚନା କରିବି। ମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପରେ ବିରୋଧୀ ଉଭୟେ ବିଜେଡି ଓ କଂଗ୍ରେସ ତୀବ୍ର ସମାଲୋଚନା କରିଛନ୍ତି।

ସୂଚନାନୁସାରେ, ଆମ ରାଜ୍ୟରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ରହିଛି। ଏଥିରୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଓଡ଼ିଶା ଚାଷୀ ଉତ୍ପାଦନ କରିଥାନ୍ତି। ବାକି ପଶ୍ଚିମବଙ୍ଗଠାରୁ ଆମଦାନୀ କରିବାକୁ ପଡ଼ିଥାଏ। ମାତ୍ର ଚଳିତବର୍ଷ ଆମ ରାଜ୍ୟରେ ଆଉ ୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ବୃଦ୍ଧି ପାଇଛି। ଏବେ ବି ରାଜ୍ୟବାସୀଙ୍କ ଭରଣା ପାଇଁ ଆହୁରି ୯ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ରହିଛି। ▶ପୃଷ୍ଠା-୭

**ଆଜି ସୃଷ୍ଟିହେବ ଲଘୁଚାପ**

## ୨୭ ପର୍ଯ୍ୟନ୍ତ ବର୍ଷା

■ **ଭୁବନେଶ୍ୱର, ୨୩।୭ (ସମିସ):** ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ ଗୁରୁବାର ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଲଘୁଚାପ ସୃଷ୍ଟି ପରେ ଏହା ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ଅବପାତର ରୂପ ନେବାକୁ ଥିବାରୁ ଆଗକୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହ ଲଘୁଚାପ ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବାକୁ ଥିବା ବେଳେ ୨୪ ଓ ୨୫ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଗୁରୁବାର ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ଚାରି ଜିଲ୍ଲାରେ ୭ରୁ ୨୦ ସେମି ବର୍ଷା ନେଇ ଅରେଞ୍ଜ ଆର୍ଲଟ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଜପତିକୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ଆସନ୍ତା ▶ପୃଷ୍ଠା-୭



## ବିହାରର ପ୍ରତି ନିର୍ବାଚନମଣ୍ଡଳୀରୁ ବାଦ୍‌ହେବେ ୨୩ ହଜାର ଭୋଟର

ପାଟନା, ୨୩।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରୁ ୫୬ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯିବ। ଯାଞ୍ଚ କରି ନ ଥିବା ଭୋଟରଙ୍କ ମଧ୍ୟରେ ୨୦ ଲକ୍ଷ ମୃତ୍ୟୁବରଣ କରିଥିବାବେଳେ ୨୮ ଲକ୍ଷ ଅନ୍ୟ ରାଜ୍ୟର ବାସିନ୍ଦା ହୋଇ ଯାଇଛନ୍ତି। ୭ ଲକ୍ଷ ଲୋକ ଦୁଇଟି ସ୍ଥାନରେ ପଞ୍ଜିକରଣ କରିଥିବାବେଳେ ଲକ୍ଷେ ଲୋକଙ୍କୁ ଠାବ କରାଯାଇପାରି ନାହିଁ। ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୧୫ ଲକ୍ଷ ଭୋଟର ଯାଞ୍ଚ ଫର୍ମ ଫେରାଇ ନାହାନ୍ତି ବୋଲି କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ୫୨ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଛି ବୋଲି ଇସି କହିଥିଲେ। ବିହାରରେ ମୋଟ ୨୪୩ ବିଧାନସଭା ଆସନ ରହିଛି। ୫୬ ଲକ୍ଷ ଲୋକଙ୍କୁ ତାଲିକାରୁ ବାଦ ଦେଲେ ପ୍ରତି ନିର୍ବାଚନମଣ୍ଡଳୀରୁ ୨୩, ୦୪୫ ଭୋଟରଙ୍କୁ ଭୋଟ ଦେବାକୁ ଅଧିକାର ମିଳିବ ନାହିଁ। ତେବେ ବିରୋଧୀ ଏହାକୁ ବିରୋଧ କରିଛନ୍ତି। ଯଦି ପୂର୍ବରୁ ଥିବା ଭୋଟର ତାଲିକାରୁ ଏକ ପ୍ରତିଶତ ଭୋଟରଙ୍କୁ ବି ବାଦ ଦିଆଯାଏ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ ବୋଲି ବିରୋଧୀ କହିଛନ୍ତି। ଇସି ବିଜେପି ଇଙ୍ଗିତରେ ଚାଲିଛନ୍ତି ବୋଲି ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ଏଭଳି ସ୍ଥିତିରେ ନିର୍ବାଚନ କରାଇବା ନିରର୍ଥକ। ଏହାକୁ ନେଇ ଇଣ୍ଡିଆ ମେଣ୍ଟ ନିର୍ବାଚନ ବର୍ଜନ କରିବ କି ବୋଲି ତେଜସ୍ୱୀଙ୍କୁ ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏହା ଉପରେ ବିଚାର କରାଯିବ ବୋଲି ସେ କହିଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

## ୨ ବ୍ରିଟିଶ ପରିବାରକୁ ଯାଇଛି ଭୁଲ ମୃତଦେହ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ବ୍ରିଟେନର ଦୁଇ ପରିବାରକୁ ଭୁଲ ମୃତଦେହ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ମୃତଦେହଗୁଡ଼ିକର ଡିଏନ୍‌ଏ ମେଳ ଖାଉନି ବୋଲି ଏହି ଦୁଇ ପରିବାରର ଓକିଲ ଜେମ୍ସ ହିଲି କହିଛନ୍ତି। ଅନ୍ତିମ ସଂସ୍କାର କରିବା ପୂର୍ବରୁ ଏହା ଜଣାପଡ଼ିଥିଲା। ଫଳରେ ଅନ୍ତିମ ସଂସ୍କାର କର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏନେଇ ଏୟାର ଇଣ୍ଡିଆ ଯାଞ୍ଚ ଆରମ୍ଭ କରିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇନାହିଁ। ଏବେ ବ୍ରିଟିଶ ଅଧିକାରୀମାନଙ୍କ ସହ ସାଥି ହୋଇ କାର୍ଯ୍ୟ କରିବୁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ତେବେ ଭାରତରେ ଅଧିକାରୀମାନେ ନିୟମ ଅନୁସାରେ ମୃତଦେହଗୁଡ଼ିକର ପରିଚୟ ନିର୍ଦ୍ଧାରଣ କରିଥିଲେ। ୧୩ଟି ମୃତଦେହକୁ ବ୍ରିଟେନ ପଠାଯାଇଥିଲା।

## କେଦାରନାଥକୁ ୭ କିମିର ଟନେଲ ନିର୍ମାଣ ହେବ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): କେନ୍ଦ୍ରୀୟ ସଡକ ପରିବହନ ମନ୍ତ୍ରଣାଳୟ କେଦାରନାଥ ପର୍ଯ୍ୟନ୍ତ ୭ କିମି ଲମ୍ବର ସୁଡ଼ଙ୍ଗ ବା ଟନେଲ ନିର୍ମାଣ କରିବାକୁ ଯୋଜନା କରୁଛି। ଯଦି ଏହା ସମ୍ଭବ ହୁଏ, ତେବେ ଆଗାମୀ ୪-୫ ବର୍ଷରେ କେଦାରନାଥ ମନ୍ଦିରକୁ ଯିବା ପାଇଁ ଦୁଇଟି ରାସ୍ତା ଶ୍ରଦ୍ଧାଳୁଙ୍କ ପାଇଁ ଉପଲବ୍ଧ ହେବ। ଗୋଟିଏ ରାସ୍ତା ସବୁ ଋତୁରେ ମନ୍ଦିର ପର୍ଯ୍ୟନ୍ତ ସିଧା ଯାଇ ପହଞ୍ଚିବ। ଏବେ ଗୌରୀକୁଣ୍ଡରୁ ରାମବାଡା- ଲିଚୋଲି ବାଟ ଦେଇ କେଦାର ଧାମ ପର୍ଯ୍ୟନ୍ତ ପାଦରେ ଚାଲିବାକୁ ହେଉଛି ଓ ଏହି ରାସ୍ତା ୧୬ କିମି ଲମ୍ବା। ଟନେଲ ହେବା ପରେ ଆଉ ମାତ୍ର ୫ କିମି ବାକି ରହିବ। ଅର୍ଥାତ ମୋଟ ଉପରେ ୧୬ କିମି ରାସ୍ତା କମ ହେବ। ୨୦୧୩ରୁ ୨୦୨୪ ପର୍ଯ୍ୟନ୍ତ ହୋଇଥିବା ଏକାଧିକ ପ୍ରାକୃ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ନୂଆ ନିରାପଦ ରାସ୍ତା ନିର୍ମାଣ କରିବାକୁ ଯୋଜାନ ଆରମ୍ଭ କରିଛନ୍ତି। ଏଥିପାଇଁ ସର୍ଭେକ୍ଷଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନୂଆ ରାସ୍ତ ଲ୍ୟାଣ୍ଡ ସ୍ଲାଇଡ୍ ଜୋନରେ ନାହିଁ। ପୁରୁଣା ରାସ୍ତାରୁ ଏହା ଅଧିକ ସୁରକ୍ଷିତ ବୋଲି କୁହାଯାଇଛି।

## ୪ ଅଲ୍‌କାଏଦା ଆତଙ୍କବାଦୀ ଗିରଫ

ଅହମଦାବାଦ୍, ୨୩।୭(ଏଜେନ୍ସି): ୪ ଜଣ ଅଲ-କାଏଦା ଆତଙ୍କବାଦୀଙ୍କୁ ଗରିଫ୍ କରିଛି ବୋଲି ଗୁଜରାଟ ଆଣ୍ଟି ଟେରରିଷ୍ଟ ସ୍କାଡ (ଏଟିଏସ୍) ସୂଚନା ଦେଇଛି। ଗୁଜରାଟରୁ ଦୁଇ, ଦିଲ୍ଲୀ ଓ ନୋଇଡାରୁ ଜଣେ ଲେଖାଏ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରାଯାଇଛି। ଏହି ୪ ଜଣ ନକଲି ନୋଟ୍ ର୍‌ୟାକେଟ୍ ଓ ଆତଙ୍କବାଦୀ ସଂଗଠନର ଲୋକଙ୍କ ସହିତ ଜଡିତ ରହି କାର୍ଯ୍ୟ କରୁଥିଲେ। ଏମାନେ ଏକ ବିଶେଷଧରଣର ଆପ୍ (ଅଟୋ ଡିଲିଟ୍ ଆପ୍) ବ୍ୟବହାର କରୁଥିଲେ। ଯେଉଁଥିରେ କେଣ୍ଟେଣ୍ଟଗୁଡ଼ିକ ଆପେ ଆପେ ଡିଲିଟ୍ ହୋଉଥିଲା। ଏହି ୪ ଜଣ ଆଲ-କାଏଦା ଇନ୍ ଇଣ୍ଡିଆନ ସବକଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) ସହିତ ଜଡ଼ିତ ଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଓ ଆଉ କିଛି ସନ୍ଦିଗ୍ଧ ଆପ୍ ଜରିଆରେ ଲୋକଙ୍କୁ ସହ ସମ୍ପର୍କରେ ଆସୁଥିଲେ ଓ ଏମାନେ ବହୁଦିନ ହେବ ନଜରରେ ରହୁଥିଲେ ବୋଲି ଏଟିଏସ୍ କହିଛି।

## ଭାରତ ନ ଥିଲେ ଆମ ଅର୍ଥନୀତି ବର୍‌ବାଦ ହୋଇଥାନ୍ତା: ମାଳଦୀପ ପୂର୍ବତନ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଭାରତ ଲାଗି ଆମ ଅର୍ଥନୀତି ବର୍ବାଦ ହେବାରୁ ବଞ୍ଚିଯାଇଛି ବୋଲି ମାଳଦୀପ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନସିଦ କହିଛନ୍ତି। ମାଳଦୀପର ଆର୍ଥିକ ସ୍ଥିତି ବହୁତ ଖରାପ ହୋଇଯାଇଥିଲା। ଯଦି ଭାରତ ଠିକ୍ ସମୟରେ ସହାଯ୍ୟ କରି ନଥାନ୍ତା, ତେବେ ମାଳଦୀପ ଦେବାଳିଆ ହୋଇଯାଇଥାନ୍ତା ବୋଲି ସେ କହିଛନ୍ତି। ୨୦୨୨-୨୩ରେ ମାଳଦୀପର ପର୍ଯ୍ୟଟନ ଶିଳ୍ପ ଠପ୍ ହେବା କାରଣରୁ ମାଳଦୀପ ଆର୍ଥିକ ବିପର୍ଯ୍ୟୟକୁ ଚାଲିଯାଇଥିଲା। ବିଦେଶୀ ଋଣ ମଧ୍ୟ ବଢ଼ିଯାଇଥିଲା। ଦେଶରେ ଗଚ୍ଛିତ ଡଲାର ପରିମାଣ ଯଥେଷ୍ଟ କମିଯାଇଥିଲା। ଏଭଳି ସ୍ଥିତିରେ ଭାରତ ଶସ୍ୟ, ଇନ୍ଧନ ଯୋଗାଣ ଓ କ୍ରେଡିଟ୍ ଲାଇନ ପ୍ରଦାନ କରି ମାଳଦୀପକୁ ଦେବାଳିଆ ହେବାରୁ ବଞ୍ଚାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ୨୫ ଓ ୨୬ରେ ମାଳଦୀପ ଗସ୍ତରେ ଯିବା ପୂର୍ବରୁ ନସିଦ ଏହି ମନ୍ତବ୍ୟ ଦେଇଛନ୍ତି।

# ପୁଲିସ ପ୍ରଶିକ୍ଷଣ ଶିବିରରେ ବି ମହିଳା ଅସୁରକ୍ଷିତ

## ଗାଧୁଆ ଘରେ ଲାଗିଛି କ୍ୟାମେରା



ଗୋରଖପୁର, ୨୩।୭ (ଏଜେନ୍ସି): ସାରା ଦେଶରେ ମହିଳା ସୁରକ୍ଷା ପ୍ରସଙ୍ଗ ଚିନ୍ତାର ବିଷୟ ପାଲଟିଛି। ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହୁଲସ୍ଥୁଲ୍ ହେଉଛି। ବିରୋଧୀ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ଦାବି କରୁଛନ୍ତି। ଏପରି ସମୟରେ ଡବଲ ଇଞ୍ଜିନ୍ ସରକାର ଥିବା ଉତ୍ତର ପ୍ରଦେଶରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ସୁରକ୍ଷା ଦେଉଥିବା ପୁଲିସ ବାହିନୀରେ ବି ମହିଳା ଅସୁରକ୍ଷିତ ଅଛନ୍ତି। ମହିଳା କର୍ମୀଙ୍କ ଉପରେ ଗୁପ୍ତରେ ନଜର ରଖାଯାଉଛି। ଏଥିପାଇଁ ଗାଧୁଆଘରେ (ବାଥରୁମ୍) କ୍ୟାମେରା ଖଞ୍ଜା ଯାଇଛି। ସବୁ କିଛି ରେକର୍ଡିଂ କରି ମହିଳା କନଷ୍ଟେବଳଙ୍କ ସମ୍ମାନ ସହ ଖେଳା ଯାଉଛି। ଗୋରଖପୁରର ବିଛିଆରେ ଥିବା ପ୍ରୋଭିନସିଆଲ ଆର୍ମ୍ଡ କନଷ୍ଟାବୁଲାରୀ (ପିଏସି) ଟ୍ରେନିଂ ସେଣ୍ଟରରେ ଏଭଳି ଘଟଣା ଘଟିଛି। ଏହାକୁ ନେଇ ବୁଧବାର ସକାଳ ୮ଟାରେ ଟ୍ରେନି ମହିଳା କନଷ୍ଟେବଳମାନେ ବିକ୍ଷୋଭ କରିଛନ୍ତି। ୬୦୦ ମହିଳା କନଷ୍ଟେବଳ କାନ୍ଦି କାନ୍ଦି ପ୍ରଶିକ୍ଷଣ କେନ୍ଦ୍ରର ବାହାରକୁ ଆସି ଯାଇଛନ୍ତି। ସେମାନେ ଏହି କେନ୍ଦ୍ରର ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଏହି ପ୍ରଶିକ୍ଷଣ କେନ୍ଦ୍ର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସେ ଗୋରଖପୁରରେ ପହଞ୍ଚି ଯାଇଛନ୍ତି। ମାତ୍ର ଏହାର ଦିନକ ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଯାଇଛି। ଜଣେ ମହିଳା କନଷ୍ଟେବଳ କହିଛନ୍ତି ଯେ ପ୍ରଶିକ୍ଷଣ କେନ୍ଦ୍ରର ଗାଧୁଆଘରେ କ୍ୟାମେରା ଲାଗିଛି। ଆମ ଭିଡିଓ ରେକର୍ଡ କରାଯାଇଛି। ଏ ସବୁକୁ ଫେରାଇ ହେବ କି? ଏବେ କ'ଣ ହେବ? କାଲି କିଛି ଅଧିକାରୀ ଆସିଥିଲେ। ସେମାନେ ଆମକୁ ଗାଳି ଦେଇ ଚାଲିଗଲେ। କିନ୍ତୁ କିଛି ଶୁଣି ନ ଥିଲେ। ଅନ୍ୟ ଜଣେ ମହିଳା ଟ୍ରେନିଂ ସେଣ୍ଟରରେ ଥିବା ଅବ୍ୟବସ୍ଥା ବିଷୟରେ ମଧ୍ୟ ମୁହଁ ଖୋଲିଛନ୍ତି। ୩୬୦ ମହିଳା ରହିବାରୁ ବ୍ୟବସ୍ଥା ଥିବାବେଳେ ୬୦୦ ଜଣ ରହୁଛନ୍ତି। ରାତିସାରି ବିଦ୍ୟୁତ ଆସୁ ନାହିଁ। ଜେନେରେଟରର ମଧ୍ୟ ବ୍ୟବସ୍ଥା ନାହିଁ। ସେଥିପାଇଁ ସାରା ରାତି ଅନିଦ୍ରା ହେବାକୁ ପଡୁଛି। ସକାଳେ ଗାଧୁଆଘରେ ପାଣି ମଧ୍ୟ ଆସୁନି। ପିଇବାକୁ ମାତ୍ର ଅଧ ଲିଟର ପାଣି ଦିଆଯାଉଛି। ଦିଆ ଯାଉଥିବା ଖାଦ୍ୟର ମାନ ମଧ୍ୟ ଠିକ୍ ରହୁ ନାହିଁ। ଏହି ସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶିକ୍ଷଣ କେନ୍ଦ୍ର ଭିତରକୁ ଯିବୁ ନାହିଁ ବୋଲି ବିକ୍ଷୋଭକାରୀ କହିଥିଲେ। ସେହିପରି ମହିଳାଙ୍କ ଗର୍ଭ ଯାଞ୍ଚ କରିବାକୁ ଡିଆଇଜି ରୋହନ ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିପାଇଁ ସିଏମଓଙ୍କୁ ଚିଠି ଲେଖି ମେଡିକାଲ ଟିମ୍ ଡକା ଯାଇଥିଲା। ଏହି ଆଦେଶକୁ ମଧ୍ୟ ମହିଳା କନଷ୍ଟେବଳ ବିରୋଧ କରିଥିଲେ। ତେବେ ପରେ ଆଇଜି ଟ୍ରେନିଂ ଚନ୍ଦ୍ର ପ୍ରକାଶ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଥିଲେ। ଗର୍ଭବତୀ ମହିଳା ସୂଚନା ଦେଇ ବ୍ୟାଚ୍‌ରୁ ଯାଇପାରିବେ ବୋଲି କହିଥିଲେ।

### କାନ୍ଦିଲେ ୬୦୦ ମହିଳା କନେଷ୍ଟବଳ

ଏହି ହଙ୍ଗାମାର ସୂଚନା ମିଳିବା ପରେ ଅଧିକାରୀଙ୍କ ନିଦ ହଜି ଯାଇଥିଲା। ତେଣୁ ଏହା ଜାଣିବା ପରେ ପ୍ରଶିକ୍ଷଣ କେନ୍ଦ୍ରର ଟ୍ରେନର ଏବଂ ଏଡିଜିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ମହିଳା କନଷ୍ଟେବଳଙ୍କୁ ବୁଝାଇସୁଝାଇ ଭିତରକୁ ନେଇ ଯାଇଥିଲେ। ପ୍ରାୟ ୫-୬ ଘଣ୍ଟା ପର୍ଯ୍ୟନ୍ତ ମହିଳାଙ୍କୁ ବୁଝାଇ ଥିଲେ। ତାଙ୍କୁ ସୁରକ୍ଷା ଦେବାର ଭରସା ଦେଇଥିଲେ। ସେମାନେ ଗାଧୁଆଘରର ଗ୍ୟାଲେରିରେ ଲାଗିଥିବା କ୍ୟାମେରା ହଟାଇବାକୁ ଦାବି କରିଥିଲେ। ରାଜି ହେବା ପରେ ମାମଲା ଶାନ୍ତ ହୋଇଥିଲା। ଏହି ମାମଲା ଲକ୍ଷ୍ନୌ ପର୍ଯ୍ୟନ୍ତ ପହଞ୍ଚି ଥିଲା। ଅଭଦ୍ର ଭାଷା ବ୍ୟବହାର କରିଥିବାରୁ ଫିଜିକାଲ ଟ୍ରେନିଂ ଇନଷ୍ଟ୍ରକ୍ଟର (ପିଟିଆଇଙ୍କୁ ନିଲମ୍ବନ କରିଦିଆଯାଇଛି। ସେହିପରି ଡିଜିପି ରାଜୀବ କୃଷ୍ଣ ନୋଟିସ ଦେବାର କିଛି ସମୟ ମଧ୍ୟରେ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏଥିରେ ସବୁ ପୁଲିସ ଟ୍ରେନିଂ ସେଣ୍ଟର, ପିଏସି, ଟ୍ରେନିଂ ଇନଷ୍ଟିଚ୍ୟୁଟ ଏବଂ କଲେଜର ପ୍ରମୁଖମାନେ ସାମିଲ ହୋଇଥିଲେ। ପିଏସି ଅଧିକାରୀଙ୍କୁ ଡିଜିପି ତୀବ୍ର ଭର୍ତ୍ସନା କରିଥିଲେ। ଟ୍ରେନିଂ ତାରିଖ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସତ୍ତ୍ୱେ ଅବ୍ୟବସ୍ଥା କେମିତି ହେଲା ବୋଲି ସେ ପଚାରି ଥିଲେ। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯଦି ମୁଖ୍ୟ ନଗରୀର ସ୍ଥିତି ଏପରି ତେବେ ଅନ୍ୟ କେନ୍ଦ୍ରରେ କ'ଣ ହେଉ ନ ଥିବ। ବିଜେପି ଖାଲି ସ୍ଲୋଗାନରେ ନାରୀ ବନ୍ଦନା କଥା କହୁଛି।

## ଚୀନ୍ ନାଗରିକଙ୍କୁ ୫ ବର୍ଷପରେ ଭିସା ଦେବ ଭାରତ

ନୂଆଦିଲ୍ଲୀ/ବେଜିଂ, ୨୩।୭(ଏଜେନ୍ସି): ପୁଣିଥରେ ଚୀନ୍ ନାଗରିକଙ୍କ ପାଇଁ ଭାରତ ତା'ର ଦ୍ୱାର ଖୋଲିବାକୁ ଯାଉଛି। ଦୀର୍ଘ ୫ ବର୍ଷ ପରେ ଚୀନ୍ ନାଗରିକଙ୍କୁ ଭାରତ ପ୍ରଥମଥର ପାଇଁ ଭିସା ଦେବ। ବେଜିଂସ୍ଥିତ ଭରାତୀୟ ଦୂତାବାସ ଏନେଇ ସୂଚନା ଦେଇଛି। ୨୦୨୦ରେ କରୋନା ମହମାରୀ ପାଇଁ ଭିଜା ଦେବା ପ୍ରକ୍ରିୟା ବନ୍ଦଥିଲା। ଏହାପରେ ୨୦୨୦ ଜୁନ୍‌ରେ ଗଲୱାନ ଘାଟିରେ ସୈନିକମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଭିସା ଦେବା ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହେବ। ଚୀନ ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ମଧ୍ୟ ଏ ନେଇ ଖବର ପରିବେଷଣ କରିଛି। ଫଳରେ ଚୀନ୍ ନାଗରିକ ଭାରତ ଆସିବା ନେଇ ପଥ ପରିଷ୍କାର ହୋଇଛି।

ଭାରତ ଭ୍ରମଣ କରିବାକୁ ଚୀନ୍ ନାଗରିକ ଏବେ ଭିସା ଆବେଦନ କରିପାରିବେ ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି। ଏଥିପାଇଁ ପ୍ରଥମେ ଅନ୍‌ଲାଇନ୍ ଆବେଦନ ଫର୍ମ ପୂରଣ କରିବାକୁ ହେବ ଓ ୱେବ୍‌ସାଇଟ୍‌ରେ ଆପଏଣ୍ଟମେଣ୍ଟ ନେବାକୁ ହେବ। ଏହାପରେ ନିଜର ପାସପୋର୍ଟ ଓ ଆବଶ୍ୟକୀୟ କାଗଜପତ୍ର ନେଇ ଭିସା କେନ୍ଦ୍ରକୁ ଯିବାକୁ ହେବ। ଏହି ଭିସା କେନ୍ଦ୍ର ବେଜିଂ, ସାଂଘାଇ, ଗୁଆଙ୍ଗଝୁ ଭଳି ସହରରେ ରହିଛି। ଆବେଦନକାରୀ ଏହି କେନ୍ଦ୍ରଗୁଡ଼ିକୁ

### ଆଜିଠୁ ଆବେଦନ ଆରମ୍ଭ

ଯାଇ ଆବେଦନ କରିପାରିବେ ବୋଲି କୁହାଯାଉଛି।

କରୋନା ମହାମାରୀ ସମୟରେ ସବୁ ପର୍ଯ୍ୟଟକଙ୍କ ଭିସାକୁ ଭାରତ ବାତିଲ କରିଥିଲା। ଏହାପରେ ଗଲୱାଘାଟୀରେ ଘଟିଥିବା ସଂଘର୍ଷ ପାଇଁ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇଥିଲା। ୨୦୨୨ ଏପ୍ରିଲରେ ଅନ୍ତାର୍ଜାତୀୟ ବାୟୁ ପରିବହନ ସଂଘ (ଆଇଏଟିଏ) ଚୀନ ନାଗରିକଙ୍କ ସବୁ ପର୍ଯ୍ୟଟକଙ୍କ ଭିସାକୁ ବାତିଲ କରିଥିଲା। ସେତେବେଳେ ଚୀନ୍ ମଧ୍ୟ ୨୨, ୦୦୦ ଭାରତୀୟ ଛାତ୍ରଙ୍କ ପୁଣି ଚୀନ୍ ଯିବାକୁ ଅନୁମତି ଦେଇ ନଥିଲା। ଏହାପରେ ଭାରତ ଯେସାକୁ ତେସା ନୀତିରେ ଚୀନ୍ ନାଗରିକଙ୍କ ଟୁରିଷ୍ଟ ଭିସାକୁ ବାତିଲ କରିଥିଲା। କିନ୍ତୁ ୨୦୨୨ ଜୁନ୍‌ରେ ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ଆବେଦନ ପାଇଁ ଅନୁମତି ଦେଇଥିଲା। ସାଧାରଣତଃ ୯୦ଦିନ ବୈଧ ରହିଥିବା ଭିସାକୁ ଚୀନ ୩୦ ଦିନ ପର୍ଯ୍ୟନ୍ତ ସୀମିତ ରଖିଥିଲା। ଏହାପରେ ଚୀନ ଭାରତୀୟ ନାଗରିକଙ୍କୁ ସବୁ ପ୍ରକାର ଭିସା ଦେବା ପ୍ରକ୍ରିୟା ଆରମ୍ଭ କରିଥିଲା। ଗଲୱାନ ସଂଘର୍ଷରେ ୨୦ ଭାରତୀୟ ଓ ୪୦ ଚୀନ୍ ନାଗରିକ ମୃତ୍ୟୁବରଣ କରିବାପରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଆମେରିକା ସହିତ ଚାଲିଥିବା ଟ୍ରେଡ ୱାରକୁ ଦୃଷ୍ଟିରଖି ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ଗତ ଏପ୍ରିଲ ୯ ପର୍ଯ୍ୟନ୍ତ ୮୫, ୦୦୦ ଭାରତୀୟ ନାଗରିକଙ୍କୁ ଭିଜା ଦେଇସାରିଛି।

## ବିନା ଭିସାରେ ୫୯ ଦେଶକୁ ଯାଇପାରିବେ ଭାରତୀୟ

### ପାସ୍‌ପୋର୍ଟ ର୍‍ୟାଙ୍କିଙ୍ଗ୍‌ରେ ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଭାରତୀୟ ନାଗରିକ ବିନା ଭିସାରେ ୫୯ଟି ଦେଶକୁ ଯାଇପାରିବେ। ମଙ୍ଗଳବାର ପ୍ରକାଶିତ ପାର୍ସପୋର୍ଟ ଇଣ୍ଡେକ୍ସରେ ଏ ନେଇ ସୂଚନା ଦିଆଯାଇଛି। ବିଶ୍ୱ ପାସପୋର୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୭୭ତମ ସ୍ଥାନରେ ରହିଛି। ବିଶ୍ୱର ବିଭିନ୍ନ ଦେଶର ପାସପୋର୍ଟର ଭିସା- ଫ୍ରି ଯାତ୍ରାର ସଂଖ୍ୟାକୁ ଆଧାର କରି ଏହି ର୍‍ୟାଙ୍କିଙ୍ଗ୍ ଜାରି କରାଯାଇଛି। ଗତବର୍ଷ ଭାରତ ୮୫ତମ ସ୍ଥାନରେ ରହିଥିଲା। ଅନ୍ୟପଟେ ପାକିସ୍ତାନ ଏହି ର୍‍ୟାଙ୍କିଙ୍ଗ୍‌ରେ ୯୬ତମ ସ୍ଥାନରେ ରହିଛି। ଫଳରେ ଭାରତ ୮ ସ୍ଥାନ ଉପରକୁ ଉଠିଛି ଓ ଭାରତର ର୍‍ୟାଙ୍କିଙ୍ଗ୍‌ରେ ସୁଧାର ଆସିଛି। କିନ୍ତୁ ଭିଜାମୁକ୍ତ ଯାତ୍ରାର ସଂଖ୍ୟରେ ଅବନତୀ ହୋଇଛି। ୨୦୨୪ରେ ଭାରତୀୟ ପାସପୋର୍ଟ ଧାରକ ୬୨ ଦେଶକୁ ବିନା ଭିଜାରେ ଯାତ୍ରା କରୁଇଥିଲେ ଓ ଏବେ ଏହା ୫୯କୁ କମିଛି। ଏହି ମାନ୍ୟତାରେ ସଙ୍ଗାପୁର ଶୀର୍ଷରେ ରହିଛି। ସିଙ୍ଗାପୁର ପାସପୋର୍ଟଧାରୀ ନାଗରିକ ୧୯୩ଟି ଦେଶକୁ ବିନା ଭିଜାରେ ଯାତ୍ରା କରିପାରିବେ। ସେହିପରି ୧୯୦ଟି ଦେଶକୁ ବିନା ଭିସାରେ ଯାତ୍ରା କରିବାକୁ ଅନୁମତି ପାଇଥିବା ଜାପାନ ଓ ଦକ୍ଷିଣ କୋରିଆ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡେନମାର୍କ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆୟର୍ଲାଣ୍ଡ, ଇଟାଲୀ ଓ ସ୍ପେନ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦେଶଗୁଡ଼ିକ ନାଗରିକମାନେ ବିନା ଭିସାରେ ୧୮୯ ଦେଶକୁ ଯାଇପାରିବେ। ବିନା ଭିସାରେ ଭାରତୀୟ ନାଗରିକ ୧୯ ଆଫ୍ରିକୀୟ ଦେଶ, ୧୦ ଏସୀୟ ଦେଶ, ୧୦ ଉତ୍ତରଆମେରିକା ଦେଶ, ୧୦ ଓସମାନିଆ ଦେଶ ଓ ଗୋଟିଏ ଦକ୍ଷିଣ ଆମେରିକା ଦେଶକୁ ଯାତ୍ରା କରିପାରିବେ।



## ଜଷ୍ଟିସ ବର୍ମାଙ୍କ ମାମଲା ଶୁଣାଣିରୁ ଓହରିଲେ ପ୍ରଧାନବିଚାରପତି

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ସୁପ୍ରିମକୋର୍ଟରେ ବହୁ ଚର୍ଚ୍ଚିତ ଜଷ୍ଟିସ୍ ଯଶୋବନ୍ତ ବର୍ମା କ୍ୟାସ ମାମଲାର ଶୁଣାଣି ବୁଧବାର ହୋଇଛି। କିନ୍ତୁ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏହି ଶୁଣାଣିରୁ ନିଜକୁ ଦୂରେଇ ରଖିଛନ୍ତି। ଏହି ମାମଲାର ଶୁଣାଣିରେ ସାମିଲ ହେବା ମୋ ପାଇଁ ଉଚିତ ହେବ ନାହିଁ। ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜୁଲାଇ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏ ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ସେ ଇନ୍ ହାଉସ୍ କମିଟି ରିପୋର୍ଟ ଓ ମହାଅଭିଯୋଗ ନେଇ ହୋଇଥିବା ସୁପାରିସ୍‌କୁ ରଦ୍ଦ କରିବା ନେଇ ଆବେଦନ କରିଥିଲେ। ଘରେ ଅଧାଜଳା ନଗଦ ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସୁପ୍ରିମକୋର୍ଟରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ

### ଜଷ୍ଟିସ ବର୍ମାଙ୍କ ପିଟିସନ ବିଚାର ପାଇଁ ଗୃହୀତ

### ସ୍ୱତନ୍ତ୍ର ବେଞ୍ଚରେ ହେବ ଆବେଦନର ଶୁଣାଣି



ଓକିଲ କପିଲ ସିବଲ ଦିଲିଲ ଉପାସ୍ଥାପନା କରିଥିଲେ। ଏହି ମାମଲାରେ ସାମ୍ବିଧାନିକ ସମସ୍ୟା ରହିଛି। ତେଣୁ ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ ଓ ନୂଆ ବେଞ୍ଚ୍ ଗଠନ କରିବାକୁ କହିଥିଲେ। ସେପଟେ ପାର୍ଲାମେଣ୍ଟରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ପାରିତ କରିବା ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତାଙ୍କୁ ହଟାଇବାକୁ ୧୫୨ ସାଂସଦ ଗତ ୨୧ ତାରିଖରେ ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ସଭାରେ ପ୍ରସ୍ତାବ ପାରିତ କରିବାକୁ ୫୦ ସାଂସଦ ସ୍ୱାକ୍ଷର କରିଛନ୍ତି। ଘରୁ ମିଳିଥିବା ନଗଦ ଟଙ୍କା ମୋର ବୋଲି କୌଣସି ପ୍ରମାଣ ନ ଥିବା ସେ କହିଛନ୍ତି। ଇତିମଧ୍ୟରେ ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି ଓ ଏହି ପ୍ରସ୍ତାବ ପାରିତ ହେବ ବୋଲି ଆଶା କରାଯାଉଛି।

### ପୁଣି ଅହମଦାବାଦରେ ଅଘଟଣ; ଆସିଲା 'ମେଡେ' କଲ୍

## ଇଣ୍ଡିଗୋ ବିମାନରେ ଲାଗିଗଲା ନିଆଁ

ଅହମଦାବାଦ, ୨୩।୭ (ଏଜେନ୍ସି): ଅହମଦାବାଦରେ ପୁଣି ବଡ଼ ଅଘଟଣ ଘଟିଛି। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ଜୀବନ ଯିବା ଘଟଣା ମନରୁ ଯାଇ ନ ଥିବାବେଳେ ଦେଢ଼ ମାସ ଭିତରେ ଆଉ ଏକ ବିମାନରୁ 'ମେଡେ' କଲ୍ ଆସିଛି। ବୁଧବାର ସକାଳ ୧୧ଟାରେ ଉଡ଼ାଣ ଆରମ୍ଭ ହେବାର ମିନିଟିଏ ପୂର୍ବରୁ ଅହମଦାବାଦରୁ ଡିଉ ଯାଉଥିବା ଇଣ୍ଡିଗୋ ବିମାନ (ଏଟିଆର୭୬)ର ଇଞ୍ଜିନରେ ନିଆଁ ଲାଗିଯାଇଛି। ଏଥିଯୋଗୁଁ ପାଇଲଟ୍ ଏହି କଲ୍ ଦେଇଛନ୍ତି। ପରେ ଉଡ଼ାଣକୁ ବନ୍ଦ କରିଦିଆଯାଇଛି। ୬୦ ଯାତ୍ରୀ ଏବଂ କ୍ର୍ୟୁ ସଦସ୍ୟଙ୍କୁ ନେଇ ଯାଉଥିଲା। ଏହାର ସୂଚନା ମିଳିବା ପରେ ତୁରନ୍ତ ଯାତ୍ରୀଙ୍କୁ ବିମାନରୁ ବାହାର କରିଦିଆଯାଇଥିଲା। ଏବେ ମାମଲାର ଯାଞ୍ଚ ଜାରି ରହିଛି। ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ ଉଡ଼ାଣ ପୂର୍ବରୁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ପରବର୍ତ୍ତୀ ବିମାନରେ ଗନ୍ତବ୍ୟ ସ୍ଥଳକୁ ପଠାଯିବ। ଯଦି ସେମାନେ ଚାହିଁବେ ଟିକଟ ରଦ୍ଦ କରି ଅର୍ଥ ମଧ୍ୟ ଫେରସ୍ତ ନେଇପାରିବେ। ଗତ କିଛି ଦିନ ମଧ୍ୟରେ ତିନୋଟି ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଲାଣି।

## ଅସ୍ତ୍ରବିରତି କରାଇବାକୁ ଟ୍ରମ୍ପ କିଏ, ମୋଦୀ ଜବାବ ଦିଅନ୍ତୁ: ରାହୁଲ ଗାନ୍ଧୀ

ୱାସିଂଟନ/ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ପୁଣି ନିଜ ଦାବି ଦୋହରାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ସଂଘର୍ଷରେ ୫ଟି ଲଢୁଆ ବିମାନ ଖସା ଯାଇଥିଲା ଏବଂ ସେ ଅସ୍ତ୍ରବିରତି କରାଇଥିବା କହିଛନ୍ତି। ସେ ମଙ୍ଗଳବାର ହ୍ୱାଇଟ ହାଉସର ଏକ କାର୍ଯ୍ୟକ୍ରମରେ ଏହି ଟିପ୍ପଣୀ ଦେଇଛନ୍ତି। ଟ୍ରମ୍ପ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବହୁତ ବଢ଼ି ଯାଇଥିଲା। ୫ଟି ଲଢୁଆ ବିମାନ ଖସା ଯାଇଥିଲା। କୌଣସି ସମୟରେ ପରମାଣୁ ଅସ୍ତ୍ର ବ୍ୟବହାରର ଭୟ ଦେଖା ଦେଇଥିଲା। ତେଣୁ ସେ ହସ୍ତକ୍ଷେପ କରି ଏହାକୁ ବନ୍ଦ କରାଇ ଥିଲେ। ଏଣେ ଏହି ପ୍ରସଙ୍ଗକୁ ନେଇ ଭାରତୀୟ ସଂସଦ ଅଚଳ ରହିଛି। ବିରୋଧୀଙ୍କ ଦାବି ପରେ 'ଅପରେସନ ସିନ୍ଦୂର'କୁ ନେଇ ସରକାର ଚର୍ଚ୍ଚା ପାଇଁ ରାଜି ହୋଇଛନ୍ତି। ତେବେ ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ସରକାରଙ୍କୁ ଘେରିଛନ୍ତି।

ମୌସୁମୀ ଅଧିବେଶନରେ ଭାଗ ନେବା ପରେ ରାହୁଲ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରିଥିବା ନେଇ ଟ୍ରମ୍ପ ୨୫ ଥର ଦାବି କଲେଣି। ଟ୍ରମ୍ପ କିଏ? ଏହା ତାଙ୍କ କାମ ନୁହେଁ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ସେ ଥରେ ହେଲେ ବି ଟ୍ରମ୍ପଙ୍କୁ ଜବାବ ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ କ'ଣ କହିବେ? ପାକିସ୍ତାନ ସହ ଚୁକ୍ତିରେ ଟ୍ରମ୍ପ ସହାୟତା କରିଥିଲେ ବୋଲି କେମିତି କହିବେ? ସାରା ବିଶ୍ୱ ଜାଣିଚି ଟ୍ରମ୍ପ ଅସ୍ତ୍ରବିରତିର ଘୋଷଣା କରିଥିଲେ। କିନ୍ତୁ ଏହା ପ୍ରଧାନମନ୍ତ୍ରୀ କହିପାରିବେ ନାହିଁ। ଯେଉଁ ଲୋକ ନିଜକୁ ଦେଶଭକ୍ତ କହୁଛନ୍ତି ସିଏ ପଳାଇ ଯାଇଛନ୍ତି। କେନ୍ଦ୍ର ସରକାର ବିଦେଶୀ ନୀତିକୁ ବର୍ବାଦ କରିଦେଇଛନ୍ତି।

### ମହିଳା ଆଇପିଏସଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଜ ପଦର ଅପବ୍ୟବହାର କରି ଶଶୁର ଘର ଲୋକଙ୍କ ବିରୋଧରେ ଅନେକ ମିଥ୍ୟା ମାମଲା ରୁଜୁ କରିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ସୁପ୍ରିମକୋର୍ଟ ମହିଳାଙ୍କୁ ସମାଲୋଚନା କରିଛନ୍ତି। ସ୍ୱାମୀ ଏବଂ ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସବୁ ଆପରାଧିକ ମାମଲାକୁ ରଦ୍ଦ କରିଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ମଙ୍ଗଳବାର କହିଥିଲେ ଯେ ଏହି ମାମଲା ପାଇଁ ସ୍ୱାମୀଙ୍କୁ ୧୦୯ ଦିନ ଏବଂ ଶଶୁରଙ୍କୁ ୧୦୩ ଦିନ ଜେଲ୍‌ରେ ରହିବାକୁ ପଡ଼ିଥିଲା। ସେମାନେ ଯାହା ସହିଛନ୍ତି ତାହାକୁ କେବେ ବି ଭରଣା କରିହେବ ନାହିଁ। ତେଣୁ ଇଂରାଜୀ ଏବଂ ହିନ୍ଦୀରେ କ୍ଷମା ପ୍ରାର୍ଥନା ଲେଖି ତାହାକୁ ପ୍ରସିଦ୍ଧ ଖବରକାଗଜର ରାଷ୍ଟ୍ରୀୟ ସଂସ୍କରଣରେ ଛପାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଖବରକାଗଜରେ ଛପାଇବେ କ୍ଷମା ପ୍ରାର୍ଥନା

### ପଦର ଅପବ୍ୟବହାର ନ କରିବାକୁ ନିର୍ଦ୍ଦେଶ

### ଘରୋଇ ହିଂସାକୁ ନେଇ ମିଥ୍ୟା ମାମଲା ରୁଜୁ କରିଥିଲେ

ଏହାର ତିନି ଦିନ ଭିତରେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମଧ୍ୟ କ୍ଷମା ପ୍ରାର୍ଥନାକୁ ସେୟାର କରିବାକୁ ପଡ଼ିବ ବୋଲି କହିଛନ୍ତି। ୨୦୧୮ରୁ ଅଲଗା ରହୁଥିବା ଏହି ଯୋଡ଼ିଙ୍କ ଛାଡ଼ପତ୍ରକୁ ମଧ୍ୟ କୋର୍ଟ ମଞ୍ଜୁରି ଦେଇଛନ୍ତି। ଝିଅର ଦାୟିତ୍ୱ ମାଆ (ମହିଳା ଆଇପିଏସ)ଙ୍କୁ ପ୍ରଦାନ କରିଛନ୍ତି। ପୂର୍ବତନ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଝିଅକୁ ଭେଟିବା ପାଇଁ ଅନୁମତି ଦେଇଛନ୍ତି।

ଏହି ମହିଳା ଅଧିକାରୀ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ଆପରାଧିକ, ଛାଡ଼ପତ୍ର ଏବଂ ଭରଣପୋଷଣ ପାଇଁ ପରିବାର କୋର୍ଟରେ ମାମଲା ଦାଏର କରିଥିଲେ। ଏହାର ପ୍ରତି ବଦଳରେ ସ୍ୱାମୀ ମଧ୍ୟ ମାମଲା ରୁଜୁ କରିଥିଲେ। ପତିପତ୍ନୀ ଉଭୟ ମାମଲାକୁ ନିଜ ନିଜ କ୍ଷେତ୍ରକୁ ଟ୍ରାନ୍ସଫର କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ।

## ରୂପାରୋଶନ ସାହୁ ରାଜ୍ୟପାଳଙ୍କ ସଚିବ




**ଭୁବନେଶ୍ୱର, ୨୩।୭ (ସମିସ):** ବରିଷ୍ଠ ଆଇଏଏସ୍ ଅଧିକାରୀ ରୂପାରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଭାବେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ। ୨୦୦୬ ବ୍ୟାଚ୍‌ର ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

## ବିଦ୍ୟୁତ୍ ବିଲ ପୈଠ ଆଳରେ ୯୮ ହଜାର ଠକେଇ

**ବାରିପଦା, ୨୩।୭ (ସମିସ):** ବିଦ୍ୟୁତ ବିଲ ପୈଠ ଆଳରେ ୯୮ ହଜାର ଟଙ୍କା ସାଇବର ଠକେଇ ହୋଇଛି। ଠକେଇର ଶିକାର ହୋଇଥିବା ୱାଲିଗଞ୍ଜ ଅଞ୍ଚଳର ଦୀପକ କୁମାର ମୁଣ୍ଡା ଏନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଅପରପକ୍ଷ ବ୍ୟକ୍ତିଜଣଙ୍କ ତାଙ୍କୁ ବିଦ୍ୟୁତ ବିଲ ପୈଠ କରିବା ପାଇଁ କହିଥିଲେ। କିନ୍ତୁ ସେ ପୂର୍ବରୁ ବିଲ ପୈଠ କରିସାରିଛନ୍ତି ବୋଲି କହିବାରୁ ଠକଜଣଙ୍କ ନୂଆ ବାହାନା କରିଥିଲା। କହିଥିଲା, ଅନଲାଇନ ପୈଠ କରିଥିବାରୁ ତାହା ସମ୍ପୂର୍ଣ୍ଣ ହୋଇନାହିଁ। ତା' କଥାରେ ବିଶ୍ୱାସ କରି ଦୀପକ ତା' କହିବା ମୁତାବକ ଫୋନ୍-ପେ' ଆପ୍‌କୁ ଯାଇ ଯାଞ୍ଚ କରିଥିଲେ। ଏହି ସମୟରେ ମୋବାଇଲଟି ବନ୍ଦ ହୋଇଯାଇଥିଲା। ପ୍ରାୟ ୩୦ ମିନିଟ ପରେ ମୋବାଇଲ ପୁନଃ ଚାଲୁ ହୋଇଥିଲା। କିନ୍ତୁ ସେତେବେଳକୁ ତାଙ୍କ ୟୁପିଆଇ ଆକାଉଣ୍ଟରୁ ୯୮ ହଜାର ଟଙ୍କା ଅନ୍ୟ ଆକାଉଣ୍ଟକୁ ପଳାଇଥିବା ସେ ଜାଣିବାକୁ ପାଇଥିଲେ। ସେ ସାଇବର୍ ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍

**ବାରିପଦା, ୨୩।୭ (ସମିସ):** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେସାଲ ପୋକସୋ କୋର୍ଟରେ ବୁଧବାର ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତ ଚାନ୍ଦୁଆ ଥାନା ଅଞ୍ଚଳର ଜଟିଆ ମହାନ୍ତ(୬୧)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଏବଂ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୯ ତାରିଖ ବିଳମ୍ବିତ ରାତିରେ ଜଟିଆ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲା। ଏପରିକି, ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାର ଧମକ ଦେଇଥିଲା। ତେବେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାରଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହେବା ପରେ ପରିବାରଲୋକେ ସେହି ମାସ ୨୫ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ ପୂର୍ବକ ଜଟିଆକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି; ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ମହୁଲଡିହା, ୨୩।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ପତ୍ରପଡ଼ା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତିରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ସ୍ୱର୍ଣ୍ଣଲତା ଡାଙ୍ଗିଲ ଓ ଚାନ୍ଦିନୀ ହୋ। ଅପରପକ୍ଷେ, ବୁଧବାର ମେଡିକାଲର ଟିମ୍ ସ୍କୁଲରେ ପହଞ୍ଚି ସ୍ଥିତି ପରଖିଛନ୍ତି। କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି, ତାହାର କାରଣ ଖୋଜିଛନ୍ତି। ତେବେ ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଚିତ୍ତରଞ୍ଜନ ନାୟକ କହିଛନ୍ତି ଯେ ଦୂଷିତ ଖାଦ୍ୟ କିମ୍ବା ପାନୀୟରୁ ଏହା ହୋଇଥାଇପାରେ। ସୂଚନାଯୋଗ୍ୟ, ଏହି ଆଶ୍ରମ ବିଦ୍ୟାଳୟରେ ୩୭୨ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ମଙ୍ଗଳବାର ଜଣଙ୍କ ପରେ ଜଣେ ଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଖବର ପାଇ ବିଡିଓ ସ୍ୱପ୍ନେଶ୍ୱର ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଓ ମେଡିକାଲ ଟିମ୍ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି।

### ୧୩ ମାସରେ ବ୍ୟବସ୍ଥା ଫେଲ୍, ଜନତାଙ୍କ ମଧ୍ୟରେ ଆକ୍ରୋଶର ମାହୋଲ

# ଅକଳରେ ସରକାର; ଦାନା ବାନ୍ଧୁଛି ଅନାସ୍ଥା

- ମୌସୁମୀ ଅଧିବେଶନରେ ମୁଖ୍ୟ ବିରୋଧୀ ଦଳ ବିଜେଡି ପ୍ରସ୍ତାବ ଆଣୁ: ଭକ୍ତ
- ନାରୀ ସୁରକ୍ଷା ଲଢ଼େଇ ଜାରି ରହିଛି, ବିଧାନସଭା ନିଷ୍ପତ୍ତି ନବୀନ ନେବେ: ଦେବୀ

**ଭୁବନେଶ୍ୱର,୨୩।୭ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବେ ସଙ୍ଗିନ ଅବସ୍ଥାରେ ଥିବା ବେଳେ ପ୍ରତିଦିନ ମା' ଭଉଣୀଙ୍କ ଉପରେ ଘଟିଚାଲିଥିବା ନିର୍ଯାତନା, ଦୁଷ୍କର୍ମ, ହିଂସା ଭଳି ଛାତିଥରା ଘଟଣା ସୀମା ଟପିଲାଣି। ମହିଳା ନିର୍ଯାତନାକୁ ନେଇ ରାଜ୍ୟ ସରକାର ଲଗାତାର ଭାବେ ଜାତୀୟ ସ୍ତରରେ ଲଜ୍ଜିତ ହେଉଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷାକୁ ନେଇ ଆମେରିକା ରାଷ୍ଟ୍ରପତି ଚିନ୍ତାପ୍ରକଟ କରିବା ସହ ସେ ଦେଶର ନାଗରିକଙ୍କୁ ଓଡ଼ିଶା ନଯିବାକୁ ବାରଣ କରିଥିଲେ। ଏବେ ପୁଣି ବଳଙ୍ଗା ଓ ବାଲେଶ୍ୱର ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜିତ ମନେ କରି ଟିପ୍ପଣୀ ଦେବା ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇଛି। ସମାନ ସମୟରେ ବିକାଶ ପ୍ରକ୍ରିୟା ମନ୍ଥର ପଡ଼ିବା, ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟିଯିବାକୁ ନେଇ ରାଜ୍ୟ ବିଜେପି ସରକାର ସାଧାରଣରେ ନିନ୍ଦିତ ହେଉଛି। ସରକାରଙ୍କ ବିରୋଧରେ ସାଧାରଣରେ ଏକ ବଡ଼ ଧରଣର ନକରାତ୍ମକ ମାହୋଲ ସୃଷ୍ଟି ହୋଇଥିବା ବେଳେ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଆରମ୍ଭ କଲେଣି। ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ସରକାରଙ୍କୁ ଏଥିପାଇଁ ବେଶ୍ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ମୁଖ୍ୟ ବିରୋଧୀ ଦଳ ବିଜେଡି ଓ ବିରୋଧୀ କଂଗ୍ରେସ ଏନେଇ ସଜବାଜ ହେଉଥିବା ବେଳେ ସରକାରଙ୍କ ବିରୋଧରେ ବର୍ତ୍ତମାନ ଅନାସ୍ଥା ଦାନା ବାନ୍ଧୁଥିବା ଉଭୟ ଦଳର ଆଭିମୁଖ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ୧୩ ମାସ ପୂରିଲାଣି। ଏହି ୧୩ ମାସ ମଧ୍ୟରେ ଦୃଢ଼ ନେତୃତ୍ୱର ଅଭାବ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ପିସି କାରବାର, ଦୁର୍ନୀତି, ଉନ୍ନୟନ ମୂଳକ କାମ ଠପ୍ ହୋଇ ପଡ଼ିବାକୁ ନେଇ ସରକାର ବେଶ୍ ଅପଦସ୍ତ ହେଲେଣି। ଏହାସହ ବରାବର ଭାବେ ନିଯୁକ୍ତି ଦୁର୍ନୀତି, ପରୀକ୍ଷା ପରିଚାଳନା ବିଭ୍ରାଟ, ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଯୋଗୁଁ ସରକାରଙ୍କ ଉପରୁ ସାଧାରଣ ଲୋକେ ବିଶ୍ୱାସ ହରାଇବାରେ ଲାଗିଛନ୍ତି। ମଦମୃତ୍ୟୁ, ହଇଜା ମୃତ୍ୟୁ, ଚାଷୀ ଆତ୍ମହତ୍ୟା ରାଜ୍ୟ ବିଜେପି ସରକାରଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ରଥ ଉପରୁ ବଡ଼ଠାକୁର ପଡ଼ିଯିବା, ରାଜ୍ୟପାଳ ପୁଅଙ୍କ ମାଡ଼ ମାରିବା ଘଟଣାରେ ସରକାର କେବଳ ନିରବଦ୍ରଷ୍ଟା ହୋଇ ବସିରହିବାକୁ ନେଇ ବିରୋଧୀ ଦଳଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ତାତିଲେଣି।

ସାଧାରଣ ଲୋକ ଏବଂ ବିରୋଧୀ ଦଳଙ୍କ ଅନୁଯାୟୀ ଯାହା କେବେ ଓଡ଼ିଶା ଇତିହାସରେ ଆଗରୁ ହୋଇ ନ ଥିଲା, ତାହା ଏହି ସରକାର ଅମଳରେ ଘଟୁଛି। ଓଡ଼ିଶା ଆସିବା ପାଇଁ ଆମେରିକା ନିଜ ଦେଶର ଲୋକଙ୍କୁ ବାରଣ କରୁଥିବା ବେଳେ ବେଳାଭୂମିରେ ମହିଳାଙ୍କୁ ଗଣଦୁଷ୍କର୍ମର ସାମ୍ନା କରିବାକୁ ପଡୁଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଅତ୍ୟନ୍ତ ସଂଗିନ ସ୍ଥିତିରେ ଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜ ପୀଡ଼ିତାଙ୍କ ଆତ୍ମାହୁତି, ବଳଙ୍ଗାରେ ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ କିରାସିନି ଢାଳି ଜାଳିଦେବା ଘଟଣା ଓଡ଼ିଶାକୁ ଜାତୀୟ ସ୍ତରରେ ନିନ୍ଦିତ କଲାଣି। ମାତ୍ର ୧୩ ମାସର ସରକାରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଏବଂ ଅରାଜକତାକୁ ନେଇ ସାଧାରଣରେ ଆକ୍ରୋଶ ଚରମ ସୀମାରେ ପହଞ୍ଚିଲାଣି। ଲୋକ ସରକାରଙ୍କ ଉପରୁ ଆସ୍ଥା ହରାଉଥିବା ବେଳେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଲୋକଙ୍କ ଆଭିମୁଖ୍ୟକୁ ପୁଞ୍ଜି କରି ସରକାରଙ୍କୁ ଅକଳରେ ପକାଇବା ସହ ଜବାବ ମାଗିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ଏହିକ୍ରମରେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟ ବିଜେପି ସରକାର ବିରୋଧରେ ଅନାସ୍ଥା ଆଣିବାକୁ ବିଜେଡିର ସହଯୋଗ ଲୋଡ଼ିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ମୁଖ୍ୟ ବିରୋଧି ଦଳ ହିସାବରେ ବିଜେଡି ଅନାସ୍ଥା ପ୍ରସ୍ତାବ ଆଣୁ ଏବଂ କଂଗ୍ରେସ ତାକୁ ସମର୍ଥନ କରିବ। ଯଦି ବିଜେଡି ଅନାସ୍ଥା ପ୍ରସ୍ତାବ ନ ଆଣେ, ତେବେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ଏବଂ ବିଜେଡି ସମର୍ଥନ କରୁ ବୋଲି ଭକ୍ତ କହିଛନ୍ତି।

ଅପରପକ୍ଷେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ରାଜ୍ୟର ମା' ଭଉଣୀଙ୍କ ସୁରକ୍ଷା ପାଇଁ ବିଜେଡି କ୍ରମାଗତ ଭାବେ ଲଢ଼େଇ କରି ଆସୁଛି। ବାଲେଶ୍ୱର ଏଫଏମ ଝିଅକୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ବାଲେଶ୍ୱର ବନ୍ଦଠାରୁ ଆରମ୍ଭ କରି ଲୋକସେବା ଭବନ ଘେରଉ, ଆରଡିସି ଅଫିସ ଘେରଉ କାର୍ଯ୍ୟକ୍ରମ କରିଥିଲା। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଉପରୁ ସାଧାରଣ ଲୋକଙ୍କ ଆସ୍ଥା କମୁଥିବା ନେଇ ସେମାନଙ୍କ କ୍ଷୋଭ, ଆକ୍ରୋଶରୁ ସ୍ପଷ୍ଟ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ବିଧାନସଭା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ବିଜ୍ଞପ୍ତି ଆସିଲେ ଗୃହରେ ଦଳର ଭୂମିକା ନେଇ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେବେ ଉଭୟ ବିରୋଧୀଙ୍କ ଆଭିମୁଖ୍ୟକୁ ଅନୁଶୀଳନ କଲେ, ଆସନ୍ତା ମୌସୁମୀ ଅଧିବେଶନ ଯେ ଶାସକ ଦଳ ପାଇଁ ସହଜ ହେବ ନାହିଁ, ତାହା ଜଳଜଳ ହୋଇ ଦିଶୁଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ମହାନଦୀ ଜଳବିବାଦ, ଉଚ୍ଚସ୍ତରୀୟ ବୈଠକ କଲେ ମୁଖ୍ୟମନ୍ତ୍ରୀ

**ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ସମାଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ**



**ଭୁବନେଶ୍ୱର,୨୩।୭ (ସମିସ):** ବୁଧବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଯେ ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

## କଙ୍କଡ଼ା ଧରିବା ବେଳେ ସମୁଦ୍ରରେ ଭାସିଗଲେ

**ଭୋଗରାଇ,୨୩।୭ (ସମିସ):** ବେଳାଭୂମିରୁ କଙ୍କଡ଼ା ଧରିବା ବେଳେ ସମୁଦ୍ରରେ ଭାସିଗଲେ ଯୁବକ। ଭୋଗରାଇ ବ୍ଲକ୍ ତାଳସାରୀ ବେଳାଭୂମିରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତ ଯୁବକ ହେଲେ, ରାମନଗର ଥାନା ହଳଦିଆ ପଞ୍ଚାୟତ ବାଲକବାଡ଼ ଅଞ୍ଚଳର ସୁଧାଂଶୁ ନାୟକଙ୍କ ପୁଅ ଅସନୀ ନାୟକ। ଆଜି ସକାଳେ ସେ କଙ୍କଡ଼ା ଧରିବା ପାଇଁ ତାଳସରୀ ବେଳାଭୂମିକୁ ଯାଇଥିଲେ। ଏହି ସମୟରେ ସମୁଦ୍ରରେ ହଠାତ୍ ଜୁଆର ମାଡ଼ି ଆସିବାରୁ ସେ ପାଣି ଭିତରେ ରହିଯାଇଥିଲେ। ଏପଟେ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ବହୁ ଖୋଜାଖୋଜି କରିବା ପରେ ବେଳାଭୂମିରେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ପରିବାରଲୋକ ତାଙ୍କୁ ଜଲେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ■ ବିଏମ୍‌ସିରେ ପଶିଲା ଭିଜିଲାନ୍ସ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ; କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଟକ



**ଭୁବନେଶ୍ୱର, ୨୩।୭ (ସମିସ):** ବିଏମ୍‌ସିରେ ପସିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବିଏମ୍‌ସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ। ଜଗନ୍ନଥଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣ ସମ୍ପତ୍ତି ଠାବ କରିଛି। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ, ପୈତୃକ ଘର ଏବଂ ବିଏମ୍‌ସି କାର୍ଯ୍ୟାଳୟରେ ବୁଧବାର ଦିନତମାମ ଚଢ଼ଉ ଜାରି ରହିଥିଲା। ଜଗନ୍ନାଥଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଅଟକ ରଖି ପଚରାଉଚରା କରୁଛନ୍ତି।

ଭିଜିଲାନ୍ସ ସୂଚନା ମୁତାବକ, ଜଗନ୍ନାଥ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଥିଲା। ଆଜି ସକାଳେ ଏହି ଟିମ୍ ଜଗନ୍ନାଥଙ୍କ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ୩ ମହଲା ବିଶିଷ୍ଟ କୋଠା, ବାଲିପାଟଣା ତହସିଲର ରଣପୁରସ୍ଥିତ ଫାର୍ମ ହାଉସ୍, ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଦୁଇ ମହଲା ବିଶିଷ୍ଟ ପୈତୃକ ଘର ଏବଂ ବିଏମ୍‌ସି କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଏହିସବୁ ସ୍ଥାନରୁ ୪୬୦ ଗ୍ରାମ୍ ସୁନା ଅଳଙ୍କାର, ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମ୍ୟୁଚୁଆଲ୍ ଫଣ୍ଡ ଏବଂ ଡିପୋଜିଟ୍ ଜବତ କରାଯାଇଛି। ଏହା ସହିତ ଦୁଇଟି ୪ ଚକିଆ ଗାଡ଼ି ଏବଂ ୭ ଲକ୍ଷ ନଗଦ ଅର୍ଥ ଜବତ କରାଯାଇଛି।

ତେବେ ଜଗନ୍ନାଥଙ୍କ ବାଲିପାଟଣାସ୍ଥିତ ଫାର୍ମ ହାଉସ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଫାର୍ମା ହାଉସ୍‌ଟି ୧.୫୭ ଏକର ବିଶିଷ୍ଟ। ଏଠାରେ ୮୩୩ ବର୍ଗଫୁଟ୍ ବିଶିଷ୍ଟ ଏକ ଦୁଇ ମହଲା ବିଶିଷ୍ଟ କୋଠା ରହିଛି। ଏଠାରେ ମାଛ ପୋଖରୀ ସମେତ ବହୁସଂଖ୍ୟାରେ ଫଳ ଗଛ ଲଗାଯାଇଛି। ଏଠାରୁ ଏକ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘ ଜବତ କରାଯାଇଛି। ଏଗୁଡ଼ିକୁ ସେ କେଉଁଠୁ ଆଣିଲେ, ବନ୍ୟପ୍ରାଣୀ ଶିକାରରେ ତାଙ୍କର ସମ୍ପୃକ୍ତି ରହିଛି କି ବୋଲି ପ୍ରଶ୍ନ ଉଠିଛି। ଜବତ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘକୁ ଖୁବ୍‌ଶୀଘ୍ର ବନ୍ୟପ୍ରାଣୀ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଭିଜିଲାନ୍ସ କହିଛି।

## ତାରିଣୀ, ବିରଜା ଓ ଏକାମ୍ର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ଘଟଗାଁ ମା' ତାରିଣୀ ପୀଠ, ଯାଜପୁର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ସମୀକ୍ଷାରୁ ଜଣାଯାଇଛି ଯେ ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଘଟଗାଁର ମା' ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ବ୍ୟବସ୍ଥା, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ଘଟଗାଁ ମନ୍ଦିର ଚତୁଃପାଶ୍ୱର୍ରେ ଥିବା ଦୋକାନଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁରର ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାଶ୍ୱର୍ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି।

ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାଶ୍ୱର୍ର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗ ସଚିବ ବଳୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



### ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି

## ଅଂଶୁଘାତରେ ଟଳିଲେ ୧୦ ଛାତ୍ରୀ




**ରାଜନଗର, ୨୩।୭ (ସମିସ):** ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଆଜି ରାଜନଗର ବ୍ଲକ ଅନ୍ତର୍ଗତ ୨ଟି ସ୍କୁଲର ମୋଟ ୧୦ଜଣ ଛାତ୍ରୀ ଅଂଶୁଘାତର ଶିକାର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ରାଜନଗର ଉଚ୍ଚବିଦ୍ୟାଳୟର ୮ଜଣ ନବମ ଛାତ୍ରୀ ଓ ଜଣେ ଦଶମ ଛାତ୍ରୀ ଥିବା ବେଳେ ଅନ୍ୟ ଜଣେ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟର ଜଣେ ଦଶମ ଛାତ୍ରୀ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ଆଜି ସକାଳୁ ସକାଳୁ ଭୀଷଣ ଗରମ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହୋଇଥିଲା। ଫଳରେ ପ୍ରାର୍ଥନା କ୍ଲାସ୍ ପରେ ଜଣଙ୍କ ପରେ ଜଣେ ଛାତ୍ରୀ ନିସ୍ତେଜ ହୋଇ ଶ୍ରେଣୀଗୃହରେ ପଡ଼ି ଯାଇଥିଲେ। ସେମାନେ ହେଲେ, ରାଜନଗର ଉଚ୍ଚବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବିଶ୍ୱାଳ, ୯ମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ସେଠୀ, ତନୁଶ୍ରୀ ଦାସ, ଦୀପା ମଲ୍ଲିକ, ପୂର୍ଣ୍ଣିମା ପ୍ରଧାନ, ମାମୁନି ଦାସ, ପମଶ୍ରୀ ପ୍ରଧାନ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ସଙ୍ଗେସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେହିପରି ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସୁଚିତ୍ରା ରାଉଳ ଗରମ ଯୋଗୁଁ ଶ୍ରେଣୀ ଗୃହରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ବି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତ ଛାତ୍ରୀ ସୁସ୍ଥ ଥିବା ଜଣାପଡ଼ିଛି। ବ୍ଲକ୍ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ ଓ ଦୁଇଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

### ରାଜ୍ୟରେ ବଢୁଛି ବୀଭତ୍ସ ଘଟଣା

## ସରକାରଙ୍କର ସାମାନ୍ୟ ଲଜ୍ଜାବୋଧ ନାହିଁ

**ନାରୀ ଅତ୍ୟାଚାର ବିରୋଧରେ ଅବିରାମ ସଂଗ୍ରାମ ଚାଲିବ: କଂଗ୍ରେସ**



**ଭୁବନେଶ୍ୱର,୨୩।୭ (ସମିସ):** ରାଜ୍ୟବ୍ୟାପି ହେଉଥିବା ନାରୀ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ କଂଗ୍ରେସ ଦଳର ଅବିରାମ ସଂଗ୍ରାମ ଜାରି ରଖିଛି। ଅତ୍ୟାଚାରିତ ନାରୀଙ୍କ ପାଇଁ ନ୍ୟାୟର ଉପଯୁକ୍ତ ବ୍ୟବସ୍ଥା ନ କଲା ପର୍ଯ୍ୟନ୍ତ ଏହା ଆଗକୁ ଜୋର୍‌ଦାର୍ ହେବ ବୋଲି ରାଜ୍ୟ କଂଗ୍ରେସ କହିଛି।

ବୁଧବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଏତେସବୁ ବୀଭତ୍ସ ଘଟଣା ଘଟିବା ପରେ ମଧ ସରକାରଙ୍କୁ ସାମାନ୍ୟତମ ଲଜ୍ଜାବୋଧ ହେଉନି। ନାରୀ ନିର୍ଯାତନା ପାଇଁ ରାଜ୍ୟର ଜନତା ମର୍ମାହତ ଏବଂ ଲଜ୍ଜିତ। କିନ୍ତୁ ରାଜ୍ୟ ସରକାର କିଛି ହୃଦୟଙ୍ଗମ କଲାଭଳି ଦେଖାଯାଉ ନାହିଁ। ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି, ଆମେରିକୀୟ ନାଗରିକଙ୍କୁ ଓଡ଼ିଶା ନ ଯିବା ପାଇଁ ବାରଣ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଓଡ଼ିଶା ଗସ୍ତ ସମୟରେ ନାରୀ ନିର୍ଯାତନା ବିଷୟରେ ସରକାରଙ୍କୁ ସୂଚାଇଥିଲେ। ଏପରିକି ବର୍ତ୍ତମାନ ସୁପ୍ରିମକୋର୍ଟ ଓଡ଼ିଶାରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଆମକୁ ଲଜ୍ଜା ଅନୁଭବ ହେଉଛି ବୋଲି ନିଜ ତରଫରୁ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣା ପାଇଁ ବିରୋଧୀ ଦଳ ଭାବେ କଂଗ୍ରେସ ମଧ ଲଜ୍ଜିତ ବୋଲି ଭକ୍ତ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହଛନ୍ତି ଯେ ସ୍ୱାଧୀନତାକୁ ୭୫ବର୍ଷ ବିତିଯାଇଥିଲେ ସୁଦ୍ଧା ଏଭଳି ଲଜ୍ଜାଜନକ ଘଟଣା ସବୁ ଘଟୁଛି। ଆଇନଶୃଙ୍ଖଳାକୁ ସମ୍ଭାଳିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ଓଡ଼ିଶାର ବିଜେପି ସରକାର ବିରୋଧରେ କଂଗ୍ରେସ ଯେଉଁ ଅଭିଯୋଗ ଆଣିଥିଲା, ସୁପ୍ରିମକୋର୍ଟ ତାଙ୍କ ଟିପ୍ପଣୀ ମାଧ୍ୟମରେ ସେଥିରେ ମୋହର ଲଗାଇଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ରାଜ୍ୟ ବିଜେପି ସରକାର ଅନ୍ତତଃ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୭ ଲକ୍ଷରେ ନିଲାମ ହେଲା ଚନ୍ଦନେଶ୍ୱରଙ୍କ କାଉଡ଼ିଆ ଟିକଟ



ଚନ୍ଦନେଶ୍ୱର, ୨୩।୭ (ସମିସ)

ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱରଙ୍କ ଠାରେ ଶ୍ରାବଣ ସୋମବାର ଏବଂ ପୂର୍ଣ୍ଣିମାରେ କାଉଡ଼ିଆଙ୍କ ଜଳାଭିଷେକ ଲାଗି ଟିକଟ ନିଲାମ ଶେଷ ହୋଇଛି। ହୁଗୁଳି ପଂଚାୟତ ଅଧୀନ ଚକ ପଦ୍ମପୁର ଗାଁର ନିରୁପମା ଜେନା ୭ଲକ୍ଷ ୧୦ ହଜାରରେ ଏହାକୁ ନିଲାମ ନେଇଥିବା କଥା ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଶ୍ରାବଣ ମାସର ସୋମବାର ଏବଂ ପୂର୍ଣ୍ଣିମାରେ ଲକ୍ଷାଧିକ କାଉଡ଼ିଆ ଚନ୍ଦନେଶ୍ୱରଙ୍କ ପୀଠରେ ଜଳାଭିଷେକ କରିଥାନ୍ତି। ଏଥିପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ କାଉଡ଼ିଆଙ୍କ ଠାରୁ ୧୦ଟଙ୍କା ଲେଖାଏଁ ଟିକଟ ଆକାରରେ ଆଦାୟ ହୋଇଥାଏ। ଏହାକୁ ବୁଧବାର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିଲାମ ଦିଆ ଯାଇଛି। ମନ୍ଦିର ପରିସରରେ ଥିବା ଧର୍ମଶାଳାରେ ଆୟୋଜିତ ଏହି ନିଲାମ ପ୍ରକ୍ରିୟାରେ ଭୋଗରାଇ ହେପି ଫାଉଣ୍ଡେସନ ପକ୍ଷରୁ ଜଗବନ୍ଧୁ ସାହୁ ଏବଂ ନିରୁପମା ଜେନାଙ୍କ ମଧ୍ୟରେ ନିଲାମ ଡାକରା ଆରମ୍ଭ ହୋଇଥିଲା। ୪ଲକ୍ଷ ୫୦ ହଜାର ଟଙ୍କାରୁ ଡାକରା ଆରମ୍ଭ ହୋଇ ଶେଷରେ ଶ୍ରୀମତୀ ଜେନା ସର୍ବାଧିକ ୭ ଲକ୍ଷ ୧୦ ହଜାରରେ ଏହାକୁ ନେଇଥିଲେ। ଚଳିତ ମାସ ୨୮ ତାରିଖ, ଅଗଷ୍ଟ ମାସ ୪ ଓ ୧୧ ତାରିଖ ସୋମବାର ସମେତ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମାରେ କାଉଡ଼ିଆଙ୍କ ଠାରୁ ଅର୍ଥ ଆଦାୟ କରିବେ। ଶାନ୍ତିଶୃଙ୍ଖଳା ଲାଗି ପୁଲିସ ପ୍ରଶାସନ, ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ ସେବାୟତ ମାନେ ରହିବେ। ଏଥିରେ ଟ୍ରଷ୍ଟ ବୋର୍ଡର ମୌରସୀ ତଥା ମୁଖ୍ୟ ସେବାୟତ ତପନ ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ସୁପରଭାଇଜର ପ୍ରଦୀପ କୁମାର ଭଞ୍ଜ, ସମିତି ସଦସ୍ୟ ଗୋବିନ୍ଦ ଦାସଙ୍କ ସମେତ ସେବାୟତ ମାନେ ଉପସ୍ଥିତ ଥିଲେ।

## ବାଇକ୍ ଚୋରକୁ ଧରି ପୁଲିସ ଜିମା

ଜଳେଶ୍ୱର ବ୍ଲକ, ୨୩।୭ (ସମିସ) : ଗତ ୨୦ ତାରିଖ ରବିବାର ଦିନ ରାଇବଣିଆ ଅଞ୍ଚଳରେ ବିଭିନ୍ନ ଚୋରି ଡକାୟତି, ମଦ ବେପାରୀଙ୍କୁ ମାତ୍ ଦେବା ପାଇଁ ଚାଫଲା ବାସନ୍ତୀ ପଡ଼ିଆ ଠାରେ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। କମିଟି ଗଠନ ଗୋଟିଏ ଦିନ ପରେ ମିଳିଛି ବଡ଼ ସଫଳତା। ଗତ ରାତିରେ ଭୂପେନ୍ଦ୍ର



ନାଥ ଦାସଙ୍କ ପୁତ୍ର ଅବନୀ କାନ୍ତ ଦାସ ଖୁଆଡ ଗ୍ରାମ ପଞ୍ଚାୟତର ଉପରକୁଣ୍ଡି ଗ୍ରାମର ସତ୍ୟରଞ୍ଜନ ଗାନ୍ଧୀଙ୍କ ଦୋକାନ ସାମ୍ନାରେ ଗାଡ଼ି ରଖି ଅନ୍ୟ ସାଙ୍ଗ ସାଥି ମାନଙ୍କ ସାଙ୍ଗରେ ଜଳେଶ୍ୱର ଯାଇଥିଲେ। ରାତି ୧୦ଟାରେ ଫେରି ଆସି ଦେଖନ୍ତିତ ଗାଡ଼ି ସେଠାରେ ନାହିଁ। ସଙ୍ଗେ ସଙ୍ଗେ ବିଭିନ୍ନ ଛକ ମାନଙ୍କରେ ଥିବା ପରିଚିତି ଲୋକ ମାନଙ୍କୁ ଜଣାଇ ଥିଲେ। ରାଇବଣିଆ ଅଞ୍ଚଳର ନୂତନ ଭାବେ ଗଠିତ ହୋଇ ଥିବା ଶାନ୍ତି କମିଟିର ସଦସ୍ୟ ମାନେ ଖବର ପାଇ ଚାଫଲାରୁ ଗୁଦାସପୁର ଯିବା ରାସ୍ତାରେ ଚୋରକୁ କାବୁ କରି ରାଇବଣିଆ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଆସି ତଦନ୍ତ କରି ଜାଣିବାକୁ ପାଇଥିଲେ କି ଚୋର ବଡ଼ବିଲ୍ ଅଞ୍ଚଳର ହୃଷିକେଶ ନାୟକ । ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ସାଥିରେ ଥିବା ଆଉ ଦୁଇ ଜଣ ଖସିଯିବାରେ ସଫଳ ହୋଇଛନ୍ତି ।

## 'ମୋ ପୁଅକୁ ଶଶୁର ଘର ଲୋକେ ମାରି ଦେଇଛନ୍ତି'



**ନ୍ୟାୟ ପାଇବାକୁ ବୃଦ୍ଧା ମା'ର ନିବେଦନ**

ସୋର, ୨୩।୭ (ସମିସ): ବାହାନଗା ବଗଲପୁର ଗ୍ରାମର ବିଏସ୍ଏଫ ଯବାନଙ୍କ ଶଶୁରଘରେ ମୃତ୍ୟୁକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ତାଙ୍କ ବୃଦ୍ଧା ମା' ଆଜି ସୋରଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ପୁଅକୁ ତା' ଶଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ୭୦ ବର୍ଷୀୟା ବାସନ୍ତୀ ସାହୁଙ୍କର ଦିବ୍ୟରଞ୍ଜନ ସାହୁ (୩୯) ୨୦୦୭ ମସିହାରେ ଭାରତ ସରକାରଙ୍କ ବିଏସ୍ଏଫ୍ ୩୬ ବାଟାଲିୟନ୍ ଭାବେ ନିଯୁକ୍ତି ପାଇ ଉତ୍ତରପ୍ରଦେଶ ଗ୍ରେଟର ନୋଏଡାରେ କାର୍ଯ୍ୟରତ ଥିଲା। ସେ ୨୦୧୨ ମସିହାରେ ବାଲେଶ୍ୱର ରାଣୀପଟଣା ଗ୍ରାମର ଚିଲିକା ବେହେରାଙ୍କ ସାନଝିଅ ସଂଯୁକ୍ତାକୁ ବିବାହ କରିଥିଲା। ଉଭୟଙ୍କର ଏକ ୮ ବର୍ଷର ଝିଅ ରହିଛି। ଝିଅର ପାଠପଢା ପାଇଁ ଉଭୟ ବାଲେଶ୍ୱର ସହରରେ ଏକ ଘରଭଡା ନେଇ ରହୁଥିଲେ। କିନ୍ତୁ ଗତ ଜୁଲାଇ ମାସ ୩ ତାରିଖ ରାତିରେ କୌଣସି କାରଣରୁ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ଚାଲିଥିବା ଭିତରେ ମୋ ବୋହୂ ସଂଯୁକ୍ତା ତା'ର ଭାଇ କମଲ ବେହେରାକୁ ଖବର ଦେଇଥିଲା। ଖବର ପାଇ ବୋହୂର ଭାଇ କମଲ ସାଙ୍ଗରେ କେତେଜଣ ଲୋକମାନଙ୍କୁ ନେଇ ଆସି ପହଞ୍ଚିଥିଲା। ସେମାନେ କୌଣସି କଥା ନ ବୁଝି, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୁଝାମଣା କରିବା ବଦଳରେ ମୋ ପୁଅକୁ ସେମାନେ ଆକ୍ରମଣ କରିବା ସହିତ ନିସ୍ଠୁକ ଭାବେ ମାଡ଼ ମାରିଥିଲେ। ଫଳରେ ମୋ ପୁଅ ଗୁରୁତର ଅବସ୍ଥାରେ ଘରେ ପଡ଼ିରହିଥିବା ଦେଖି ସେମାନେ ଘଟଣାର ପରଦିନ ବାଲେଶ୍ୱର ମେଡିକାଲକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ମୋ ପୁଅକୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁଅର ମୃତଦେହକୁ ବ୍ୟବଚ୍ଛେଦ କରାଇ ତା'ର ଶଶୁରଘର ଲୋକମାନେ ବଗଲପୁରକୁ ଆସିଥିଲେ। ମାତ୍ର ଗାଁ ଲୋକ ସେମାନଙ୍କୁ ବିରୋଧ କରିବା ସହିତ ଦିବ୍ୟଙ୍ଗଜନକୁ ମାରିଦେଇଥିବା ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ବାଲେଶ୍ୱର ସହଦେବଖୁଣ୍ଟା ପୁଲିସ୍ ୨୨୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଚାଲିଛନ୍ତି। ପୁଅର ହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ ପାଇଁ ବୃଦ୍ଧା ମା' ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବଡ଼ଭାଇ ସୌମ୍ୟରଂଜନ ସାହୁ ଏବଂ ଭାଉଜ ସରିତା ବେହେରା, ଗ୍ରାମବାସୀ ଆଲୋକ ରାଉତ, ସୁମନ୍ତ ରାଉତ, ବିନୋଦ ରାଉତ, ସୁମନ୍ତ ଦାସ, ବିକାଶ ଯଶମୁଖ, ସମାଜସେବୀ ମାୟାଧର ନାୟକ, ଅନାକ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତିଙ୍କୁ ଗିରଫ ଦାବି

ଜଳେଶ୍ୱର ବ୍ଲକ, ୨୩।୭ (ସମିସ) : ଗତ ୨୧ ତାରିଖ ସୋମବାର ଦିନ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଏବଂ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କୁ ଦେଶଦ୍ରୋହୀ କହିବା ଅତ୍ୟନ୍ତ ନିନ୍ଦନୀୟ। ଜଳେଶ୍ୱର କଂଗ୍ରେସ ତରଫରୁ ଉକ୍ତ ଘଟଣାକୁ ନିନ୍ଦା କରାଯିବା ସହିତ ଯୁବମୋର୍ଚ୍ଚ ମାର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ଗିରଫ ଦାବି ଦାବିରେ ଜଳେଶ୍ୱର କଂଗ୍ରେସ ତରଫରୁ ଏକ ପ୍ରତିନିଧି ଦଳ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଳାଷ ପଣ୍ଡାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡ଼ା, ପୂର୍ବତନ କିସାନ ସଭାପତି ସୁଦାମ ପାତ୍ର, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ଫରିଦ ଅହମଦ, ସବ୍ୟସାଚୀ ଦାସ, ହରିଶଙ୍କର ଜେନା ଏବଂ ଏସ କେ ଅଫସର ଅଲି ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍ଇବିସି ଓ ଓବିସି ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ବରଜିଆ ଜାତିର ସମାବେଶ



ଜଳେଶ୍ୱର ବ୍ଲକ, ୨୩।୭ (ସମିସ): ସରକାରଙ୍କ ଜନଗଣନାରେ ତ୍ରୁଟି ଥିବାରୁ କେତେକ ଏସ୍ଇବିସି ଓ ଓବିସି ଜାତିରୁ ବଞ୍ଚିତ ହୋଇଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏସ୍ଇବିସି ଓ ଓବିସି ତାଲିକାରେ ଯୋଡ଼ିବା ପାଇଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚୋରମରା ଗ୍ରାମର ହରିହର ସାହୁଙ୍କ ବାସଭବନରେ ମଙ୍ଗଳବାର ସନ୍ଧ୍ୟାରେ ବରଜିଆ ଜାତିର ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସମାବେଶରେ ବରଜିଆ ଜାତି କମିଟିର ସଭାପତି ପୂର୍ବତନ ଅଧକ୍ଷ ଡ. ଅକ୍ଷୟ କୁମାର ପରିଡ଼ାଙ୍କ ପରିଚାଳନାରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବରଜିଆ ଜାତିର ପୁରୁଷ ଓ ମହିଳା ଉପସ୍ଥିତ ହୋଇଥିଲେ। କେତେକ ବରଜିଆ ଜାତିଙ୍କ ଜମି ପଟ୍ଟାରେ ବରଜିଆ ଉଲ୍ଲେଖ ଥିବା ବେଳେ କେତେକ ପଟ୍ଟାରେ ବରଜି ଓ ବରିଜି ଉଲ୍ଲେଖ ଅଛି। ସରକାରଙ୍କ ଜାତି ତାଲିକାର ୯ ନଂ କ୍ରମିକ ସଂଖ୍ୟାରେ ବରିଜି ଥିବା ଯେଉଁ ମାନଙ୍କ ପଟ୍ଟାରେ ଉଲ୍ଲେଖ ଅଛି, ସେମାନେ ଓ ତାଙ୍କର ପିଲାମାନେ ସରକାରୀ ସାହାଯ୍ୟ ପାଇ ପାରୁଥିବା ବେଳେ ବରଜି ଓ ବରଜିଆ ଉଲ୍ଲେଖ ଥିବା ଲୋକେ ସରକାରୀ ସାହାଯ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। କେତେକ ଲୋକଙ୍କ ଘରବାଡି ପଟ୍ଟାରେ ଜାତି ବରଜିଆ ଥିବା ବେଳେ ଚାଷ ଜମି ପଟ୍ଟାରେ ବରିଜି ଥାଇ ଜାତି ପ୍ରମାଣପତ୍ର ପାଇ ପାରୁନାହାନ୍ତି। ବରଜିଆ, ବରଜି, ବରିଜି, ତାମିଳ ଆଦି ସମାନ ଜାତି ହୋଇଥିବାରୁ ସରକାର ଉକ୍ତ ଜାତି ଗୁଡ଼ିକୁ ଏସ୍ଇବିସି ଓ ଓବିସିରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ଦାବୀ ହୋଇଥିବା ବେଳେ ଏହାକୁ ଲିଖିତ ଆକାରରେ ସଚିବ, ମୁଖ୍ୟମନ୍ତ୍ରୀ, ପଛୁଆବର୍ଗ ଜାତି ମନ୍ତ୍ରୀ, ଜିଲ୍ଲାପାଳ ପ୍ରମୁଖଙ୍କୁ ପ୍ରେରଣ କରାଯିବ।ଆବଶ୍ୟକ ହେଲେ ନ୍ୟାୟାଳୟର ଆଶ୍ରୟ ନେବାକୁ ପଡ଼ିବ ବୋଲି ଆଲୋଚନା କରାଯାଇଥିଲା। ଉକ୍ତ ସମାବେଶରେ ସଭାପତି ଡ. ଅକ୍ଷୟ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି - ସନ୍ତୋଷ କୁମାର ସାହୁ, ସମ୍ପାଦକ ସଞ୍ଜୟ କୁମାର ପରିଡ଼ା, ଉପସଭାପତି ରମେଶ ଚନ୍ଦ୍ର ପରିଡ଼ା, ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ମାନସ କୁମାର ପରିଡ଼ା, ପ୍ରମୋଦ କୁମାର ସାହୁ, ଓ କଳାକୃଷ୍ଣ ସାହୁ, ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ପରିଡ଼ା, କୋଷାଧକ୍ଷ ଶୁଭେନ୍ଦୁ କୁମାର ପରିଡ଼ା, ଆବାହକ ତପନ କୁମାର ସାହୁ, ପ୍ରବୀର କୁମାର ସାହୁ ଓ ଚିତ୍ତରଞ୍ଜନ ପରିଡ଼ା, ମିଡିଆ ସେଲ ସଦସ୍ୟ ଗଗନ ବିହାରୀ ସାହୁ, ଧନଞ୍ଜୟ ପରିଡ଼ା, ଅଶ୍ୱିନୀ କୁମାର ପରିଡ଼ା, ତରୁଣକାନ୍ତି ନାୟକ ଓ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଞ୍ଛାନିଧି ସାହୁ, ଦୀନବନ୍ଧୁ ପ୍ରଧାନ, ଭୂପତି କୁମାର ପରିଡ଼ା, ବଳରାମ ସାହୁ ଓ ଅଜୟ କୁମାର ବେଜ ପ୍ରମୁଖ ଉପସ୍ଥିତ ରହି ବରଜିଆ ଜାତିକୁ ଏସ୍ଇବିସି ଓ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଅର୍ଥ ଆତ୍ମସାତ୍ ମାମଲାରେ ପୂର୍ବତନ ସମ୍ପାଦକଙ୍କୁ ୩ବର୍ଷ ଜେଲ

ବାଲେଶ୍ୱର,୨୩।୭(ସମିସ): ସମବାୟ ସମିତିର ପୂର୍ବତନ ସମ୍ପାଦକ ଜାଲ କାଗଜପତ୍ର କରି ସରକାରୀ ଅର୍ଥକୁ ହେରଫେର ମାମଲାକୁ ଆଜି ସ୍ୱତନ୍ତ୍ର ଭିଜିଲାନସ ଜଜ୍ ଲଳିତ କୁମାର ଦାଶ ବିଚାରକରି ପୂର୍ବତନ ସମ୍ପାଦକ ମନୋହର ବେହେରାଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଖଇରା ବ୍ଲକ ଅର୍ନ୍ତଗତ ଔସଙ୍ଗ ସମବାୟ ସମିତିରେ ୨୦୦୫-୦୬ରେ ସମ୍ପାଦକ ଭାବେ ଖଇରା ଥାନା ଅଗଡିଆ ଅଞ୍ଚଳର ମନୋହର ବେହେରା କାର୍ଯ୍ୟ କରୁଥିଲେ। ସେ ସମବାୟ ସମିତିର କ୍ୟାସବୁକରେ ୩ ଲକ୍ଷ ୪୧ହଜାର ୨୫୪ଟଙ୍କା ହେରଫେର କରିଥିଲେ। ଏ ନେଇ ୨୦୧୦ମସିହାରେ ଭିଜିଲାନସ ବିଭାଗ ଠାରେ ଅଭିଯୋଗ ହୋଇଥିଲା। ଭିଜିଲାନସ ବିଭାଗ ୩୯/୨୦୧୦ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଆଧାରରେ ଆଜି ୧୨ଜଣ ସାକ୍ଷୀ ଓ ଦସ୍ତାବିଜକୁ ଆଧାର କରି ତାଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଭିଜିଲାନସ ପିପି ରାଧାକୃଷ୍ଣ ମହାପାତ୍ର ମାମଲାକୁ ପରିଚାଳନା କରୁଥିଲେ।

## ପ୍ରଫେସର ବିଧୁଭୂଷଣ ମିଶ୍ର ଏମ୍ଏସ୍ସିବି ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି

ବାରିପଦା, ୨୩।୭ (ସମିସ): ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପଦବୀକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ କୁଳାଧିପତି ତଥା ରାଜ୍ୟପାଳ



ହରିବାବୁ କମ୍ଭପତି ଏହି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେଇଛନ୍ତି। ସେ ୬ ମାସ ପାଇଁ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ ଜଣେ ସ୍ଥାୟୀ କୁଳପତି ନିଯୁକ୍ତି ନ କରି ପୁଣି ଅସ୍ଥାୟୀ ନିଯୁକ୍ତିକୁ ଜିଲ୍ଲାରେ ନାପସନ୍ଦ କରୁଛନ୍ତି। ପୂର୍ବ କୁଳାଧିପତି ଏହିପରି ଭାବେ ୨୦୨୨ ଡିସେମ୍ବର ୭ତାରିଖରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଏକ ବର୍ଷ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ; ପରନ୍ତୁ ୨ବର୍ଷ ୮ ମାସ ପରେ ମଧ୍ୟ ସ୍ଥାୟୀ କୁଳପତି ନିଯୁକ୍ତି ନ ହେବାରୁ ସେ ଦାୟିତ୍ୱ ତୁଲାଉଥିଲେ। ପରନ୍ତୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ମଧ୍ୟ କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିଲା। ମାତ୍ର ମଙ୍ଗଳବାର ସୁଦ୍ଧା ନୂତନ କୁଳପତି ନିଯୁକ୍ତି ସମ୍ବନ୍ଧରେ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ କୌଣସି ନିର୍ଦ୍ଦେଶନାମା ଆସି ନ ଥିବାରୁ ଅନିଶ୍ଚିତତା ଲାଗିରହିଥିଲା। ଆଜି ପ୍ରଫେସର ବିଧୁ ଭୂଷଣ ମିଶ୍ରଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ୨୦୨୩ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

## ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର,୨୩।୭(ସମିସ): ଗ୍ରୁପ ଟଙ୍କାକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ହତ୍ୟା କରିବା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଜିଲ୍ଲା ଓ ଦୌରା ଜଜ ସତ୍ୟନାରାୟଣ ମିଶ୍ର ୧୫ଟି ସାକ୍ଷୀ ଓ ୨୯ଟି ଦସ୍ତାବିଜ ଆଧାରରେ ସ୍ୱାମୀ ନୀଳାମ୍ବର ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ତିନିବର୍ଷ କାରାଦଣ୍ଡ ଭୋଗିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମୃତ ପତ୍ନୀ ହେଉଛନ୍ତି ସାବିତ୍ରୀ ମଲ୍ଲିକ। ଖନ୍ତାପଡା ଥାନା ଅର୍ନ୍ତଗତ ଅରଳା ଗ୍ରାମର ନୀଳାମ୍ବର ୨୦୧୯ ମସିହା ଅଗଷ୍ଟ ମାସ୧୦ତାରିଖରେ ଗ୍ରୁପ ଟଙ୍କା ସୁଝିବା ପାଇଁ ତାଙ୍କ ପତ୍ନୀ ସାବିତ୍ରୀ କିସ୍ତି ଟଙ୍କା ମାଗିଥିଲେ। ହେଲେ ଏହାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନୀଳାମ୍ବର ଏକ ବାଉଁଶ ଠେଙ୍ଗାରେ ତାଙ୍କ ସ୍ତ୍ରୀର ମୁଣ୍ଡକୁ ପିଟିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଖନ୍ତାପଡା ଥାନାରେ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ନୀଳାମ୍ବରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ଜିଲ୍ଲା ଓ ଦୌରାଜଜ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାର କରି ୩୦୨ଦଫାରେ ତାଙ୍କୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଗଞ୍ଜନ ଶବର ପରିଚାଳନା କରୁଥିଲେ।

## ତେଜରାତି ଦୋକାନରୁ ଚୋରି

ସୋର, ୨୩।୭ (ସମିସ): ସୋର ଥାନା ମଙ୍ଗଳପୁର ବଜାରରେ ଥିବା ଏକ ତେଜରାତି ଦୋକାନରୁ ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡିଛି। ମଙ୍ଗଳପୁର ଗ୍ରାମର ତାପସ କୁମାର ଦାସ ମଙ୍ଗଳପୁର ବଜାରରେ ଏକ ଗ୍ରୋସରୀ ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ପଛପଟ ଝରକା ଭାଙ୍ଗି ଡ୍ରରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବସ୍ତାରେ ଦିନକରେ ୩ ଅପମୃତ୍ୟୁ

ରାଜଘାଟ/ ବସ୍ତା ବ୍ଲକ, ୨୩।୭ (ସମିସ): ବସ୍ତା ଅଞ୍ଚଳରେ ଆଜି ତିନି ଜଣଙ୍କର ଅପମୃତ୍ୟୁ ଘଟଣା ହୋଇଯାଇଛି। ବସ୍ତା ଥାନା ଭଗି ଚକୁରାଇ ଗାଁର ଲଡୁ ମାରାଣ୍ଡୀଙ୍କ ବାର ବର୍ଷୀୟ ଝିଅ ମିନତୀ ଗତ ରାତିରେ ଘରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ କାମୁଡି ଦେଇଥିଲା। ଏହାପରେ ସେ ଅସୁସ୍ଥ ଅନୁଭବ କରିବାରୁ ତାକୁ ବସ୍ତା ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତା'ର ମୃତ୍ୟୁ ଘଟିଛି। ଏନେଇ ଆଜି ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ସକାଳେ ଏହି ଥାନା ଅନ୍ତର୍ଗତ ମୂଳିଦା ଗାଁର ଜଣେ ୭୬ ବର୍ଷୀୟା ମହିଳା ରଙ୍ଗଲତା ଜେନା(ସ୍ୱାମୀ ସ୍ୱର୍ଗତ ଦୟାନିଧି) ସ୍ଥାନୀୟ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ଗଭୀର ପାଣିକୁ ଗୋଡ଼ ଖସି ଯିବାରୁ ସେ ବୁଡି ଯାଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ତାଙ୍କର ଜୀବନ ରକ୍ଷା ହୋଇପାରି ନ ଥିଲା। ଏ ସମ୍ପର୍କରେ ଆଉ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତଦନୁରୂପ ଚନ୍ଦନେଶ୍ୱର ଅଞ୍ଚଳର ମନ୍ମଥ ବଳ(୭୬ବର୍ଷ) ଅସୁସ୍ଥ ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଉଥିବା ବେଳେ ବସ୍ତା ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୋଖରୀରେ ବୁଡ଼ି ଚାରି ବର୍ଷର ଶିଶୁପୁତ୍ର ମୃତ

ବାଲିଆପାଳ, ୨୩।୭ (ସମିସ): ଏହି ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ପୋଖରୀରେ ପଡି ଜଣେ ଚାରିବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଛି। ମୃତ ଶିଶୁପୁତ୍ର ଜଣଙ୍କ ହେଲେ ଗ୍ରାମର ମନୋରଞ୍ଜନ ଜେନାଙ୍କ ପୁଅ ଦିବ୍ୟାଂଶୁ (୪)। ଦିବ୍ୟାଂଶୁ ଆଜି ସକାଳେ ତାର ପରିବାର ଲୋକଙ୍କ ସହ ଘର ପାଖ ଏକ ବିଲକୁ ଯାଇଥିଲା। କିଛି ସମୟ ପରେ ପିଲାଟି ଘରକୁ ଫେରି ନଥିବା ଦେଖି ପରିବାର ଲୋକେ ଖୋଜା ଖୋଜି କରିଥିଲେ। ତେବେ କୌଣସି ଆଡେ ନ ମିଳିବାରୁ ସନ୍ଦେହରେ ପାଖ ପୋଖରୀରେ ଖୋଜିବାରୁ ପାଣି ଭିତରୁ ପିଲାଟିକୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ପିଲାଟିକୁ ବାଳିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ଡାକ୍ତର ସେଠାରେ ପିଲାଟିକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ଡାକ୍ତରଖାନା ପରିସରରେ ସମ୍ପର୍କୀୟଙ୍କ ଗହଳିଜମିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ସମବାୟ ସମିତି ବିରୋଧରେ ଦୁଗ୍ଧଚାଷୀଙ୍କ ମେଳି

ଚନ୍ଦନେଶ୍ୱର, ୨୩।୭ (ସମିସ)



- **ମିଳୁନି ଉଚିତ ମୂଲ୍ୟ ଓ ପ୍ରୋତ୍ସାହନ ରାଶି**
- **୭ ଦିନ ମଧ୍ୟରେ ସମାଧାନ ନ ହେଲେ ଆନ୍ଦୋଳନ**

ସମବାୟ ସମିତି ଜରିଆରେ ଦୁଗ୍ଧ ବିକ୍ରି କରୁଥିବା ଚାଷୀ ମେଳି ବାନ୍ଧିଛନ୍ତି। ବିକ୍ରି କରୁଥିବା ଦୁଗ୍ଧର ଉଚିତ ମୂଲ୍ୟ ସେମାନଙ୍କୁ ମିଳୁ ନଥିବା ବେଳେ ପ୍ରୋତ୍ସାହନ ରାଶି ବି ନାହିଁ। ପ୍ରତିଦିନ ଦୁଗ୍ଧ ପରୀକ୍ଷା ଆଳରେ ନିଆ ଯାଉଛି କ୍ଷୀର। ପରୀକ୍ଷା ପାଇଁ ଆବଶ୍ୟକୀୟ ମେସିନ ମଧ୍ୟ ନାହିଁ। କୌଣସି ସୂଚନା ଫଳକ ବି ନାହିଁ। ଏଭଳି ନାନା ସମସ୍ୟା ଭିତରେ ଚାଷୀଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରା ଯାଉଛି। ଏଭଳି ସମସ୍ୟାକୁ ନେଇ ଖୁବ୍‌ଶିଘ୍ର ଚାଷୀ ମାନେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟିବେ। ତୁରନ୍ତ ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଠିଥଭଉଁରୀ ଗ୍ରାମପଞ୍ଚାୟତରେ। ମିଳିଥିବା ସୂଚନା ଅନୁଯାୟୀ, ଭୋଗରାଇର କାନ୍ଠିଥଭଉଁରୀରେ ରହିଛି ନାରାୟଣ ମହାନ୍ତି ପଡିଆ ଦୁଗ୍ଧ ସଂଗ୍ରହ ସମବାୟ କେନ୍ଦ୍ର। କାନ୍ଠିଥଭଉଁରୀ ଗାଁର ଭବାନୀ ଖିଲାର ଏହାର ସଭାପତି ରହିଛନ୍ତି। ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ୭୦ରୁ ଉର୍ଦ୍ଧ୍ୱ ଚାଷୀ ୧୨୦ଲିଟରରୁ ଅଧିକ କ୍ଷୀର ବିକ୍ରି କରିଥାନ୍ତି। କ୍ଷୀର କ୍ରୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ଦାମ ନଥିବା ବେଳେ ପ୍ରତିଦିନ ପରୀକ୍ଷା କରି ୩୦ଟଙ୍କାରୁ ୪୨ଟଙ୍କା ମଧ୍ୟରେ ଚାଷୀଙ୍କଠାରୁ ସଂଗ୍ରହ ହେଉଛି। ସଭାପତିଙ୍କ ଝିଅ ଦିପାଳି ଖିଲାର କ୍ଷୀର ସଂଗ୍ରହ କରନ୍ତି। ଦୀର୍ଘ ଦିନ ହେବ ଗୋଟିଏ ଯାଞ୍ଚ ମେସିନ ଖରାପ ହୋଇ ଯାଇଥିଲେ ମଧ୍ୟ ଯନ୍ତ୍ରାଂଶ ମିଳୁନଥିବା ଆଳ ଦେଖାଇ ମରାମତି କରା ଯାଇନାହିଁ। ଯାଞ୍ଚ ଆଳରେ ପ୍ରତି ଚାଷୀଙ୍କ ଠାରୁ ୫୦ଗ୍ରାମ କ୍ଷୀର ଅଧିକ ନିଆ ଯାଉଛି। ସବୁଠାରୁ ବଡ଼କଥା ସରକାର ଘୋଷଣା କରିଥିବା ଲିଟର ପିଛା ୨ଟଙ୍କା ପ୍ରୋତ୍ସାହନ ରାଶି ଦୀର୍ଘ ମାସ ହେବ ସେମାନଙ୍କୁ ମିଳୁନାହିଁ। ଏ ନେଇ ଓମଫେଡର ଭୋଗରାଇ ସୁପରଭାଇଜର ଗୀତାରାଣୀ ଦାସ ପ୍ରକାଶ କରିଛନ୍ତି ଜୁନ ମାସରୁ ସରକାର ୩ ଟଙ୍କା ବୃଦ୍ଧି କରିଛନ୍ତି। ୧ଟଙ୍କା ଦୁଗ୍ଧ ବିକ୍ରି ବେଳେ ସିଧାସଳଖ ପାଉଛନ୍ତି। ବାକି ୨ଟଙ୍କା ମିଳିଯିବ। ଏହାଛଡା ପରୀକ୍ଷା ପାଇଁ ସବୁଠି ଏଭଳି ନିଆ ଯାଉଛି। କୌଣସି ବ୍ୟବସ୍ଥା ହେଉନାହିଁ। ତୁରନ୍ତ ସେମାନଙ୍କ ସମସ୍ୟା ଦୂର କରିବାକୁ ଚାଷୀ ଝରଣା ଭଞ୍ଜ, ନମିତା ରାଣୀ ଦେ, ହରିପ୍ରିୟା ଜେନା, ନୀଳକଣ୍ଠ ଭଞ୍ଜ, ତନୁଜା ଦାସ, ଆରତୀ ସାହୁ, ବାସନ୍ତୀ ଦାସ, ଅଜୟ ପରିଡା, ରିଙ୍କୁ ଦତ୍ତ ପ୍ରମୁଖ ଦାବି କରିଛନ୍ତି।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶ୍ରିର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

## ହାଇକୋର୍ଟ ଅଧିବକ୍ତାଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର,୨୩।୭ (ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ ମୁଖରା ଗାଁରେ ହାଇକୋର୍ଟ ଓକିଲ ତଥା ଭାରତ ସରକାରଙ୍କ ନୋଟାରୀ ପ୍ରବୀର କୁମାର ଦାସଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଭୁବନେଶ୍ୱର ବାର୍ ଆସୋସିଏସନ। ଗତ ୬ ଦିନ ଶ୍ରୀ ଦାସ ଜେନାବରାଇ ମୌଜା ଅନ୍ତର୍ଗତ କମଳା ପୋଖରୀ ପାଖରେ ନିଜ ଜମିରେ ବାଉଁଶ ବୁଦା ସଫା କରାଉଥିବା ସମୟରେ ଶ୍ରୀ ଦାସଙ୍କ ଉପରକୁ ଆକ୍ରମଣ ହୋଇଥିଲା। ଉକ୍ତ ଗାଁର ଜୟଚନ୍ଦ୍ର ବେହେରା ଓରଫ ବାଙ୍ଗରା ଏବଂ ତାଙ୍କ ପୁଅ ସଞ୍ଜୟ ବେହେରା ଓରଫ ବାଣ୍ଟୁ ଶ୍ରୀ ଦାସଙ୍କୁ ଜୀବନରୁ ମାରିଦେବା ପାଇଁ ଚେଷ୍ଟା କରିଛନ୍ତି। ଆକ୍ରମଣ ଫଳରେ ପ୍ରବୀରଙ୍କ ଜଙ୍ଘ ଏବଂ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ଜମିଜମା ମାମଲାରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ପୂର୍ବରୁ ବାଙ୍ଗରା ଜେଲ୍ ମଧ ଯାଇସାରିଛି। ସୂଚନାଯୋଗ୍ୟ, ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଦାସ ଭୁବନେଶ୍ୱରରେ ରୁହନ୍ତି। ତାଙ୍କ ବାପା ଗଙ୍ଗାଧର ଦାସଙ୍କ ଦେହାନ୍ତ ପରେ ସେ ନିଜ ଗାଁରେ ଥିବା ଜମିଜମା ବୁଝାବୁଝି କରିବା ପାଇଁ ଯାଇଥିଲେ। କଣ୍ଟା ବାଉଁଶ ବୁଦା ଗୁଡ଼ିକ ଫସଲ ନଷ୍ଟ କରୁଥିବା କାରଣରୁ ସେ ଲୋକ ଲଗାଇ କଟର ସାହାଯ୍ୟରେ ସେଗୁଡ଼ିକ କଟାକଟି କରୁଥିଲେ। ଏହି ସମୟରେ ହଠାତ ଉତ୍ତ୍ୟକ୍ତ ହୋଇ ବାଣ୍ଟୁ-ବାଙ୍ଗରା ବାପ ପୁଅ ତାଙ୍କ ଉପରକୁ କୋଦାଳ ଏବଂ ବାଉଁଶ ମୂଳୀ ସହାୟତାରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ଘଟଣା ପରେ ଶ୍ରୀ ଦାସ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଶ୍ରୀ ଦାସ ଜଣେ ବରିଷ୍ଠ ଆଇନଜୀବୀ ହେବା ସହ ଭୁବନେଶ୍ୱରରୁ ପ୍ରକାଶିତ ଏକ ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ମଧ ଅଛନ୍ତି। ଏହି ଘଟଣାକୁ ନେଇ ରେମୁଣା ପୁଲିସ ଏକ ମାମଲା ରୁଜୁ କରିଛି।



**ଥାନାରେ ମାମଲା, ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ**

**ଉଦ୍‌ବେଗ ପ୍ରକାଶ କଲା ଭୁବନେଶ୍ୱର ବାର୍ ଆସୋସିଏସନ**

### ଏସଏଫ୍‌ଆଇ ବାଲେଶ୍ୱର ଜିଲ୍ଲା ସାଂଗଠନିକ କମିଟିର କନଭେନସନ୍

## ସୌମ୍ୟାଶ୍ରୀଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି

ବାଲେଶ୍ୱର,୨୩।୭ (ସମିସ)

ଶିକ୍ଷାନୁଷ୍ଠାନ ହତାରେ ନିରାପତ୍ତା ଓ ସମାନତା ହାସଲ ପାଇଁ ସଂଗ୍ରାମ ଠାରୁ ସୌମ୍ୟାଶ୍ରୀ ପାଇଁ ନ୍ୟାୟ ଅଲଗା ନୁହେଁ ବୋଲି ଭାରତର ଛାତ୍ର ଫେଡେରେସନ୍ (ଏସ୍.ଏଫ୍.ଆଇ) ପକ୍ଷରୁ ଆୟୋଜିତ କନଭେନସନରେ ବକ୍ତବ୍ୟ ରଖି ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଶ୍ରମିକ ଭବନ ସମ୍ମିଳନୀ କକ୍ଷରେ ସୌମ୍ୟାଶ୍ରୀଙ୍କୁ ସରକାରୀ କଳର ଯୋଜନାବଦ୍ଧ ହତ୍ୟାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଇସ୍ତଫା ଦାବି, ଶିକ୍ଷାନୁଷ୍ଠାନ ହତାରେ ଗଣତାନ୍ତ୍ରିକ ଅଧିକାର ଓ ନିରାପତ୍ତା ଆଦି ପ୍ରସଙ୍ଗ ଉପରେ ଏସ ଏଫ୍ ଆଇ ବାଲେଶ୍ୱର ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ଏକ କନଭେନସନ୍ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏସ ଏଫ୍ ଆଇ ସର୍ବଭାରତୀୟ ସାଧାରଣ ସଂପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ କହିଲେ ଯେ ଶାସକ ଦଳ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ମାସ ମାସ ଧରି ତାଙ୍କର ଅଭିଯୋଗ ପ୍ରତି ଅଣଦେଖା ଓ ଅବିଚାର କରି ଆତ୍ମହତ୍ୟା ଆଡ଼କୁ ଠେଲି ଦେଇ ଥିଲା। ବିଦ୍ୟାର୍ଥୀ ପରିଷଦର ସକ୍ରିୟ ସଦସ୍ୟ ଥିବା ସୌମ୍ୟାଶ୍ରୀଙ୍କୁ ସୁରକ୍ଷା ଓ ନିରାପତ୍ତା ଦେଇ ପାରିଲା ନାହିଁ। ଯେଉଁମାନେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ସେମାନଙ୍କୁ ଠିକଣା ଭାବେ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ନିଯୁକ୍ତ କରିଥିବା କ୍ରାଇମ୍ ବ୍ରାଞ୍ଚ ତଦନ୍ତକୁ ପ୍ରତ୍ୟାଖ୍ୟାନ କରି ଭଟ୍ଟାଚାର୍ଯ୍ୟ କହିଲେ ଯେ ବିଚାର ବିଭାଗୀୟ ତଦନ୍ତ ହେଲେ ସରକାରୀ ଦଳର ଚାପରୁ ମୁକ୍ତ ହୋଇ ନୀରପେକ୍ଷ ଭାବେ ତଦନ୍ତ କରି ପାରିବ। ଶ୍ରୀ ଭଟ୍ଟାଚାର୍ଯ୍ୟ କହିଲେ ଯେ ସୌମ୍ୟାଶ୍ରୀ ପାଇଁ ନ୍ୟାୟ ଦାବୀକୁ ଶିକ୍ଷାନୁଷ୍ଠାନ ହତାରେ ନିରାପତ୍ତା ଓ ସମାନତା ପାଇଁ ଚାଲିଥିବା ବୃହତ୍ତର ସଂଗ୍ରାମର ଏକ ଅଂଶ ଭାବେ ଏସ ଏଫ୍ ଆଇ ବିଚାର କରେ। ମନୁବାଦୀ ସାମ୍ପ୍ରଦାୟିକ ବିଜେପି ଦଳ ନାରୀ ସ୍ୱାଧିନତା ଓ ଦଳିତ ମୁକ୍ତି ବିରୋଧୀ ଆଦର୍ଶରେ ବିଶ୍ୱାସ କରେ। ତେଣୁ ଅପରାଧୀଙ୍କ ବିରୋଧରେ ଦୃଢ଼ ଆଇନ ବଦଳରେ ଆଇନ ଅପରାଧିଙ୍କ କୋଳରେ ଆଶ୍ରୟ ନେଇଛି। ଓଡ଼ିଶାରେ ବଢୁଥିବା ନାରୀ ଧର୍ଷଣ, ଶିକ୍ଷାନୁଷ୍ଠାନ ହତାରେ ସୌମ୍ୟାଶ୍ରୀ ଓ ପ୍ରକ୍ରିତୀ ହତ୍ୟା ଓ ଦଳିତ ନିର୍ଯାତନା ତାର ପ୍ରମାଣ ବୋଲି ସେ କହିଥିଲେ। ଏସ ଏଫ୍ ଆଇ ର ପ୍ରାକ୍ତନ ରାଜ୍ୟ ଉପସଭାପତି ତଥା ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ସୌମ୍ୟାଶ୍ରୀ ଓ ତାଙ୍କ ଭାଇ ନିଜ ଦସ୍ତଖତରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ଟୁଇଟର ଜରିଆରେ ବାର୍ତ୍ତା ଦେବା ସତ୍ତ୍ୱେ କେହି ସେଥିପ୍ରତି କର୍ଣ୍ଣପାତ ନକରିବା ହେଉଛି ଚରମ ଦାୟିତ୍ୱହୀନତା ଓ ମାନବିକ ସମ୍ବେଦନ ଶୂନ୍ୟତା ଓ ଏମାନେ ଜନ ପ୍ରତିନିଧି ହେବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି।

ଏସ ଏଫ୍ ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ନିଜ ବକ୍ତବ୍ୟରେ କହିଲେ ଯେ ଅଧକ୍ଷ ଓ କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀଙ୍କୁ ମୃତ୍ୟୁମୁଖକୁ ପଠାଇଛି। ଏମାନଙ୍କୁ ତଦନ୍ତ ପରିସର କରିବା ସହ ସବୁ କଲେଜରେ ଯୌନ ନିର୍ଯାତନା ବିରୋଧୀ ଆଇନ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏସ ଏଫ୍ ଆଇ ରାଜ୍ୟ ସଭାପତି ଚନ୍ଦନ କାମୀଲାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ରାକ୍ଷୀ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଲିପୁ ବଳିଆରସିଂହ, ରାଜ୍ୟ କମିଟି ସଭ୍ୟ ମାନସ ରଞ୍ଜନ ଦଳବେହେରା , ଅଭିଳାଷ ମ, ମଳିକ, ବାଲେଶ୍ୱର ଛାତ୍ର ନେତା ଅଚ୍ୟୁତାନନ୍ଦ ଜେନା, ସୌରଭ ସାର୍ଥକ ସାହୁ ଓ ତୁଳସୀ ସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପରେ ଶ୍ରୀଜନ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୌମ୍ୟାଶ୍ରୀଙ୍କ ପଲାସିଆ ବାସଭବନକୁ ଯାଇ ତାଙ୍କ ପିତାମାତାଙ୍କୁ ସାକ୍ଷାତକର ସାନ୍ତ୍ୱନା ଦେଇଥିଲେ ଓ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏସ ଏଫ୍ ଆଇ ଲଢେଇ ଜାରୀ ରହିବ ବୋଲି କହିଥିଲେ। ପ୍ରାରମ୍ଭରେ କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ , ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ୟବାଦୀ ନେତା ଭି ଏସ ଅଚ୍ୟୁତନନ୍ଦନ ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇ ଏକ ମିନିଟ୍ ନୀରବତା ଅବଲମ୍ବନ କରାଯାଇଥିଲା।




### ଏବିଭିପି ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

## ରାଲିରେ ଯିବାବେଳେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ





ବାଲେଶ୍ୱର,୨୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ ଏଚଓଡିଙ୍କ ନିର୍ଯାତନା ସହି ନ ପାରି ଶେଷରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଗତ ୧୨ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏମସରେ ଚିକିତ୍ସିତ ହେଉଥିବା ବେଳେ ୧୪ତାରିଖରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଆଜି ଏବିଭିପି ଛାତ୍ର ସଙ୍ଗଠନ ପକ୍ଷରୁ କଲେଜ ସମ୍ମୁଖରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ତେବେ ଏବିଭିପି ପକ୍ଷରୁ ଆଜି ସକାଳ ୧୧ଟା୩୦ମିନିଟ ସମୟରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆରୁ ଏକ ଶୋଭାଯାତ୍ରାରେ ଫକୀରମୋହନ ସ୍ୱୟଂଶାସିତ କଲେଜ ସମ୍ମୁଖରେ ପହଁଚିଥିଲେ। ସେଠାରେ ଏବିଭିପି ଛାତ୍ରଛାତ୍ରୀ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତି ଚାରଣ କରିଥିଲେ। ଅନ୍ୟପଟେ ଆଜି ପ୍ରବଳ ଗରମ ସହ ଗୁଳୁଗୁଳି ହେଉଥିଲା। ଏହି ସମୟରେ ଚାରେଟି ଜିଲ୍ଲାରୁ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଆସିଥିଲେ। ସୋମାନେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆରୁ ଫକୀରମୋହନ କଲେଜ ନିକଟକୁ ଆସିଥିଲେ। ତେବେ ସେଠାରେ କୌଣସି ପ୍ରକାର ବ୍ୟବସ୍ଥା ନଥିବା ବେଳେ ପ୍ରବଳ ଗରମ ଯୋଗୁ ପ୍ରାୟ୨୦ରୁ ଅଧିକ ଛାତ୍ରଛାତ୍ରୀ ଅଚେତ ହୋଇ ପଡିଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା କରାଯାଇ ଛାଡି ଦିଆଯାଇଛି।

## ତାଲ ଦରବାରର ସ୍ୱନକ୍ଷତ୍ର ଉତ୍ସବ




ବାଲେଶ୍ୱର,୨୩।୭ (ସମିସ): ସହରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ତାଲ ଦରବାରର ତୃତୀୟ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସଙ୍ଗୀତ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ପ୍ରଶାନ୍ତ ଦାସ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ରକ୍ଷା ଦିଗରେ ତାଲ ଦରବାର ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ଭୁବନେଶ୍ୱରର ବିଶିଷ୍ଟ ତବଲା ବାଦକ ବିଦ୍ୱାନ କୁଳମଣି ସାହୁ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଳ ଓ ବାଦ୍ୟର ସମିଶ୍ରଣରେ ସଂଗୀତ ପ୍ରାଣ ସଂଚାର କରିପାରେ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ତଥା ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଏହି ଅବସରରେ ଭିଡିଓ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଜିତାନନ୍ଦ ଦେବଗୋସ୍ୱାମୀ ଏଥିରେ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ କଲିକତାର ସରୋଦ ବାଦକ ବିଦ୍ୱାନ ମୋନିତ ପାଲଙ୍କୁ ତାଲ ଦରବାର କଥକ ସ୍ୱରଜ୍ୟୋତି ସମ୍ମାନ ୨୦୨୫, ଶ୍ରୀନିକ୍ସ ଇଞ୍ଜିନିୟରିଂ କଲେଜ ଅଧକ୍ଷ ପ୍ରଫେସର ଯଶୋବନ୍ତ କୁମାର ମହାନ୍ତି ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧକ୍ଷ ସୁଧାଂଶୁ ପଣ୍ଡାଙ୍କୁ ଶିକ୍ଷାଜ୍ୟୋତି ସମ୍ମାନ, ଶ୍ରୀକାନ୍ତ ମହାପାତ୍ର ଓ ଭାରତୀ ପଣ୍ଡାଙ୍କୁ ସେବା ଜ୍ୟୋତି ସମ୍ମାନ, ବିଶିଷ୍ଟ ସାମ୍ବାଦିକ ଅଜିତ କୁମାର ମହାନ୍ତିଙ୍କୁ ସାମ୍ବାଦିକ ଜ୍ୟୋତି ସମ୍ମାନ, ସଞ୍ଜୟ ରାଉଳଙ୍କୁ ଚିତ୍ରକଳା ଭାସ୍କର୍ଯ୍ୟ ଜ୍ୟୋତି ସମ୍ମାନ, ସଚ୍ଚିଦାନନ୍ଦ ସାହୁଙ୍କୁ ସଙ୍ଗୀତ ଜ୍ୟୋତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଓଜିଏମ ଏକାଡେମୀ ଓ ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତ ଗାୟନ କରିଥିଲେ ଓ ପରେ ଗୁରୁ ସଚିଦାନନ୍ଦ ସାହୁ, ଗୁରୁ ବଂଶୀଧର ରଣା, ଗୁରୁ ରାଜେଶ ବେହେରା, ଗୁରୁ ସଞ୍ଜୀବ ବେହେରା, ଗୁରୁ ପ୍ରଭାକର ଜେନାଙ୍କ ସହ ରାଜକୁମାର ବେହେରା ଓ ଓମପ୍ରକାଶ ଗିରି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କବୟିତ୍ରୀ ଶୁଭଶ୍ରୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଙ୍ଗୀତଜ୍ଞ ନନ୍ଦକିଶୋର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ନାଁରେ ବସ୍ତା କଂଗ୍ରେସର ଅଭିଯୋଗ



ରାଜଘାଟ, ୨୩।୭ (ସମିସ): ବିଜେପିର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳକୁ ବଳାତ୍କାରୀଙ୍କ ଦଳ ଦେଶର ବିରୋଧି ଦଳର ନେତା ରାହୁଲ ଗାନ୍ଧୀ ଜଣେ ଦେଶ ଦ୍ରୋହି ବୋଲି କହିଥିଲେ ଯାହାକି ଏକ ଉତ୍ତେଜନା ପ୍ରବଣ ଓ ଦେଶର ଅଶାନ୍ତ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଏହା ଏକ ଆପତ୍ତି ଜନକ ମନ୍ତବ୍ୟ, ତେଣୁ ଏହାର ପ୍ରତିବାଦ କରି ଆଜି ବସ୍ତା କଂଗ୍ରେସ ପକ୍ଷରୁ ବସ୍ତା ଥାନାରେ ଅଭିଳାଷ ପଣ୍ଡାଙ୍କ ନାମରେ ବସ୍ତା କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ବରିଷ୍ଠ କଂଗ୍ରେସ ନେତା ମଦନ ଭକ୍ତା, ଜିଲ୍ଲା କଂଗ୍ରେସ କିଶାନ ସଭାପତି ଜୟନ୍ତ ମହାପାତ୍ର, ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ଉପସଭାପତି ସେକ କବିରୁଦ୍ଦିନ, ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଦୁଧହସା ପଞ୍ଚାୟତ ସଭାପତି ଚୈତନ୍ୟ ଗୋଛାୟତ, ଜଗନ୍ନାଥ ଜେନା, ଅଭୟ ଗିରି ପ୍ରମୁଖ ବସ୍ତା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

## ସହାୟକ ପକ୍ଷରୁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୩।୭ (ସମିସ): ସହାୟକ ବାଲେଶ୍ୱର ପକ୍ଷରୁ ବାଲିଆପାଳ ବ୍ଲକର ଜାମକୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲକପାଳ ଗ୍ରାମରେ ରିଲିଫ ବଣ୍ଟନ କାର୍ଯ୍ୟ ହୋଇଯାଇଛି। ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ବାଲେଶ୍ୱର କାର୍ଯ୍ୟାଳୟରେ ସହାୟକର ସଭାପତି ଡ. କ୍ଷିତୀଶ୍ୱର ଦାଶ, ବରିଷ୍ଠ ଉପଦେଷ୍ଟା ଇଂ ବନମାଳୀ ନାୟକ, ନିରଞ୍ଜନ ପରିଡା, କୁମୁଦ ରଞ୍ଜନ ଗିରି, ସୁରେନ୍ଦ୍ର ନାୟକ, ଗଙ୍ଗାଧର ପୃଷ୍ଟି, ରବିନାରାୟଣ ଭୋଳ ପ୍ରମୁଖ ରିଲିଫ ବଂଟନ କାର୍ଯ୍ୟରେ ଯୋଗ ଦେଇଥିବା ସଦସ୍ୟ ସଦସ୍ୟାମାନଙ୍କୁ ସ୍ୱାଗତ କରିଥିଲେ। ସଦସ୍ୟ ସଦସ୍ୟାମାନେ ରିଲିଫ ସାମଗ୍ରୀ ଧରି ବାଲିଆପାଳ ବ୍ଲକର ଲକପାଳ ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଦଣ୍ଡିକା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଂଚାନନ ନାୟକଙ୍କ ସହ କାଳିଚରଣ ନାୟକ ଓ ସଞ୍ଜୟ ଦାସ ସହାୟକର ସଦସ୍ୟ ସଦସ୍ୟାମାନଙ୍କୁ ଲକ୍ଷେଶ୍ୱର ମହାଦେବ ମନ୍ଦିର ନିକଟରେ ସ୍ୱାଗତ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ଦୁଇଟି ୱାଡର୍‌ର ମୋଟ୧୦୨ଟି ପରିବାର ମଧ୍ୟରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ 'ସହାୟକ' ବାଲେଶ୍ୱର ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ଗୁଣାକର ଦେ, ରବୀନ୍ଦ୍ରନାଥ ଗିରି, ଅକ୍ଷୟ କୁମାର କର, ଇଂ କେଶବ ଚରଣ ମହାନ୍ତି, ଲକ୍ଷ୍ମୀପ୍ରିୟା ଜେନା, ପ୍ରଣିତା ମିଶ୍ର, ଅମିତା ଦାଶ, ସାବିତ୍ରୀ ଦାସ ଅଂଶଗ୍ରହଣ କରିଥିଲେ।



## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୨୩।୭ (ସମିସ): ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଭାରତୀୟ ମଜଦୁର ସଂଘର ବାଲେଶ୍ୱର ଜିଲ୍ଲା ପକ୍ଷରୁ ୭୧ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ସଙ୍ଗିତା ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ଶ୍ରମିକ ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂଘର କୋଷାଧକ୍ଷ ଅପର୍ଣ୍ଣା ପରିଡା ଶ୍ରମିକ ସଙ୍ଗିତ ଗାନ କରିଥିଲେ। ଏହି ଅବସରରେ ଜିଲ୍ଲା ସମ୍ପାଦକ ଅରୂପ କୁମାର ନାୟକ ଭାରତୀୟ ମଜଦୁର ସଂଘ ଭାରତ ବର୍ଷର ଏକ ସର୍ବବୃହତ ଶ୍ରମିକ ସଙ୍ଗଠନ ବୋଲି କହିଥିଲେ। ଏହି ସଂଘ ୧୯୫୫ମସିହା ଜୁଲାଇ ୨୩ତାରିଖରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ୭୧ବର୍ଷରେ ପଦର୍ପଣ କରିଛି। ମଜଦୁର ସଂଘର ପ୍ରତିଷ୍ଠାତା ଦତପନ୍ତ ଠେଙ୍ଗଡୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଦ୍ୟାବଧି ରାଜନୈତିକ ଶ୍ରମିକ ସଂଘ ଭାବରେ ଉଭା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର ସଂଘଚାଳକ ଗୋପାଳଚନ୍ଦ୍ର ନାୟକ ଯୋଗଦେଇ ଭାରତୀୟ ମଜଦୁର ସଂଘ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକ ବିବିଧ କ୍ଷେତ୍ର, ରାଷ୍ଟ୍ର ହିତ, ଉଦ୍ୟୋଗ ହିତ ଓ ଶ୍ରମିକ ହିତର ଲକ୍ଷ ନେଇ ୭୧ବର୍ଷରେ ପଦାର୍ପଣ କରିଛି ବୋଲି ମତବ୍ୟକ୍ତ କରଥିଲେ। ଭାରତୀୟ ମଜଦୁର ସଂଘ ଅଖିଳ ଭାରତୀୟ କମିଟିର ନିର୍ଦ୍ଦେଶ ଅନୁସାରେ ଦିଲ୍ଲୀ ଠାରେ ଅନୁଷ୍ଠିତ ହେଉଥିବା ୭୦ବର୍ଷ ପୂର୍ତ୍ତି ସମାରୋହ ଉତ୍ସବକୁ ଏହି ଠାରେ ଲାଇଭ ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଲୋକ ପଣ୍ଡା, ଅଞ୍ଜନ କର, ସଞ୍ଜୟ ଦେ, ସୀତା ଦାସ, ଶକୁନ୍ତଳା ଗୋଛାୟତ, ଜାନକୀ ରାଉଳ, ଭାରତୀ ସ, ମନ୍ମୟ ଦାସ, ନିରଞ୍ଜନ ସିଂ, ରିନାରାଣୀ ଜେନା, ସୌଭାଗ୍ୟବତୀ ରାୟ, ଅଭୟ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସହ ସମ୍ପାଦକ ହିମାଂଶୁ ବେରା ଧନ୍ୟବାଦ ଦେଇଥିଲେ।

## ଫାଇଲେରିଆ ସାମୂହିକ ଔଷଧ ବଣ୍ଟନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୩।୭ (ସମିସ)

ଫାଇଲେରିଆ ରୋଗର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସାମୁହିକ ବାତଜ୍ୱର/ ଫାଇଲେରିଆ ଔଷଧ ସେବନ ଅଭିଯାନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂହଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମେଲେରିଆ ଅଧିକାରୀ ଡା. ସୂର୍ଯ୍ୟ ପ୍ରକାଶ ରାଉତରାୟ ଉପସ୍ଥିତ ରହି ଅଭିଯାନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ ଅଧିକ ମାତ୍ରାରେ ଫାଇଲେରିଆ- ବାତଜ୍ୱର ପରିଲକ୍ଷିତ ହେଉନଥିବା ବେଳେ ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯାଉଥିବା ବିଷୟରେ କହିଥିଲେ। ଏ ନେଇ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୦ ଦିନ ବ୍ୟାପୀ ବାତ ଜ୍ୱର ଔଷଧ ସେବନ ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀ ମାନେ ଏହି ଔଷଧ ବଣ୍ଟନ କାର୍ଯ୍ୟରେ ସାମିଲ ହେବେ ବୋଲି ଡା. ରାଉତରାୟ କହିଛନ୍ତି। ପ୍ରଭାବିତ ଅଞ୍ଚଳର ଦୁଇ ବର୍ଷର ଶିଶୁଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଫାଇଲେରିଆ ନିରାକରଣ ଔଷଧ ସେବନ କରାଯିବ। ଉଚ୍ଚ ରକ୍ତଚାପ,ମଧୁମେହ ଓ ପ୍ରସୂତିଙ୍କ ସହ ଦୁରାରୋଗ ପୀଡ଼ିତଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ ବୋଲି ବାହକ ରୋଗ ପରାମର୍ଶଦାତା ସୁପ୍ରିୟା ପାତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରାଜ୍ୟ ନୋଡାଲ ସଂଯୋଜକ ଡ. ନିଶିତ ଦାସ, ଡ ସଞ୍ଜୀବ ପ୍ରଧାନ ଓ ଡିପିଏମ ଚକ୍ରଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।





**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**


Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

# ସମ୍ପାଦକୀୟ



'ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ।
-କୋଫି ଆନନ୍

ସକାଳ
THE SAKALA

## ପରୀକ୍ଷା-ପ୍ରଶ୍ନ-ପ୍ରଘଟ

ପରୀକ୍ଷା ଆରମ୍ଭ ହୋଇନି। ସିଲ୍ ପ୍ରଶ୍ନପତ୍ର ଖୋଲାଯାଇନି। ଅଥଚ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲା। ତେଣୁ ପରୀକ୍ଷା ବାତିଲ କରାଗଲା। ହାତ ଲେଖା ପ୍ରଶ୍ନପତ୍ର, ସାମାଜିକ ଗଣମାଧ୍ୟମରେ ଘୂରିବୁଲିବାରୁ କର୍ତ୍ତୃପକ୍ଷ ନିର୍ବିଚାରରେ ଏ ପ୍ରକାର ଘୋଷଣା କଲେ। ଆମେ ଏଠାରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) କଥା କହୁଛୁ। ଗତ ସପ୍ତାହର ଶେଷଭାଗର ଏହି ଘଟଣାଟି କେବଳ ଶିକ୍ଷକ ସମାଜକୁ ନୁହେଁ, ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି। ସିଲ୍ ପ୍ରଶ୍ନପତ୍ରରେ କ'ଣ ଅଛି ତାହା ଜାଣିବାର ଅବକାଶ. ନାହିଁ। ତଥାପି ପ୍ରଘଟ ହେଲା। ବିଚିତ୍ର ପରିଚାଳନା ବ୍ୟବସ୍ଥା। କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତାକୁ ଯେତେ କଠୋର ଭାଷାରେ ସମାଲୋଚନା କଲେ ମଧ୍ୟ ଯଥେଷ୍ଟ ହେବନି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିଲେ। ରାଜ୍ୟର ଗଣଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବା ବେଳେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଏବଂ କାର୍ଯ୍ୟରତ ଶିକ୍ଷକଙ୍କ ବେତନ ଭତ୍ତା ସମସ୍ୟାର ସମାଧାନ ଦାବି କେବେ ପୂରଣ ହୁଏନି। ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଶିକ୍ଷକ ଆନ୍ଦୋଳନ ଓ ଧାରଣା ଆରମ୍ଭ ହୋଇଯାଏ। କେବଳ ପ୍ରତିଶ୍ରୁତିରେ ସେମାନଙ୍କ ଦାବି ପୂରଣ ହୁଏ। ଏହି ଓଟିଇଟି ପରୀକ୍ଷା ହିଁ ଏକ ସୁଯୋଗ, ଯାହା ମାଧ୍ୟମରେ ସେମାନଙ୍କ ଯୋଗ୍ୟତା ସ୍ୱୀକୃତି ପାଇଥାଏ ଏବଂ ସରକାରୀ ବେତନ ଭତ୍ତା ପାଇବାର ଅବକାଶ ସୃଷ୍ଟି ହୋଇଥାଏ। ସେଥିରେ ଯଦି ବିଭ୍ରାଟ ଘଟେ ଆଶାୟୀଙ୍କ ମନରେ କିପ୍ରକାର ବିଦ୍ରୋହ ସୃଷ୍ଟି ହେଉଥିବ ତାହା ସହଜରେ ଅନୁମେୟ।

ପରିସ୍ଥିତି ଏପରି ହେଲା ଯେ ରବିବାର ପରୀକ୍ଷା ହେବାର ଥିଲା। ଶନିବାର ରାତିରେ ପରୀକ୍ଷା ବାତିଲ ଘୋଷଣା କରାଗଲା। ପରୀକ୍ଷାର୍ଥୀଙ୍କୁ ନିଷ୍ପତ୍ତି ସଂପର୍କରେ ଜାଣିବାର ସୁଯୋଗ ନଥିଲା। ପରୀକ୍ଷା କେନ୍ଦ୍ରରେ ତାଲା ପକାଇ ବାତିଲ ନୋଟିସ ଟଙ୍ଗାଇ ଦିଆଗଲା। ଘରୁ ଆସିଥିବା ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ଏ ସଂପର୍କରେ ଅବଗତ ହେଲେ। ବିଚରା ଠିକା ଶିକ୍ଷକ ନିଜର ନ୍ୟାଯ୍ୟ ଦାବି ହାସଲ ପାଇଁ ଆଉ କେତେଦିନ ଲଢ଼ିବେ? ପରୀକ୍ଷା ପାଇଁ ପ୍ରସ୍ତୁତି ଓ ଦୂରଦୂରାନ୍ତରୁ ଦିନକ ପୂର୍ବରୁ ଆସି ପରୀକ୍ଷା କେନ୍ଦ୍ର ସନ୍ନିକଟସ୍ଥ ଅଞ୍ଚଳରେ ଅବସ୍ଥାନ କରିଥିବା ଶିକ୍ଷକଙ୍କୁ ବାତିଲ ନିଷ୍ପତ୍ତି ନିଶ୍ଚୟ ବାଧିଥିବ। ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା କରିବାର ଦକ୍ଷତା ଏବଂ ତଥାକଥିତ ନିଷ୍ପକ୍ଷତା ଓ ଗୋପନୀୟତା ନେଇ କେବଳ ପରୀକ୍ଷାର୍ଥୀ ନୁହନ୍ତି ଯେ କେହି ପ୍ରଶ୍ନ ଉଠାଇବା ସ୍ୱାଭାବିକ। ଏକଥା କହିଲାବେଳେ ପରିଷଦ କର୍ତ୍ତୃପକ୍ଷ ନିଶ୍ଚୟ କହିବେ ରାଜ୍ୟର ସର୍ବବୃହତ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା କରୁଥିବାର ସାମର୍ଥ୍ୟ ସେମାନଙ୍କର ଅଛି। କିନ୍ତୁ ଏକ୍ଷେତ୍ରରେ ମଧ୍ୟ ଚାଲିଥିବା କେଳେଙ୍କାରୀ ଏକାଧିକ ଥର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ୭୫ ହଜାର ୪୦୩ ଶିକ୍ଷକ ଚାକିରିରେ ନିୟମିତ ହେବାର ଯୋଗ୍ୟତା ହାସଲ ସକାଶେ ଫର୍ମ ପୂରଣ କରିଥିଲେ। ସେମାନଙ୍କଠାରୁ ଆଦାୟ କରାଯାଇଥିବା ଫି ମଧ୍ୟ କିଛି କମ ନୁହେଁ। ଗୋଟିଏ ପେପର ପାଇଁ ୯୦୦ ଟଙ୍କା ଓ ଦୁଇଟି ପେପରକୁ ୧୪୦୦ ଟଙ୍କା ଆବେଦନ ବେଳେ ଦେବାକୁ ପଡିଛି। ପରୀକ୍ଷା ନହେଉଣୁ ଏହି ବିଭ୍ରାଟ। ଆଗକୁ ପରୀକ୍ଷା ଖାତା ମୂଲ୍ୟାୟନଠାରୁ ଆରମ୍ଭ କରି ଏକାଧିକ ସ୍ତର ଅଛି, ଯେଉଁଠି କାରସାଦିର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

ଏହି ଘଟଣାକ୍ରମକୁ ପର୍ଯ୍ୟାଲୋଚନା କଲାବେଳେ ନାନା ପ୍ରଶ୍ନ ଉଙ୍କି ମାରେ। କେଉଁସ୍ତରରୁ ପ୍ରଶ୍ନପତ୍ର ପ୍ରଘଟ ହେଲା? ପ୍ରଶ୍ନପତ୍ର ପ୍ରସ୍ତୁତି ବା ମୁଦ୍ରଣ ବେଳେ ନା ପରୀକ୍ଷାକେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ର? ପ୍ରଶ୍ନପତ୍ର କେଉଁଠି ନା କେଉଁଠି ଖୋଲାଯାଇଛି। ପରୀକ୍ଷା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ହ୍ୱାଟସ୍ଆପ ଓ ଫେସବୁକ୍‌ରେ ଘୂରି ବୁଲୁଥିବା ହାତ ଲେଖା ପ୍ରଶ୍ନପତ୍ରକୁ କେମିତି ଓ କେଉଁ ସୂତ୍ରରେ ଯାଞ୍ଚ କରାଗଲା ? ଏଥିରୁ ସ୍ପଷ୍ଟ ଯେ ଏମିତି କିଛି କଥା ରହିଛି, ଯାହାକୁ କର୍ତ୍ତୃପକ୍ଷ ନିଜ ସ୍ତରରେ ଗୋପନ ରଖିଛନ୍ତି। ୧୩୯ଟି ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ରର ଯାଞ୍ଚ ଓ ଅନୁସନ୍ଧାନ କରାଯାଉଛି। କେଉଁସ୍ତରରେ କ'ଣ ହୋଇଛି ତାହା ଯେ ପଦାକୁ ଆସିବ ଏ ବିଶ୍ୱାସ ଆମର ନାହିଁ। ସମୟକ୍ରମେ ତାହା ମଧ୍ୟ ଲୁଚି ଯିବ। ଆମମାନଙ୍କ ସ୍ମରଣଶକ୍ତି ଏତେ ଦୁର୍ବଳ ଯେ ଦିନ ଗଡ଼ି ଗଲେ ଆମେ ସବୁ ଭୁଲିଯିବା। ପୁଣି କେବେ ପରୀକ୍ଷା ହେବ ତାହାର କୌଣସି ଠିକ୍‌ଣା ନାହିଁ। କଥାରେ ଅଛି ଚକେ ଗଡ଼ିଲେ ବାର ହାତ। ଚାକିରିରେ ସ୍ଥାୟୀତ୍ୱ ହାସଲ କରିବା ଏକ ସ୍ୱପ୍ନ। ଶିକ୍ଷକଙ୍କ କ୍ଷେତ୍ରରେ ଏହା ଦୀର୍ଘଦିନର ଅପେକ୍ଷା। 'ଠିକା'ର ମାନସିକ ଯାତନାରୁ ମୁକ୍ତି ପୁଣି ସୁଦୂର ପରାହତ. ହେଲା, ଏହି ଦୁଃଖ କେହି ଅପନୋଦନ କରିପାରିବେନି।

ପ୍ରଶ୍ନପତ୍ର ପ୍ରଘଟ ଏକ ରୋଗ। ତାହାର ସଂକ୍ରମଣ କ୍ଷମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣିକି ସେ ପ୍ରବେଶିକା ପରୀକ୍ଷା ହେଉ କି ନିଯୁକ୍ତି ପରୀକ୍ଷା। ପ୍ରଶ୍ନପତ୍ର ବାରମ୍ବାର ପ୍ରଘଟ ହେଉଛି ଓ ପୁଣି ପରୀକ୍ଷା ଘୁଞ୍ଚିଛି। ଏହାପଛରେ ସକ୍ରିୟ ଥିବା ରାକେଟ ସଂପର୍କରେ କର୍ତ୍ତୃପକ୍ଷ ଯେ ଅବଗତ ନ ଥା'ନ୍ତି ଏକଥା ନୁହେଁ। ସବୁ ସଲାସୁତରାରେ ଚାଲେ। ଯଦି ଧରପଗଡ଼ ସବୁ ସୁରୁଖୁରୁରେ ଚାଲେ ତେବେ ଦୁଇପକ୍ଷ ଲାଲେଲାଲ୍। ଧରାପଡ଼ିଗଲେ ମଧ୍ୟ ସେମିତି କିଛି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେମାନେ ମୁହଁ ପାଇଛନ୍ତି। ବେଳେ ବେଳେ ମନେ ହୁଏ କର୍ତ୍ତୃପକ୍ଷଙ୍କ ନିଯୁକ୍ତି ଦେବାର ଅଭିପ୍ରାୟ ନ ଥିଲେ ମଧ୍ୟ ପରୀକ୍ଷା ଆୟୋଜନ ହୁଏ, ଆଶାୟୀଙ୍କଠାରୁ ଫି' ଆଦାୟ କରାଯାଏ, ହେଲେ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ପରୀକ୍ଷା ପୁଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହେ। ଅଥଚ ଘରଠାରୁ ଦୂରରେ ରହି ପିଲାଙ୍କ କୋଚିଙ୍ଗ ବାବଦରେ ବିପୁଳ ଅର୍ଥଶ୍ରାଦ୍ଧ କରିଚାଲିଥା'ନ୍ତି ଅଭିଭାବକ। ଏପ୍ରକାର ନିରାଶା ଓ ହତାଶ ଦେଶବ୍ୟାପୀ ଅନୁଭୂତ ହେଉଛି। ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଆଇନଗତ ବ୍ୟବସ୍ଥାରେ ସଂଶୋଧନ ମାଧ୍ୟମରେ କଟକଣାକୁ କଡ଼ାକଡ଼ି କରାଯାଇଛି ସତ, ହେଲେ ତାହାର ସୁଫଳ ଏଯାବତ ଅନୁଭୂତ ହୋଇନାହିଁ।

ଏକଥା ଉଲ୍ଲେଖ କଲାବେଳେ ନିକଟରେ ପ୍ରକାଶ ପାଇଥିବା ଜାତୀୟ ପରିସଂଖ୍ୟାନ ରିପୋର୍ଟ ଉପରେ ଆଖି ପକେଇ ଦେବା ଉଚିତ ହେବ। ଦେଶରେ ବଢୁଥିବା ବେକାରୀ କ୍ରମେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଅଧିକାଂଶ ରାଜ୍ୟରେ ପରିଲକ୍ଷିତ ପ୍ରଶ୍ନପତ୍ର ପ୍ରଘଟ ପରି ରୋଗର ନିଦାନ ପ୍ରତି ସରକାର ଅଧିକ ଯତ୍ନବାନ ଓ ସଚେତନ ହେବା ଆବଶ୍ୟକ। ଗତ ଜୁନ୍ ମାସରେ ବେକାରୀ ହାର ସହରାଞ୍ଚଳରେ ୧୮% କୁ ବୃଦ୍ଧି ପାଇଥିବା ବେଳେ ଗ୍ରାମାଞ୍ଚଳରେ ଏହି ହାର ୧୫% ରେ ସୀମିତ ଅଛି। ବେଳଥାଉ ଥାଉ ବନ୍ଧ ନ ବାନ୍ଧିଲେ ଏହି ସମସ୍ୟା ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ●

# ଅନେକ ସୌମ୍ୟାଶ୍ରୀ ଆଜି ମଧ୍ୟ ଜୀବିତ

ପ୍ରମୋଦ ଧଳ

ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମଦାହ ସମସ୍ତଙ୍କୁ ସ୍ତବ୍ଧ କରିଛି। ନିଜ ଶିକ୍ଷକଙ୍କ ଦ୍ୱାରା ବାରମ୍ବାର ଶରୀରିକ ଓ ମାନସିକ ଯନ୍ତ୍ରଣା ପାଇ ଅସହାୟ ହୋଇପଡ଼ିଥିଲେ। ସବୁଠି ଗୁହାରି କରିବା ପରେ ବି ନ୍ୟାୟ ମିଳିଲାନି। ଶେଷରେ ନିରାଶ ହୋଇ ଦିନ ଦ୍ୱିପ୍ରହରରେ କଲେଜ ପରିସରରେ ସମସ୍ତଙ୍କ ଉପସ୍ଥିତିରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ। କିଛି ଲୋକ ଝିଅଟି ଜଳୁଥିବାର ଦୃଶ୍ୟ ନିଜ ମୋବାଇଲରେ ଭିଡିଓ କଲେ। କିନ୍ତୁ ବଞ୍ଚେଇ ପାରିଲେନି। ଏହି ଦୁଃଖଦ ଘଟଣାକୁ ନେଇ ରାଜନୀତି ଚାଲିଛି। ରାସ୍ତାରୋକ, ଭଙ୍ଗାରୁଜାରେ କ'ଣ କାହାରି ଜୀବନ ଫେରିଆସେ? ଏବେ ପ୍ରଶ୍ନ ଉଠୁଛି ଏହା କ'ଣ ଓଡ଼ିଶାରେ ଏକମାତ୍ର ଘଟଣା? ସୌମ୍ୟାଶ୍ରୀଙ୍କ ପରି ଅନେକ ଝିଅଙ୍କ ଅକୁହା କାହାଣୀ ଲୋକଲୋଚନକୁ ଆସିପାରିନାହିଁ। ଅପବାଦରୁ ବଞ୍ଚିବା ପାଇଁ ନିଜ ଛାତିରେ ସବୁ ଯନ୍ତ୍ରଣାକୁ ଚାପିଧରି ନିଜ ଭବିଷ୍ୟତ ଗଢ଼ିବାକୁ ଅନେକ ନିରୀହାମାନେ ଜୀବନ ଚଲାପଥରେ ଆଗେଇ ଚାଲିଛନ୍ତି। ସବୁ ଝିଅ କ'ଣ ସାହସୀ ସୌମ୍ୟାଶ୍ରୀଙ୍କ ପରି ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିପାରି ଥା'ନ୍ତେ? ଆତ୍ମସମ୍ମାନ ପାଇଁ ଜୀବନ ହାରିଥା'ନ୍ତେ?

ଶିକ୍ଷା ବିଭାଗରେ ଯୌନବିକୃତ ବ୍ୟାଧିରେ ଅନେକ ଶିକ୍ଷକ ପୀଡ଼ିତ। ସେମାନଙ୍କ ଦ୍ୱାରା ଅନେକ କୋମଳମତି ଛାତ୍ରୀଙ୍କ ଶୋଷଣ ଆରମ୍ଭ ହୁଏ ହାଇସ୍କୁଲ ସ୍ତରରୁ। ମାଷ୍ଟରଙ୍କ ସାନ୍ନିଧ୍ୟ ଲାଭ କରିବା ହେଉ ବା ଅଧିକ ନମ୍ବର ପାଇଁ ହେଉ ବା ପାସ କରିବା ଲୋଭରେ ଅନେକ କିଶୋରୀ କେତେକ ଖଳ ପ୍ରକୃତିର ଶିକ୍ଷକଙ୍କ ଜାଲରେ ପଡ଼ିଯା'ନ୍ତି। ଆଜି ଯଦି ସାମାଜିକ ସର୍ବେକ୍ଷଣ କରାଯାଏ ବହୁସଂଖ୍ୟାାରେ ପରିପକ୍ୱ ମହିଳାମାନେ ଆଗକୁ ଆଗେଇଆସି 'ମି ଟୁ' ଅଭିଯାନରେ ଯୋଗଦେବେ ନିଶ୍ଚୟ। ଯୌନବିକୃତି ଶିକ୍ଷକଙ୍କ ଦ୍ୱାରା ଏହିପ୍ରକାର ଶୋଷଣ ହାଇସ୍କୁଲସ୍ତରରୁ ଆରମ୍ଭ ହୋଇ ପିଏଚଡି ସ୍ତର ପର୍ଯ୍ୟନ୍ତ ଲମ୍ବିଛି। କେବଳ ମହିଳା ନୁହନ୍ତି ଛାତ୍ରଙ୍କର ଦୁର୍ଦ୍ଦଶା ବି କହିଲେ ନସରେ। ଅନେକ ଗବେଷଣା କରୁଥିବା ଛାତ୍ର ଠିକ୍ ସମୟରେ ଥେସିସ୍ ସମ୍ପୂର୍ଣ୍ଣ କରିବା ପାଇଁ ଗାଇଡ୍‌ଙ୍କ ପିଲାଛୁଆ ଓ ପରିବାର ସେବା କରିବା ଲାଗି ତାଙ୍କ ଘରପାଖରେ ଘରଭଡ଼ା ନେଇ ରହିବାକୁ ବାଧ୍ୟ ହୁଅନ୍ତି। ଫନି ବାତ୍ୟା ସମୟରେ ଜନୈକ ଛାତ୍ର ତାଙ୍କ ଗାଇଡ୍‌ଙ୍କୁ ଜେନେରେଟରଟିଏ କିଣି ଦେବାକୁ ପଡ଼ିଥିଲା। ଏପରିକି ଗାଇଡ୍‌ଙ୍କ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ପିଏଚଡି ଛାତ୍ରମାନେ କେବଳ ଥେସିସ୍ ସମାପ୍ତ ପାଇଁ ଭାରାକ୍ରାନ୍ତ ହୁଅନ୍ତି ନାହିଁ; ସେମାନଙ୍କୁ ଅନେକ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ମଧ୍ୟ ସହିବାକୁ ପଡ଼େ। ସେତେବେଳେ ଗୋଟିଏ ଡକ୍ଟରେଟ୍ ଡିଗ୍ରୀ ଏକ ହତାସାର ଡିଗ୍ରୀ ହୋଇଯାଏ।

ଏହା କେବଳ ଓଡ଼ିଶାରେ ନୁହେଁ, ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏପରି ଉଦାହରଣ ବହୁଳ। ଗତବର୍ଷ ଜୁଲାଇ ୧୨ ତାରିଖରେ ଜାମିଆ ମିଲିଆ ଇସଲାମିଆର ଜବାହରଲାଲ ନେହେରୁ ଷ୍ଟଡିଜ୍ ସେଣ୍ଟରର ତିନି ଜଣ ବିଦ୍ୱାନ ମହିଳା ଗବେଷିକା ସେମାନଙ୍କ ପିଏଚଡି ଗାଇଡ୍‌ଙ୍କ ବିରୋଧରେ 'ମାନସିକ ଓ ଯୌନ ନିର୍ଯାତନା' ଅଭିଯୋଗ ଆଣିଥିଲେ, ଯାହା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ତାମିଲନାଡୁ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିବା ଏବଂ ସେମାନଙ୍କ ପର୍ଯ୍ୟବେକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିବା ପରେ ଆନ୍ନା ବିଶ୍ୱବିଦ୍ୟାଳୟ ଏପରି ଘଟଣାର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛି, ଯେଉଁଥିରେ ନିର୍ଯାତନା ଅଭିଯୋଗର ତଦନ୍ତ ପାଇଁ କୁଳପତିଙ୍କ ଦ୍ୱାରା ଗଠିତ କମିଟିର ସୁପାରିସ ଆଧାରରେ ସମ୍ପୃକ୍ତ ଗାଇଡ୍‌ମାନଙ୍କୁ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ ରହିଛି। ଏପରିକି ଘଟଣା ଓ ଅଭିଯୋଗର ଗମ୍ଭୀରତାକୁ ବିଚାରକୁ ନେଇ ସମ୍ପୃକ୍ତ ଗାଇଡ୍‌ଙ୍କ କ୍ଷମତା ମଧ୍ୟ ପ୍ରତ୍ୟାହାର କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି।

ଘାଜିଆବାଦର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ପିଏଚଡି ଛାତ୍ରୀ ଜୁନ, ୨୦୨୪ରେ ଥାନାରେ ଏତଲା ଦେଇଛନ୍ତି। ପୁଣେ ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ଆଇଜର) ରେ ଜନୈକା ଗବେଷଣାରତ ଛାତ୍ରୀଙ୍କୁ ତାଙ୍କ ଗାଇଡ ଅଶ୍ଳୀଳ ଭିଡିଓ ପଠାଉଥିଲେ। ଏଥିରେ ଅତିଷ୍ଠ ହୋଇ ଡିସେମ୍ବର ୨୦୨୨ରେ, ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରି ଏକ ବୋତଲ ଆଣ୍ଟିଡିପ୍ରେସାଣ୍ଟ ଗିଳି ଦେଇଥିଲେ। ଫେବୃଆରୀ ୨୦୧୬ରେ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ମୋହିତ କୁମାର ଚୌହାନଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମର ଛାତରୁ ଝୁଲନ୍ତା ଅବସ୍ଥାରେ ମିଳିବା ପରେ ତାଙ୍କ ଗାଇଡ୍‌ଙ୍କ ସମେତ ତିନି ଜଣ ଅଧ୍ୟାପକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ମାର୍ଚ୍ଚ ୨୦୧୭ ରେ ଏମସ୍-ନୂଆଦିଲ୍ଲୀର ୩୬ ବର୍ଷୀୟ ପିଏଚଡି ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଲା ଯେ ତାଙ୍କୁ ତାଙ୍କ ଗାଇଡ୍ ମାନସିକ ନିର୍ଯାତନା ସହିତ ଦୁର୍ବ୍ୟବହାର ଏବଂ ଫେଲୋସିପକୁ ବିଳମ୍ବିତ କରୁଥିଲେ। ମାର୍ଚ୍ଚ, ୨୦୧୮ ରେ ଜେଏନ୍‌ୟୁ ପ୍ରଫେସର ଅତୁଲ ଜୋହରୀଙ୍କ ବିରୁଦ୍ଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ କରାଯାଇଛି।

କେରଳ ବିଶ୍ୱବିଦ୍ୟାଳୟର ଡକ୍ଟର ରେମା ଦେବୀଙ୍କ ନିଜ ଅଭିଜ୍ଞତା ବିଷୟରେ କହିଛନ୍ତି ଯେ ସେ ୮୦ ଦଶକର ଶେଷ ଏବଂ ୯୦ ଦଶକର ପ୍ରାରମ୍ଭରେ ପିଏଚଡି କରୁଥିବା ସମୟରେ ମାନସିକ ଓ ଯୌନ ନିର୍ଯାତନା ସହିବାକୁ ପଡୁଥିଲା। ଏଥିରେ ଅତିଷ୍ଠ ହୋଇ ତାଙ୍କର ଅନେକ ବାନ୍ଧବୀ ଅଧାରୁ ଗବେଷଣା ଛାଡ଼ି ଦେଇଥିଲେ। ପ୍ରାୟତଃ, ଗବେଷିକାମାନଙ୍କୁ ଫେଲୋସିପ୍, ପ୍ରମୁଖ ଶିକ୍ଷାଦାନ ଓ ସନ୍ଦର୍ଭ ଉପସ୍ଥାପନ ସୁଯୋଗ ପ୍ରତିବଦଳରେ ଗାଇଡ୍‌ମାନଙ୍କର ବାସନା ଚରିତାର୍ଥ କରିବାର ପ୍ରତ୍ୟକ୍ଷ ପ୍ରସ୍ତାବ ଦିଆଯାଉଥିଲା। ଯେଉଁମାନେ ସେଥିରେ ଅନିଚ୍ଛୁକ ରହୁଥିଲେ ସେମାନଙ୍କୁ ଥେସିସ୍‌କୁ ବାରମ୍ବାର ଲେଖିବାକୁ କିମ୍ବା ଜାଣିଶୁଣି ତ୍ରୁଟି ଦର୍ଶାଇବା ଆଦି ନାନା ଉପାୟରେ ହଇରାଣ ହରକତ କରାଯାଉଥିଲା।

ମାଡ୍ରାସ ହାଇକୋର୍ଟ ଅକ୍ଟୋବର, ୨୦୨୪ରେ ଏକ ମାମଲାରେ ଟିପ୍ପଣୀ ଦେଇଥିଲେ ଯେ 'ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ନିର୍ଯାତନା ବୃଦ୍ଧି ପାଉଛି। ପ୍ରାୟତଃ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପୁରୁଷ ପ୍ରାଧାନ୍ୟ ହେତୁ ଏଭଳି ଘଟୁଛି। କେବଳ ଛାତ୍ରମାନେ ନିରବରେ କଷ୍ଟ ପାଆନ୍ତି ନାହିଁ, ବରଂ ମହିଳା ଅଧ୍ୟାପକମାନେ ମଧ୍ୟ ସହ-ଅଧ୍ୟାପକ ସଦସ୍ୟ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ଦ୍ୱାରା ମାନସିକ ଓ ଯୌନ ନିର୍ଯାତନାର ଶିକାର ହୁଅନ୍ତି। ଏହା ଚିନ୍ତା, ଅବସାଦ, ନିଦ୍ରା ବ୍ୟାଧି, ଓଜନ ହ୍ରାସ କିମ୍ବା ବୃଦ୍ଧି, ଆତ୍ମସମ୍ମାନ ହ୍ରାସ, ପରୀକ୍ଷା ଓ ଚାକିରିରେ ବିଫଳତା କିମ୍ବା ଦୁର୍ବଳ ପ୍ରଦର୍ଶନ ଏବଂ କେତେକ ସମୟରେ ଯୌନ ଅକ୍ଷମତାର ମଧ୍ୟ କାରଣ ହୁଏ। କଠିନ ପରିଶ୍ରମ ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡ଼ିଦେବାର ଉଦାହରଣ ମଧ୍ୟ ରହିଛି। ଅନେକ କ୍ଷେତ୍ରରେ ଅଧିକ ନିର୍ଯାତନା ଭୟରେ ଛାତ୍ରଛାତ୍ରୀମାନେ ଏଭଳି ନିର୍ଯାତନା ବିରୋଧରେ ଅଭିଯୋଗ ଆଣନ୍ତି ନାହିଁ। ନିରବରେ ନିର୍ଯାତନା ସହିଯାଉଥିବା ପୀଡ଼ିତାମାନଙ୍କ ମଧ୍ୟରୁ କ୍ୱଚିତ୍ ଶିକ୍ଷାକ୍ଷେତ୍ରରେ ଭଲ ପ୍ରଦର୍ଶନ କରନ୍ତି।

ଆଡମିସନ ବନାମ ପିଏଚଡି ପ୍ରଦାନ ସମ୍ପର୍କିତ ତଥ୍ୟ ଅନୁଯାୟୀ, ଦେଶର କିଛି ଶ୍ରେଷ୍ଠ ପ୍ରତିଷ୍ଠାନର ପ୍ରାୟ ଚାଳିଶ ପ୍ରତିଶତ ଗବେଷକ ବ୍ୟକ୍ତିଗତ ସମସ୍ୟା, ଚାକିରି ସୁଯୋଗ ଏବଂ ଗାଇଡମାନଙ୍କ ଦ୍ୱାରା ହେଉଥିବା ହଇରାଣର ଅଭିଯୋଗ ଯୋଗୁଁ ପାଠପଢ଼ା ଛାଡ଼ିଛନ୍ତି। ଦୁର୍ଭାଗ୍ୟବଶତଃ, ଉପରୋକ୍ତ ସମସ୍ୟାଗୁଡ଼ିକ ସତ୍ତ୍ୱେ ଯେଉଁ ସୌମ୍ୟାଶ୍ରୀମାନେ ବଞ୍ଚି ଯାଇଛନ୍ତି ସେମାନେ ସେମାନଙ୍କ ପିଲାମାନଙ୍କର ଶିକ୍ଷକମାନଙ୍କୁ ସବୁସମୟରେ ସନ୍ଦେହ ଦୃଷ୍ଟିରେ ଦେଖିଥା'ନ୍ତି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରାୟତଃ ଶିକ୍ଷାନୁଷ୍ଠାନ ମଧ୍ୟରେ ପଦ୍ଧତିଗତ ପରିବର୍ତ୍ତନ ଆବଶ୍ୟକ, ଯେଉଁଥିରେ ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ ଉତ୍ତମ ତାଲିମ, ସ୍ପଷ୍ଟ ନୀତି ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଦୃଢ଼ ସମର୍ଥନ ବ୍ୟବସ୍ଥା ରହିବା ଦରକାର। ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଏହି ଆହ୍ୱାନଗୁଡ଼ିକ ବିଷୟରେ ଅଧିକ ଆଲୋଚନା ଜରୁରୀ। ●

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

# ଅତିଥି ଅଧ୍ୟାପକ ଭରସାରେ ଓଡ଼ିଶାର ଉଚ୍ଚଶିକ୍ଷା

ସୁଧାକର ଦାସ

ଶିକ୍ଷା ହେଉଛି ସଫଳତାର ସ୍ୱର୍ଣ୍ଣିମ ଚାବିକାଠି। ସହଜ ସରଳ ଭାବେ କହିଲେ ଯେଉଁ ରାଜ୍ୟରେ ଶିକ୍ଷା ଯେତେ ଉନ୍ନତ ସେ ରାଜ୍ୟ ସେତେ ପ୍ରଗତିଶୀଳ। ନୂଆ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ କାର୍ଯ୍ୟକାରୀ କରାଯିବା ପରେ ଦୀର୍ଘ ବର୍ଷ ଧରି ଅଧ୍ୟାପକ ନିଯୁକ୍ତିକୁ ନେଇ ରହିଥିବା ପ୍ରତିବନ୍ଧକ ଦୂର ହୋଇଛି। ଏଣିକି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ ଅଧ୍ୟାପକ ନିଯୁକ୍ତ କରିପାରିବେ। ବାସ୍ତବରେ ସରକାରଙ୍କ ଏ ନିଷ୍ପତ୍ତି ଏକପ୍ରକାର ହାସ୍ୟାସ୍ପଦ କଥା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ଅଧ୍ୟାପକ ନିଯୁକ୍ତ କରିବେ ଅନେକ କ୍ଷେତ୍ରରେ ଦୁର୍ନୀତି ରହିବ। ସାଧାରଣ ମଧ୍ୟବିତ୍ତ ପରିବାରର ମେଧାବୀ ଶିକ୍ଷାର୍ଥୀ ଏହାଦ୍ୱାରା ପ୍ରଭାବିତ ହେବେ। ସଠିକ ଭାବରେ ଲିଖିତ, ସାକ୍ଷାତକାର ନକରି ଯେକୌଣସି ଭାବରେ ଚିହ୍ନା ମୁହଁକୁ ପ୍ରଶ୍ରୟ ମିଳିବ, ଏଥିରେ ସନ୍ଦେହ ନାହିଁ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନହେଲେ ମଧ୍ୟ ଅନେକ କ୍ଷେତ୍ରରେ ଏପରି ସମସ୍ୟା ସୃଷ୍ଟି ହୋଇପାରେ।

ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ପ୍ରସଙ୍ଗ ଆଲୋଚନା କଲା ବେଳେ କଟକ ସହରରେ ଥିବା ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଉଦାହରଣ ରୂପେ ନିଆଯାଉ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବେ ବି ଅତିଥି ଏବଂ ଠିକା ଅଧ୍ୟାପକଙ୍କ ଭରସାରେ ଚାଲିଛି। ସେହିଭଳି ବିଭିନ୍ନ ମହାବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ରହିଛି। ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି କୁଳପତି ପଦ। ସେହି ବିଶ୍ୱବିଦ୍ୟାଳୟମାନଙ୍କରେ କେବେ ନୂତନ କୁଳପତିଙ୍କୁ ନିଯୁକ୍ତି ଦିଆଯିବ ସେ ସମ୍ପର୍କରେ କାହା ପାଖରେ ସ୍ପଷ୍ଟ ଉତ୍ତର ନାହିଁ। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ରାଜ୍ୟ ସରକାର ଏହାର ମୂଳ ନିୟମ ଅର୍ଥାତ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ରେ ସଂଶୋଧନ କରି ଆଇନ ପାରିତ କରିଛନ୍ତି। କେଉଁ ନିୟମରେ କୁଳପତି ନିଯୁକ୍ତି କରାଯିବ ସେନେଇ ରାଜ୍ୟ ସରକାର ଦୋଛକିରେ ଥିବାବେଳେ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ପଦ ଖାଲି ପଡ଼ିବା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରୁଛି।

କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏପର୍ଯ୍ୟନ୍ତ କୁଳପତି ନିଯୁକ୍ତ ହୋଇନାହାନ୍ତି। ଏଠାରେ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ବା ଓଏସ୍‌ଡିଙ୍କୁ ନିଯୁକ୍ତ କରାଯାଇଛି। ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପଦ ଖାଲି ପଡ଼ିଛି। ଏହି ୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ସରକାର କୌଣସି ପଦକ୍ଷେପ ବା ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ଗତ ଜୁନ୍ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଅଧାରେ ଅଟକିଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। କଳାହାଣ୍ଡି ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ସ୍ଥାୟୀ କୁଳପତି ନାହାନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି। ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ ଭାବେ କୁଳପତି ଦାୟିତ୍ୱ ପ୍ରଦାନ କରାଯାଇଛି। ସମୁଦାୟ ୭ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାରୁ ଶୈକ୍ଷିକ ପରିବେଶ ପ୍ରଭାବିତ ହେଉଛି। ଆଗକୁ ବିଭିନ୍ନ ପରୀକ୍ଷା ଥିବାରୁ ପରୀକ୍ଷା ପରିଚାଳନା କରିବା ଅନ୍ୟ ଏକ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି। ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତିରେ ସମସ୍ୟା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଛି ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୂଚନା ଅନୁସାରେ ୧୭ ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୫୩ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ୨୦୨୭ଟି ସ୍ଥାନରେ ମାତ୍ର ୬୭୪ ଅଧ୍ୟାପକ ଓ ଅଧ୍ୟାପିକା ଅଛନ୍ତି। ୯୬୫ଟି ଶିକ୍ଷାନୁଷ୍ଠାନ ଅତିଥି ଅଧ୍ୟାପକରେ କାମ ଚଳାଉଛନ୍ତି। ଉଚ୍ଚଶିକ୍ଷା ବିଭାଗରେ ୨୦୮୧ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଛି। ରେଭେନ୍ସାରେ ୧୬୧ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ ପଦବୀ ଖାଲିପଡ଼ିଛି।

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପରି ଯଦି ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି ହେବ ତେବେ ଅନେକ ମେଧାବୀ ଶିକ୍ଷାର୍ଥୀ ଉପକୃତ ହୋଇପାରନ୍ତେ। ପ୍ରତିବର୍ଷ ଯଦି ସରକାର ସବୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ତଥ୍ୟ ସଂଗ୍ରହ କରି ପ୍ରବେଶିକା ପରୀକ୍ଷା କରିବାକୁ ସକ୍ଷମ ତେବେ ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ଅକ୍ଷମ କାହିଁକି? ବିଏଡ୍ ପ୍ରବେଶିକା ପରୀକ୍ଷାରେ ହଜାର ହଜାର ଶିକ୍ଷାର୍ଥୀ ପଢ଼ିବାକୁ ଚାହିଁଲେ ବି ଆବଶ୍ୟକ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ନାହିଁ। ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ନାହିଁ କହିଲେ ତ୍ରୁଟି ହେବ ନାହିଁ। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁଧାର ନ ଆସିବା ଯାଏଁ ବିକଶିତ ଓଡ଼ିଶାର ପରିକଳ୍ପନା କରିବା କେବଳ ସ୍ଲୋଗାନ ହୋଇ ରହିଥିବ। ●

ଭବାନୀପାଟଣା, ମୋ: ୭୮୪୮୦୦୦୬୭୬

# ଗଣଚେତନାର ନିର୍ମାତା ଗଣକବି ବୈଷ୍ଣବ ପାଣି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଗଣକବି ବୈଷ୍ଣବ ପାଣି ଯେ ଜନଗଣଙ୍କ ମାନସମନ୍ଥନ କରିପାରିଥିଲେ ତୀବ୍ର ଭାବରେ, ଏ ବିଷୟ କିଏ ଅବା ଜାଣିନାହାନ୍ତି? କିନ୍ତୁ ତାଙ୍କ ଅସାମାନ୍ୟ ଲୋକପ୍ରିୟତାର କାରଣ ବିଶ୍ଳେଷଣ ହେଉଛି ଏକବିଂଶ ଶତାବ୍ଦୀର ପ୍ରକୃତ ଆହ୍ୱାନ। ଯାତ୍ରା ନାଟକ ପ୍ରତି ପ୍ରବଳ ଆକର୍ଷିତ ବର୍ତ୍ତମାନର ଯୁବଦର୍ଶକମାନେ ଚକିତ ହେବେ ଯେ ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଦେଖିବା ପାଇଁ ଓଡ଼ିଶାର ଆବାଳବୃଦ୍ଧବନିତା ସହସ୍ର ସହସ୍ର ସଂଖ୍ୟାରେ କିପରି ମହାମୂଲ୍ୟ ନିଦ୍ରା ବିସର୍ଜନ କରୁଥିଲେ। ସେଇ ନାଟକର କି ଚୁମ୍ବକୀୟ ଆକର୍ଷଣ ଥିଲା? କାହିଁକି ବୈଷ୍ଣବ ପାଣି ଲାଭ କଲେ 'ଗଣକବି'ର ସୁଉଚ୍ଚ ମର୍ଯ୍ୟାଦା? ସେ ନଥିଲେ କୌଣସି ସମ୍ଭ୍ରାନ୍ତ ପରିବାରର ସନ୍ତାନ। ସଂଘର୍ଷମୟ ଥିଲା ତାଙ୍କ ଜୀବନ। କିନ୍ତୁ ତାଙ୍କ ମଧ୍ୟରେ ଲୁକ୍କାୟିତ ରହିଥିବା ଅପୂର୍ବ ପ୍ରତିଭା ରଶ୍ମିର ଆଲୋକରେ ଝଲସି ଉଠିଲା ନିସ୍ତବ୍ଧ ଅଗଣିତ ରଜନୀ।

ବିଂଶଶତାବ୍ଦୀର ପ୍ରଥମ ଦଶକରୁ ଚତୁର୍ଥ ଦଶକ ପର୍ଯ୍ୟନ୍ତ ସୁଆଙ୍ଗ, ଗୀତିନାଟ୍ୟ ରଚନା କରି ସେ ଅତିକ୍ରମ କରିଯାଇଥିଲେ ଏ କ୍ଷେତ୍ରରେ ସମସ୍ତଙ୍କୁ। ଯାତ୍ରାଭିନୟ ନିମିତ୍ତ ସେ ଘୂରି ବୁଲିଛନ୍ତି ଇତସ୍ତତଃ। ସାମାଜିକ ସଂଘର୍ଷର ସମ୍ମୁଖୀନ ହୋଇ ଅର୍ଜନ କରିଛନ୍ତି ବିଚିତ୍ର ଅନୁଭୂତି। ତାଙ୍କର ତାରୁଣ୍ୟ ହୋଇ ଯାଇଥିଲା ଲାଳିତ୍ୟପୂର୍ଣ୍ଣ ପାଲା ଗାୟନରେ ମନ ପ୍ରାଣ ଢାଳି ଦେଉଥିଲେ ବୋଲି। ଏହି ସମୟରୁ ହିଁ ସଙ୍ଗୀତ ରଚନା ଆରମ୍ଭ ହୋଇଥିଲା। ଜନଚିତ୍ତ ବିନୋଦନ ସହିତ ତତ୍କାଳୀନ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି କେତେ ସଚେତନ ଥିଲେ ତାହା ପ୍ରମାଣିତ ହୋଇଯାଏ ତାଙ୍କ ପଦସୃଜନ କଳାରୁ। ଓଡ଼ିଶାରେ ନୂଆଁ ଭାବରେ ଗଡୁଥିବା ରେଳଗାଡ଼ିକୁ ଦେଖି ସେ ଗାଇଥିଲେ

**ସାହିତ୍ୟ ସରିତ୍**

- 'ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡ଼ି/ଶୂନ୍ୟେ ଚଳାଉଛି ରେଲଗାଡ଼ି/ଧୂଆଁ ଉଠୁଥାଇ ଯେହ୍ନେ ବଉଦ/ପାଞ୍ଚ କୋଶକୁ ତା'ଶୁଭେ ଶବଦ/ଲାଗି ଅଛି ଚକ ପଡ଼ିଛି ସଡ଼କ/ଲୁହାକଡ଼ି ପରେ ଯାଉଛି ଗଡ଼ି।' ଏହାର ପରବର୍ତ୍ତୀ ଦୃଶ୍ୟ ତାଙ୍କ ଜୀବନ ନାଟକରେ ପରିଦୃଷ୍ଟ ହୁଏ ମାଳିହତା ଗ୍ରାମର ଯାତ୍ରାଦଳରେ। ସ୍ୱକୀୟ ମୌଳିକ ପ୍ରତିଭା କେତେଦିନ ଅବା ରହିଥା'ନ୍ତା ସଂଗୁପ୍ତ? ରଚନା କଲେ ସେ 'ମେଘନାଦ ବଧ' ଓ 'ରାବଣ ବଧ'। ନିଜେ ହେଲେ ନିର୍ଦ୍ଦେଶକ। ଅନେକ ଯାତ୍ରା ଦଳରେ ଏକାତ୍ମ ହୋଇଯାଇ ସେ ନିଜସ୍ୱ କଳା ପ୍ରଦର୍ଶନ କରି ଯେଉଁ ବିପୁଳ ସୁଖ୍ୟାତି ଅର୍ଜନ କଲେ, ସେଥିରେ ସ୍ତବ୍ଧ ଓ ମୁଗ୍ଧ ହୋଇଗଲେ ଜନତା ସହିତ ଶ୍ରେଷ୍ଠ ସାହିତ୍ୟ ସ୍ରଷ୍ଟାବୃନ୍ଦ। କଲିକତା ଅଞ୍ଚଳର ପୁରପଲ୍ଲୀରେ ମଧ୍ୟ ସେ ସୃଷ୍ଟି କରି ପାରିଥିଲେ ଅଦ୍ଭୁତ ଆକର୍ଷଣ। ବିଭିନ୍ନ ଯାତ୍ରା ଦଳ ସହିତ ହେଉଥିଲା ତୀବ୍ର ପ୍ରତିଯୋଗିତା। ସେଇଠି ବାରମ୍ବାର ପ୍ରମାଣିତ ହୋଇଯାଏ ତାଙ୍କ ଲୋକପ୍ରିୟତା। ସେଥିପାଇଁ ତ ପ୍ରତିଷ୍ଠିତ ହୋଇ ରହିଗଲେ ସେ ଅଗଣିତ ଲୋକ ହୃଦୟରେ। ସୁପ୍ରସିଦ୍ଧ ହେଲେ ଗଣକବିର ଅକଳ୍ପନୀୟ ସମ୍ମାନରେ ବିଭୂଷିତ ହୋଇ।

କେତେ ଯାତ୍ରା ଦଳରେ ସେ ଶିଖାଇଛନ୍ତି ଅଭିନବ ଉପାୟରେ ଅଭିନୟକଳା। ସୁଆଙ୍ଗ, ପ୍ରହସନ ଗୀତିନାଟ୍ୟ ଆଦି ରଚନା କରିଛନ୍ତି ସେ ଶତାଧିକ। ଲେଖିଛନ୍ତି ମଧ୍ୟ କାବ୍ୟ କବିତା। ଉଚ୍ଚକୋଟୀର ସାହିତ୍ୟଶିଳ୍ପୀ ସମାଜ ବା ସମୟ ଦ୍ୱାରା କେବଳ ପ୍ରଭାବିତ ହୁଅନ୍ତି ନାହିଁ। ସେମାନେ ଗଣଚେତନା ସୃଷ୍ଟି କରିଦିଅନ୍ତି ମନୋରଞ୍ଜନ ମାଧ୍ୟମରେ। ବୈଷ୍ଣବ ପାଣି ସେଥିପାଇଁ ରଚନା କରିଛନ୍ତି ପୌରାଣିକ ନାଟକ ସହିତ କିମ୍ବଦନ୍ତୀ ଓ ଇତିହାସ ଆଧାରିତ ନାଟକ। ଦର୍ଶକମାନଙ୍କ ପ୍ରାଣରେ କବି, ମହାପୁରୁଷଙ୍କ ଜୀବନଦର୍ଶନ ପ୍ରତି ଅନୁରାଗ ସୃଷ୍ଟି କରିବା ସକାଶେ ସେ ଲେଖିଛନ୍ତି କାଳିଦାସ, ମୀରାବାଈ, ଗୋବିନ୍ଦ ଚନ୍ଦ୍ର ପ୍ରଭୃତି ଗୀତିନାଟ୍ୟ। କର୍ଣ୍ଣ, ଅଭିମନ୍ୟୁ, ହରିଶ୍ଚନ୍ଦ୍ର, ପ୍ରହ୍ଲାଦ ଆଦି ଚରିତ୍ର ଆଧାରରେ ନାଟ୍ୟ ରଚନା କରି ମହତ୍ତର ଜୀବନବୋଧ ପ୍ରତି ପ୍ରକଟ କରିଛନ୍ତି ସେ ଆନ୍ତରିକ ଅନୁରକ୍ତି। ଦର୍ଶକପ୍ରାଣରେ ଭରି ଦେବାକୁ ଚାହିଁଛନ୍ତି ଭକ୍ତି, ବୀରତ୍ୱ, କବିତ୍ୱ, ତ୍ୟାଗ, ତିତିକ୍ଷା ପ୍ରତି ଗଭୀର ସମ୍ପ୍ରୀତି। ସେପରି ପରାଧୀନ ଭାରତ ବର୍ଷରେ ଯେଉଁମାନେ ବ୍ରିଟିଶ ସରକାର ନିକଟରେ ଚାକିରି କରି ନିଜ ସ୍ୱାଧୀନତା ବିକ୍ରି କରିଛନ୍ତି ସେମାନଙ୍କ ପ୍ରତି ବ୍ୟଙ୍ଗାସ୍ତ୍ର ପ୍ରୟୋଗ କରିଛନ୍ତି ଜାତୀୟ ଚେତନା ସୃଷ୍ଟି କରିବା ପାଇଁ। ଗାନ କରିଛନ୍ତି - 'ପୋଡ଼ିଯାଉରେ ପୋଡ଼ା ଚାକିରି ନିଶା/ପର ଅଇଁଠାକୁ, ପର ଗୋଇଠାକୁ କେଉଁସୁଖ ପାଇଁ ବଳାଅ ଆଶା।'

ଆମେ ଭାବୁଛୁ କି ତାଙ୍କର ସେଇ ମହିମା ମ୍ଳାନ ପଡ଼ିଗଲାଣି ବୋଲି? ତା'ହେଲେ ଆଜି ବି ବୈଷ୍ଣବ ପାଣିଙ୍କ ଆତ୍ମାର ଆହ୍ୱାନ ଶୁଣି ପୁରପଲ୍ଲୀରେ ଅଭିନୀତ ହେଉ ତାଙ୍କ ନାଟକ। ସେଥିରୁ ପ୍ରତିପାଦିତ ହୋଇଯିବ ତାଙ୍କ ନାଟ୍ୟକଳାର ରହିଛି କି ଅସୀମ ଶକ୍ତି ଓ ବ୍ୟାପ୍ତି। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପଥର ଖଣିରେ ବଜ୍ରପାତ; ଦୁଇ ଭାଇ ମୃତ



ଢେଙ୍କାନାଳ, ୨୩।୭(ସମିସ): ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ମହୁଲପଡ଼ା ପଥର ଖଣିରେ ବଜ୍ରପାତ ଘଟି ଦୁଇ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କଟକ ଜିଲ୍ଲା ଖୁଣ୍ଟୁଣି ଥାନା ମହାଲକ୍ଷ୍ମୀପୁରର କୃଷ୍ଣଚନ୍ଦ୍ର ଦେହୁରୀଙ୍କ ପୁଅ କମଳାକାନ୍ତ ଦେହୁରୀ ଓ ନରେଶ ଦେହୁରୀ। ବୁଧବାର ଅପରାହ୍ଣରେ ଦୁହେଁ ମହୁଲପଡ଼ା ଗ୍ରାମ ନିକଟ ପଥରଖଣିରେ ପଥର କାଟୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଦୁଇ ଭାଇଙ୍କ ସମେତ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀଙ୍କ ପୁଅ ମିଥୁନ କିସ୍କୁ ଓ ଦିବା ଜାରିକା ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ କମଳାକାନ୍ତ ଓ ନରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

### ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

# ବିଜେଡି ସଂଖ୍ୟାଲଘୁ ସେଲ୍‌ର ପ୍ରାର୍ଥନା



ଭୁବନେଶ୍ୱର,୨୩।୭(ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶଙ୍ଖ ଭବନଠାରେ ବୁଧବାର ଏକ ପ୍ରାର୍ଥନା ସଭା କରାଯାଇଛି। ଏହି ପ୍ରାର୍ଥନା ସଭାରେ ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି। ସଂଖ୍ୟାଲଘୁ ସେଲ୍ ସହ-ସଂଯୋଜକ ରିଜୱାନ ବେଗମ୍‌ଙ୍କ ଆବାହକତ୍ୱରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ ଦାସ ବର୍ମା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମଂଜୁଳତା କହଁର, ମନ୍ମଥ ରାଉତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ବିଜୟ ନାୟକ, ସୁବ୍ରତ ଛାଟୋଇ, କସ୍ତୁରୀ ମହାପାତ୍ର, ମୋନାଲିସା ବେହେରା, ମିହିର କୁମାର ରାଉତ, ପ୍ରସନ୍ନ ସାହୁ, ଚଗଲା

### ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା

ଜେନା, ବାସନ୍ତୀ ସିଂ, ସୁମିତ୍ରା ଜେନା, ସୋଫିଆ ଆଲାମ, ବନଜା ମହାନ୍ତି, ଇଲା ସ୍ୱାଇଁ ପ୍ରମୁଖ ରହିଥିଲେ। ସେହିପରି ସଂଖ୍ୟାଲଘୁ ସଂପ୍ରଦାୟର ଶେଖ୍ ନିଜାମୁଦ୍ଦିନ, ଶକିରୁଲ ରେହମାନ, ମୁଶ୍ରରତ ଖାନ, ମହମ୍ମଦ ମୁବୀନ, ଶେକ୍ ଜଲାଲ, ଶେକ୍ ସବୀର ଅଲ୍ଲୀ, ଜାକିର ଖାନ, ହାଜୀ ସଦୁରୁଲ୍ଲା, ପୀର ମହମ୍ମଦ କଲିମ୍, ମେହବୁମ ବେଗ୍ ଓ ଅବୁଲ ଖାୟର ପ୍ରମୁଖ ଯୋଗଦେଇ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା ସହ ପରିବାରକୁ ଏହି କଠିନ ସମୟର ସମ୍ମୁଖୀନ ହେବା ପାଇଁ ଶକ୍ତି ଓ ସାହସ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଯାଜପୁର, ୨୩।୭ (ସମିସ): ଯାଜପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଆଜି ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଓ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀଜଣଙ୍କ ହେଲା, ବରୀ-ରାମଚନ୍ଦ୍ରପୁର ଥାନା ଅରୁଆଳ ଗ୍ରାମର ଦୁଷ୍ମନ୍ତ ଜେନା। ଜରିମାନା ଅନାଦେୟ ହେଲେ ତାକୁ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଯାଜପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ ବିଚାରପତି ଅଭିଜିତ ପଲେଇ ଏହି ରାୟ ଶୁଣାଇଛନ୍ତି। ଏହାସହ ପୀଡ଼ିତାକୁ କ୍ଷତିପୂରଣ ବାବଦକୁ ୨ଲକ୍ଷ ଟଙ୍କା ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଯାଜପୁର ସଦର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଗତ ୨୦୨୩ ଏପ୍ରିଲ ୯ ତାରିଖରେ ଦୁଷ୍ମନ୍ତ ତାଙ୍କୁ ବିଜୟୱାଡ଼ା ନେଇଯାଇଥିଲା। ସେଠାରେ ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଅପରପକ୍ଷରେ ନାବାଳିକାର ପରିବାରଲୋକେ ବିଭିନ୍ନ ସ୍ଥାନରେ ପୀଡ଼ିତାକୁ ଖୋଜାଖୋଜି କରିବା ପରେ ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୁଲିସ୍ ବିଜୟୱାଡ଼ାରୁ ନାବାଳିକାକୁ ଉଦ୍ଧାର କରିବା ସହ ଦୁଷ୍ମନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମକୋଦ୍ଦମା ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଅଚଳାବସ୍ଥା...

କରିଦିଆଯାଇଥିଲା। ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପରେ ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ପ୍ରସଙ୍ଗରେ ଗତକାଲି ଭଳି ଆଜି ମଧ୍ୟ ସଂସଦ କାର୍ଯ୍ୟ ଧୋଇହୋଇଗଲା।

ଅନ୍ୟପକ୍ଷରେ ସଂସଦର ଚଳିତ ଅଧିବେଶନରେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସରକାର ରାଜି ହୋଇଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ୧୬ ଘଣ୍ଟାର ସମୟ ଦିଆଯାଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ଆସନ୍ତା ସପ୍ତାହ ହେବାକୁ ଥିବା ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥିତ ରହିବେ କି ନାହିଁ ତାହା ଜଣାପଡ଼ି ନାହିଁ। ଏହି ଆଲୋଚନା ପାଇଁ ଗତ ୨୧ ତାରିଖରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି। ଜୁଲାଇ ୨୮ରେ ଲୋକସଭାରେ ଏବଂ ୨୯ ତାରିଖରେ ରାଜ୍ୟସଭାରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ତେବେ ପ୍ରଧାନମନ୍ତ୍ରୀ ଏହି ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ଉଲ୍ଲେଖ କରାଯାଇ ନାହିଁ। ବିରୋଧୀ ଦଳମାନେ ଦାବି କରୁଛନ୍ତି ଯେ ପ୍ରଧାନମନ୍ତ୍ରୀ ହିଁ ଆଲୋଚନାର ଉତ୍ତର ଦିଅନ୍ତୁ।

### ଅଗଷ୍ଟ ଶେଷ ସୁଦ୍ଧା...

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୨ (ଲୋକସଭା ୫୪୨ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୨ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ। ବିରୋଧୀଙ୍କ ପାଖରେ ୩୪୧ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ଶାସକ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେ ।।ବେ, ତାହା ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପରେ ସ୍ଥିର କରାଯିବ। ଅନ୍ୟପକ୍ଷରେ ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଦେବାକୁ ଯୋଜନା କରିଛନ୍ତି। କଂଗ୍ରେସର ଜଣେ ନେତା କହିଛନ୍ତି ଯେ କଂଗ୍ରେସ ମେଣ୍ଟ ବାହାରେ ଥିବା ସମଭାବାପନ୍ନ ଦଳର ନେତାମାନଙ୍କ ସହିତ ବିଚାର ଆଲୋଚନା କରାଯିବ। ସେ କହିଛନ୍ତି ଯେ ବିଜୟ ଲାଗି ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ ସତ, କିନ୍ତୁ ଏହାକୁ ସଂଖ୍ୟା ଦୃଷ୍ଟିରେ ଦେଖାଯଦେ ଉଚିତ ନୁହେଁ। ଏହି ନିର୍ବାଚନ ହେଉଛି ଆଦର୍ଶଗତ ଲଢ଼େଇ ଏବଂ ବିରୋଧୀ ଦଳ ନିଶ୍ଚିତ ଭାବେ ମିଳିତ ପ୍ରାର୍ଥୀ ଦେବେ ବୋଲି ସେ କହିଛନ୍ତି।

### ୨୦୨୬ରୁ ୮ମ...

ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଦୀର୍ଘ ସମୟ ଧରି କର୍ମଚାରୀଙ୍କ ପାଇଁ ଏହା ଏକ ପ୍ରମୁଖ ଚିନ୍ତାର ବିଷୟ ରହିଆସିଛି। ଏହାବ୍ୟତୀତ, କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ କ୍ୟାସ୍‌ଲେସ୍ ବା ନଗଦବିହୀନ ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଏକ ପ୍ରସ୍ତାବ ଦିଆଯାଇଛି, ଯାହା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ପାଇବା ଆହୁରି ସହଜ କରିବ ଏବଂ ପ୍ରଶାସନିକ ସମସ୍ୟା ହ୍ରାସ କରିବ। ପ୍ରତିନିଧିମାନେ କର୍ମଚାରୀଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ଶିଶୁ ଶିକ୍ଷା ଭତ୍ତା ମଧ୍ୟ ଦାବି କରିଛନ୍ତି। ଉଚ୍ଚଶିକ୍ଷାର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି କର୍ମଚାରୀମାନେ ଏହାଦ୍ୱାରା ଆର୍ଥିକ ଆଶ୍ୱସ୍ତି ପାଇପାରିବେ ବୋଲି ଏକ ପ୍ରସ୍ତାବ ଦେଇଛନ୍ତି।

### ଧରାଛୁଆଁ ଦେଉନାହାନ୍ତି...

କହିଛନ୍ତି ଯେ ଧନଖଡ଼ଙ୍କ ନାମରେ ଖୁବଶୀଘ୍ର ଏକ ସରକାରୀ ବଙ୍ଗଳା ଆବଣ୍ଟନ କରାଯିବ। ଦିଲ୍ଲୀର ଲୁଟେନ୍ସରେ ତାଙ୍କୁ ଟାଇପ୍-୮ ବଙ୍ଗଳା ଦିଆଯିବ। ସେ ଚାହିଁଲେ ଦିଲ୍ଲୀର ଅନ୍ୟ କୌଣସି ଅଞ୍ଚଳରେ ମଧ୍ୟ ଏଭଳି ବଙ୍ଗଳାରେ ରହିପାରିବେ ବୋଲି ସେ କହିଛନ୍ତି।

ଧନଖଡ଼ ଇସ୍ତଫା ଦେବାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ସେ ଅଚାନକ କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହା ଜଣାପଡ଼ିନାହିଁ। ସେ ନିଜେ ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି। ସରକାରୀ ନେତାମାନେ ମଧ୍ୟ ନିରବ ରହିଛନ୍ତି। ତେବେ କାରଣ ଜାଣିବା ପାଇଁ ବିରୋଧୀ ଦଳର ନେତାମାନେ ବ୍ୟାକୁଳ ହୋଇପଡ଼ିଲେଣି। ବିରୋଧୀମାନଙ୍କ ସହ ତିକ୍ତ ସଂପର୍କକୁ ନେଇ ବିବାଦରେ ଥିବା ଧନଖଡ଼ଙ୍କୁ କିନ୍ତୁ ଦେଖା କରିବା ଲାଗି ବିରୋଧୀ ଦଳର ନେତାମାନେ ଲମ୍ବା ଧାଡ଼ି ଲଗାଇଛନ୍ତି। କିନ୍ତୁ ଧନଖଡ଼ ଧରାଛୁଆଁ ଦେଉ ନାହାନ୍ତି। ବିରୋଧୀ ଦଳର ଅନେକ ନେତା ତାଙ୍କ ସହ କଥା ହେବାଲାଗି ଫୋନ୍ ମଧ୍ୟ କରୁଛନ୍ତି। କିନ୍ତୁ କଥାବାର୍ତ୍ତା ପାଇଁ ଅନୁମତି ମିଳୁନାହିଁ। ବ୍ୟକ୍ତିଗତ ଭାବେ ତାଙ୍କୁ ଭେଟିବା ଲାଗି ଯେଉଁ ନେତାମାନେ ଲାଇନ ଲଗାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଶରଦ ପାୱାର ଏବଂ ସଂଜୟ ରାଉତ। ତେବେ ଧନଖଡ଼ଙ୍କ ପକ୍ଷରୁ କୌଣସି ଉତ୍ତର ଆସୁନାହିଁ। ଅନ୍ୟପକ୍ଷରେ ଏସବୁ ଘଟଣାକ୍ରମ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, 'ଦାଲ ମେଁ କୁଛ୍ କାଲା ହୈ।'

### ଗାଏବ ହୋଇଗଲେ...

ସହ ପୁଲିସ ସହିତ ଆଲୋଚନା କରୁଛନ୍ତି। ଖୋଦ୍ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ, ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ପ୍ରଥମେ ନାବାଳିକାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିଛନ୍ତି। ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିବା ବେଳେ ୫୦ଟି ମୋବାଇଲ ଫୋନକୁ ମଧ୍ୟ ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜକୁ ବି ଖୋଜି ତଦନ୍ତ ପରିସରକୁ ଅଣାଯାଇଛି। ପଚରାଉଚରା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୀଡ଼ିତାଙ୍କ ସାଙ୍ଗ, ଗ୍ରାମବାସୀ, ପରିବାର ସଦସ୍ୟ ଏବଂ ନିକଟ ସମ୍ପର୍କୀୟ ରହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ କିଏ ସେ ନେଇ ଠୋସ୍ ସୁରାକ ପାଇନାହାନ୍ତି ପୁଲିସ, କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ଅଧିକାରୀ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନ ଯେତେ ଗଡୁଛି ଏହି ପ୍ରସଙ୍ଗ ସେତେ ଜଟିଳ ହେବାରେ ଲାଗିଛି। ଘଟଣାସ୍ଥଳରୁ ସେହିଦିନ କିରୋସିନ ବୋତଲ, ଡିଆସିଲି, ରୁପା ମୁଦି, ଚୁଡ଼ି ଆଦି ପୁଲିସ ଜବତ କରିଥିଲା। ହେଲେ ପୀଡ଼ିତାଙ୍କ ପରିବାର ପକ୍ଷରୁ କୁହାଯାଇଛି ସେ ମୁଦି, ଚୁଡ଼ି ତାଙ୍କ ଝିଅର ନୁହେଁ। ତେବେ ପ୍ରଶ୍ନଉଠୁଛି ଏହି ମୁଦି, ଚୁଡ଼ି କାହାର? ସେଠାରୁ ଅନ୍ୟାନ୍ୟ ସାମଗ୍ରୀ ସହିତ ମୁଦି, ଚୁଡି ମିଳିଲା କେମିତି? ଏହାକୁ କିଏ କେଉଁଠୁ ଏବଂ କାହା ପାଇଁ କିଣିଥିଲା? ସେହିପରି ଫରେନ୍ସିକ ଟିମ୍, ସନ୍ଧାନୀ କୁକୁର ଆଦି ତଦନ୍ତ ପ୍ରକ୍ରିୟାର ବିଭିନ୍ନ କୌଶଳ ପ୍ରୟୋଗ ପରେ ବି ପୁଲିସ ହାତ ଖାଲି। ପ୍ରତିଦିନ ପୁଲିସ, କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ ବଳଙ୍ଗା ଧାଁ ଧପଡ଼ କରି ହାଲିଆ ହେଲେଣି। ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଓ ପୁଲିସର ୧୫ ଜଣିଆ ଟିମ୍ ଘଟଣାସ୍ଥଳ (ଭାର୍ଗବୀ ନଦୀବନ୍ଧ କଡ଼)ରେ ଛାନ୍‌ବିନ କରିଛନ୍ତି। ସମ୍ପୂର୍ଣ୍ଣ ସ୍ଥାନରେ ତନ୍ନ ତନ୍ନ କରି ଖୋଜାଖୋଜି କରିଛନ୍ତି।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ଆଧାର କରି ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବଳଙ୍ଗାକୁ ସବୁ ରାଜନୈତିକ ଦଳ ନେତାଙ୍କ ଗସ୍ତ ଜାରି ରହିଥିବା ବେଳେ ସମସ୍ତେ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ଲାଗି ଦାବି କରିଆସୁଛନ୍ତି। ହେଲେ ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

ଅନ୍ୟପଟେ ଏହି ଘଟଣାକୁ ନେଇ ଜାତୀୟସ୍ତରେ ବେଶ୍ ଚର୍ଚ୍ଚା ଆଲୋଚନା ଚାଲିଛି। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବଳଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଛନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳାର ନଅଙ୍କ ଚିତ୍ର ଏବେ ରାଜ୍ୟକୁ ଜାତୀୟସ୍ତରରେ ବଦ୍‌ନାମ କରିଛି। ବାଲେଶ୍ୱର ପରେ ବଳଙ୍ଗା ଏବଂ ଯାଜପୁର ପରେ ଜଗତ୍‌ସିଂହପୁର ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନାର ତାଲିକା ଲମ୍ବି ଲମ୍ବି ଚାଲିଛି। ଏହା ଉପରେ ଅଙ୍କୁଶ ଲାଗିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ଆଳୁ ପାଇଁ ପୁଣି...

ତେବେ ଏଥିପାଇଁ ଆମକୁ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ଯୋଗାଣ ମନ୍ତ୍ରୀ ଆଜି ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଓଡ଼ିଶାବାସୀଙ୍କର ଉତ୍ତରପ୍ରଦେଶ ଆଳୁ ପସନ୍ଦ ହେଉନି। ତେଣୁ ବାଧ୍ୟହୋଇ ଆମକୁ ପଶ୍ଚିମବଙ୍ଗଠାରୁ ଆଳୁ ଆଣିବାକୁ ପଡ଼ିବ। ଆଳୁର ସମସ୍ୟା ହୋଇଥିଲାବେଳେ ରାଜ୍ୟବାସୀ ଉତ୍ତରପ୍ରଦେଶ ଆଳୁକୁ ପ୍ରତ୍ୟାଖାନ କରିଥିଲେ। କାରଣ ସେଠୁ ଗାଡ଼ିରେ ଆଳୁ ଆସିଲା ବେଳକୁ ୪ ଦିନରୁ ଅଧିକ ସମୟ ଲାଗୁଛି। ତା'ପରେ ଖାଉଟି କିଣି ନେଇ ଦୁଇ ଦିନ ରଖିଲା ବେଳକୁ ଆଳୁ ପଚି ନଷ୍ଟ ହୋଇଯାଉଛି। ଏପରିସ୍ଥଳେ ପଶ୍ଚିମବଙ୍ଗ ଆଳୁ ୧୨ ଘଣ୍ଟାରେ ଆମ ପାଖରେ ପହଞ୍ଚି ଯାଉଛି। ଖାଉଟି ଏହାକୁ ନେଇ ୭ରୁ ୮ ଦିନ ଗଚ୍ଛିତ କରି ରଖିପାରୁଛନ୍ତି। ତା'ପରେ ଉତ୍ତରପ୍ରଦେଶ ଓ ପଞ୍ଜାବ ଆଳୁ ଅପେକ୍ଷା ପଶ୍ଚିମବଙ୍ଗ ଆଳୁ ସ୍ୱାଦିଷ୍ଟ। ଏସବୁ ଦୃଷ୍ଟିରୁ ଲୋକମାନେ ପଶ୍ଚିମବଙ୍ଗ ଆଳୁକୁ ପସନ୍ଦ କରୁଛନ୍ତି। ମାତ୍ର ଲୋକଙ୍କ ଆବଶ୍ୟକତା ଓ ମତ ବିନା ଯୋଗାଣ ମନ୍ତ୍ରୀ ପୂର୍ବରୁ ପଶ୍ଚିମବଙ୍ଗ ଆଳୁକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ୟାନ୍ କରି ଦିଆଯିବ ବୋଲି ମନ୍ତବ୍ୟ ଦେବାକୁ ମଧ୍ୟ ପଛାଇ ନାହାନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତିକୁ ନେଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଲଜ୍ଜାର ବିଷୟ ହେଉଛି ଆଳୁ ପ୍ରସଙ୍ଗକୁ ନେଇ ମନ୍ତ୍ରୀ ବାରମ୍ବାର ବିଭ୍ରାନ୍ତିକର ବୟାନ ଦେଇଛନ୍ତି। ଏବେ ପୁଣି ମମତାଙ୍କ ଗୋଡ଼ ଧରିବେ ବୋଲି ନିଜ ମୁହଁରେ ସ୍ୱୀକାର କରିଛନ୍ତି। ଜଣେ ମନ୍ତ୍ରୀ କୌଣସି ପ୍ରସଙ୍ଗରେ ମନ୍ତବ୍ୟ ଦେବାବେଳକୁ ସଂଯମତା ରକ୍ଷା କରିବା କଥା। ମାତ୍ର ଯୋଗାଣ ମନ୍ତ୍ରୀ ପ୍ରତିଥର ଏହାର ଉଲଂଘନ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ପୂର୍ବରୁ ମନ୍ତ୍ରୀ ଯେଉଁ ଛେପ ପକାଇଥିଲେ, ଆଜି ସେ ନିଜେ ଢୋକୁଛନ୍ତି। ଉତ୍ପାଦନର ସ୍ଥିତାବସ୍ଥା ଯାଞ୍ଚ ନ କରି କେବଳ ମିଛ ବାହାସ୍ଫୋଟ ମାରିବାରେ ବ୍ୟସ୍ତ ଥିଲେ ଯୋଗାଣ ମନ୍ତ୍ରୀ। ଏବେ ପଶ୍ଚିମବଙ୍ଗ ଶରଣ ପଶିବା ନେଇ ନିଜେ ସ୍ୱୀକାର କରିଛନ୍ତି।

### ୨୭ ପର୍ଯ୍ୟନ୍ତ...

୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ବୁଧବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସମେତ କଟକ, ପୁରୀ ଦାରିଙ୍ଗବାଡ଼ି, ଛତ୍ରପୁର, ନାୟଗଡ଼, ଖୋର୍ଦ୍ଧା, ରାୟଗଡ଼ା ଓ ପାରଳା ଖେମୁଣ୍ଡି ଆଦିରେ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ଭୁବନେଶ୍ୱରରେ ସର୍ବାଧିକ ୭୦ ମିମି ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ପ୍ରଭାବରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।


**PANCHAYAT SAMITI HIGHER SECONDARY SCHOOL, KOMNA, DIST-NUAPADA**

**WALK IN INTERVIEW**

A walk-in-Interview for the Post of PGT-in-History will be held on Dt. 30.07.2025 (Wednesday) in the Panchayat Samiti Higher Secondary School, Komna (+2 College). Intending candidates having minimum 55% marks in the subject concerned at P.G level with B.Ed. are required to walk in with Bio-data.

**No TA DA will be admissible.**

Sd/- Principal-cum-Secretary
P.S. Higher Secondary School,
Komna, Dist.-Nuapada

**JEYPORE MUNICIPALITY, JEYPORE**

Phone No. - 06854231098, Fax no.-06854230104, email-ulbjeypore@gmail.com & jayporem.hud@nic.in

**Quotation call notice**

Sealed quotations on the letter pad of the bidder are hereby invited from **individuals, manufacturers, or contractors** for the execution of the work titled

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4–6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works – Complete at Jeypore Municipality".**

| | |
|---|---|
| No of works. | 01 |
| Estimated cost and work details | As per QCN |
| Date & Time of Bidding | From **24.07.2025** at 11:00 Hours to **04.08.2025** Upto 16:00Hours |
| Offline Documents Received through Speed Post/ Registered Post | **25.07.2025** at 11:00 Hours to **06.08.2025** Up to 11:00 Hours (Working Days Only) |
| Offline Documents shall be opened in the presence of the Participating Bidders | **06.08.2025** at 16:00 Hours onwards |
| Paper Cost (INR) | Rs.600/- |
| EMD (INR) | Rs.10000/- |

OIPR-13079/11/0051/2526 C-725

Executive Officer,
Jeypore Municipality

**LOST**

I **Barada Prasan Mohanty,** S/o- Bhimsen Mohanty, resident At- Plot No- 954/2346/2, Bhimtangi Old Town, Bhubaneswar, Dist- Khurda, Odisha declare that my link documents sale deed No- 8635, dtd- 31/07/2007 ROR of Mauza BBSR Unit-24 Sundarpada, Khata No- 796/2666, Plot No- 562/3499 Area Ac 0.039 decs has been misplaced somewhere and could not be traced after so many searches.

**Barada Prasan Mohanty**

**NOTICE FOR MINOR**

By virtue of an affidavit sworn before the Executive Magistrate, Kendrapara, dated 18.07.2025, I, Itishree Nayak, Address (Itishree Nayak, C/o- Abhaya Kumar Samal, At / Po- Karilopatana, Dist-Kendrapara, Odisha, Pin-754223, Mob- 6370971396) declare that I have changed the name of my son from A.I TANMAY SAMAL to TANMAY SAMAL. Henceforth, he shall be known as **TANMAY SAMAL** for all purposes.

**Itishree Nayak**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt.15.07.2025 I, Anish Akhtar, R/o- Kalamandal Pada, Balangir, Odisha- 767001 mentions that in Residence Certificate Vide No. E-RES/2025/858164, my name inadvertently recorded as Anish Arya Panda instead of Anish Akhtar. I declare that my correct name is Anish Akhtar for all purposes.

**AFFIDAVIT**

I, ABRAR, aged about 21 years, S/o- Faisal, resident of Masjid Pada, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1436, dtd. 23/07/2025, that now onwards I shall be known as **MOHAMMAD ABRAR** for all future purposes.

**AFFIDAVIT**

I, Amlan Ashish Rautray, S/o. Ajaya Routray, resident of Plot No. 186, Behera Sahi, Rasulgarh, Bhubaneswar, PS- Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 602, Dt - 23.07.2025 that, now onwards, I shall be known as **AMLAN ASHISH ROUTRAY** for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I, Susil Kumar Das, S/o- Late Surendranath Behera resident of At- Kuansh, Po/Ps/Dist.- Bhadrak, Pin-756100, Odisha have changed my name from **Susil Kumar Behera to Susil Kumar Das.** Henceforth I shall be known as Susil Kumar Das for all purposes.

**Susil Kumar Das**

**AFFIDAVIT**

By virtue of an affidavit before the Executive Magistrate, Soro, Balasore, I Shaik Hasnain Raja, S/o- SK. Faizulla, Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 739, Dated -02.04.24 that now onwards I shall be known as **SK. HASNAIN RAZA** for all future purposes.

**AFFIDAVIT**

I, Ajaya Rautray, S/o. Late Banshidhar Routray, resident of Plot No. 186, Behera Sahi, Rasulgarh, Bhubaneswar, PS- Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 603, Dt - 23.07.2025 that, now onwards, I shall be known as **AJAYA ROUTRAY** for all future purposes.

**AFFIDAVIT**

I, Anjalíprava Parida, aged about 50 years, D/o- Dharanidhar Jena, resident of At- Satyabhamapur, Tandilo, Dist- khordha, PIN- 752100, Odisha declared by this affidavit No- 597, dtd- 21/07/2025 that now onwards I shall be known as **ANJALI PARIDA** for all future purposes.

**AFFIDAVIT**

I, Sekh Gulam Anwar, aged about 63 years, S/o- Late Shekh Gulam Kadar, resident of Vill- Padampur, PS- Padampur, Dist- Bargarh, Odisha declared by this affidavit No. 01, dtd- 23/07/2025 that now onwards I shall be known as **SHEKH GULAM ANWAR** for all future purposes.

**AFFIDAVIT**

By virtue of an affidavit before the the Notary Public, Cuttack. I, Himanshu Shekhar Mohapatra, S/o- Keshab Chandra Mohapatra of Plot No. 3D/1100, Sector-10, P.S.- CDA Phase-II, Dist.: Cuttack, Odisha - 753014, declare that my correct name is Himanshu Shekhar Mohapatra as per Aadhaar and PAN. But in my Passport bearing no K3842811, my name has been wrongly mentioned as Himansu Shekhar Mohapatra. That both the names belongs to me. Henceforth I shall be known as **Himanshu Shekhar Mohapatra** for all purposes.

**AFFIDAVIT**

By virtue of an affidavit before the Executive Magistrate Hindol on dt 19.05.2025,I Akshaya Biswal, aged about 51 years, S/o- Late Biswambar Biswal of Vill- Kathakumpa, Po- Khaliborei, Ps- Rasol, Dist- Dhenkanal, That, in the Aadhaar card bearing no- 8528 3358 2452 and OGB, Gandanali Branch bearing A/c no- 052734006001361 my name reflected as Akshaya Biswal, S/o- Biswambar Biswal and but in the LIC Policy Bond bearing Policy no- 588154567 my name reflected as Dharanidhar Biswal which is my nick name instead of Akshaya Biswal. That, Akshaya Biswal and Dharanidhar Biswal, S/o- Late Biswambar Biswal is same and one person and there is no any other person live in that name in the same locality.

**AFFIDAVIT**

I MADHUSMITA, W/o SANGRAM CHETA MOHANTY resident of At- Nuapatna, Po- Banguari, Via- Fulnakhara, Dhamilo, Dt- Khurda, odisha -754 001, Odisha declare by this Affidavit No.3288, Dated - 22/07/2025, that now onwards I shall be known as MADHUSMITA MOHANTY for all future purposes.

**AFFIDAVIT**

By virtue of an affidavit sworn before Executive Magistrate Gopalpur, Balasore, dated 27/07/2025 I, Biswajit Muduli, Address At- Matiapada, PO- Radhaballavpur, PS- SORO, Dist-Balasore, Odisha-756045 declare that I have changed my name from M Biswajit to Biswajit Muduli. Henceforth, I shall be known as **Biswajit Muduli** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Silipar, dated. 21.07.2025, I CHITTARANJAN SWAIN, S/o- Late Sarat Chandra Swain, At: Chhotinatara, Po: Bhimdaspur, Ps: Salipur, Dist.: Cuttack, Odisha, Pin- 754221 declare that I have changed the name of my daughter from KIRANPRAVA SWAIN to KIRANMAYEE SWAIN. Henceforth she shall be known as **KIRANMAYEE SWAIN** for all purposes.

**AFFIDAVIT**

By virtue of an Affidavit No. 3289, sworn before Notary Public, Jeypore, dated -22/07/2025, I MADHUSMITA MOHANTY, Address At-Nuapatna, Po- Banguari, Via-Fulnakhara, Dhamilo, Khurda, Odisha -754 001 declare that I have changed my name from MADHUSMITA CHHOTARAY to MADHUSMITA MOHANTY. Henceforth I shall be known as MADHUSMITA MOHANTY for all purposes.

**AFFIDAVIT**

I GULAB CHAND JAIN, S/o BABULAL JAIN resident of Main Road, Po/ PS - Malkangiri Dt-Koraput, odisha -764 045, Odisha declare by this Affidavit No.3286, Dated - 22/07/2025,that now onwards I shall be known as GULAB JAIN for all future purposes.

**AFFIDAVIT**

I, Purnima Mohapatra, W/o Abinash Mishra, resident of Plot No LB-104, Bhimatangi, Phase-II, Kapilprasad, PS- Airfield,Bhubaneswar- 751002, Dist- Khordha, Odisha declare by this affidavit CF No- 08, dtd. 23.07.2025 that now onwards I shall be known as PURNIMA MAHAPATRA for all future purposes.

Sd- PURNIMA MAHAPATRA

**AFFIDAVIT**

I S.C.MOHANTY, S/o Nrusingh Charan MOHANTY resident of At-Nuapatna, Po- Banguari,Via-Fulnakhara, Dhamilo, Dt-Khurda, odisha - 754 001, Odisha declare by this Affidavit No.3287, Dated - 22/07/2025,that now onwards I shall be known as SANGRAM CHETA MOHANTY for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I, Rohiteswar Gochhayat, S/o- Late Bhramarbar Gochhayat, resident of At- Naradia, Borikana, Po- Panchapali, Ps- Ersama, Dist.- Jagatsinghpur, Odisha, Pin- 754110 have changed my name from **Rohitaswar Gochhayat to Rohiteswar Gochhayat.** Henceforth I shall be known as Rohiteswar Gochhayat for all purposes.

**Sd/- Rohiteswar Gochhayat**

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I Smt. Bithika Das, W/o- Susil Kumar Behera, D/o- Nalini Kanta Mohanty resident of At- Kuansh, Po/Ps/Dist.- Bhadrak, pin- 756100 Odisha have changed my name from **Bithika Behera to Bithika Das.** Henceforth, I shall be known as Bithika Das for all purposes.

**Bithika Das**

# ବଢ଼ି ଚାଲିଛି ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା

## କ୍ଷୟକ୍ଷତି ଭରଣା ଦାବି

କାଳିପଦା, ୨୩।୭ (ସମିସ)





ସୁବର୍ଣ୍ଣରେଖା ନଦୀରେ ବନ୍ୟା ପାଣି ଏବେ ଛାଡିଯାଇଛି । ମାତ୍ର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବଢି ଚାଲିଛି । ସରକାର ଲୋକଙ୍କୁ ସାତ ଦିନର ରିଲିଫ ଦେଇ ହାତବାନ୍ଧି ବସିଛନ୍ତି । ମାତ୍ର ଫଳ କିଛି ମିଳିନାହିଁ । ଲଘୁଚାପ ଜନିତ ପ୍ରବଳ ବର୍ଷା ଏବଂ ଉପର ମୁଣ୍ଡରେ ଅଧିକ ବର୍ଷା ଯୋଗୁଁ ଦୀର୍ଘ କେତେ ଦିନ ଧରି ସୁବର୍ଣ୍ଣରେଖା ନଦୀରେ ଭୟଙ୍କର ବନ୍ୟା ପରିସ୍ଥିତି ଦେଖା ଦେଇଥିଲା । ବ୍ଲକର ୯ଟି ପଞ୍ଚାୟତ ଜଳମଗ୍ନ ହୋଇଥିଲା । ଏଥିଯୋଗୁଁ ୯ଟି ପଞ୍ଚାୟତର ୪୧ଟି ଗାଁ ମଧ୍ୟ ବନ୍ୟାରେ ପ୍ରଭାବିତ ହୋଇଥିଲା । ଅନେକ ଗ୍ରାମ ପାଣି ଘେରରେ ରହିବା ସହିତ ଶହ ଶହ ହେକ୍ଟର ଚାଷଜମିରେ ୫ ଫୁଟ ଉଚ୍ଚର ବନ୍ୟା ପାଣି ଲହଡ଼ି ଦେଖିବାକୁ ମିଳିଥିଲା । ଯେଉଁ ଅଞ୍ଚଳରୁ ପାଣି ଛାଡି ଗଲା ସେ ଅଞ୍ଚଳର ଲୋକଙ୍କର ଦୁଃଖ ଦୁର୍ଦ୍ଦଶା ଏବେ ବଢି ଚାଲିଛି । ଦୀର୍ଘ ଦିନ ପରେ ଲୋକମାନେ ଘରୁ ପଦାକୁ ଭଲରେ ବାହାରିଛନ୍ତି । ଅନ୍ୟ ଘରେ କିମ୍ବା ଉଚ୍ଚା ସ୍ଥାନରେ ଆଶ୍ରୟ ନେଇ ଥିବା ଲୋକେ ନିଜ ଘରକୁ ଫେରିଛନ୍ତି । ବନ୍ୟାପାଣିରେ ଭାଙ୍ଗି ଯାଇ ଥିବା ଘରକୁ କିଏ ସଜାଡୁଛି ତ ଆଉ କିଏ ପିଲାଙ୍କ ପେଟରେ ଦାନା ଦେବା ପାଇଁ ଚୁଲି ସଜାଡୁଛି । କିଏ ଇଟାରେ ଚୁଲି କରି ରୋଷେଇ ଆରମ୍ଭ କରିଛି । ଉଜୁଡି ଯାଇଥିବା ଘର କରଣାକୁ ଆଉ ଥରେ ନୂଆ କରି ଗଢିବା ପାଇଁ ମନରେ ଆଶା ବାନ୍ଧିଛି । ପ୍ରଶାସନ ପକ୍ଷରୁ ଯାହା ବି ବ୍ୟବସ୍ଥା କରାଯାଇଥିଲା ତାହା ସମୁଦ୍ରକୁ ଶଙ୍ଖେ ପରି । ଅନ୍ୟ ପକ୍ଷରେ ବାଲିଆପାଳ ବ୍ଲକରେ ପ୍ରାୟ ୯ ଟି ପଞ୍ଚାୟତ ତଳିଆ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟେକ ବର୍ଷ ବନ୍ୟାରେ ପଟୁ ମାଟିରେ ବିଲରେ ଉର୍ବରତା ବଢିଥାଏ । ଫଳରେ ଏଠାରେ ଧାନ, ପରିବା, ମୁଗ, ବିରି, ସୋରିଷ, ବାଦାମ ପ୍ରମୁଖ ଚାଷ ଦ୍ୱାରା ବେଶ ଉପକୃତ ହୁଅନ୍ତି ଚାଷୀକୁଳ । ମାତ୍ର ଏହି ସବୁ ଉଜୁଡିଯିବା ଦ୍ୱାରା ଏବେ ଚିନ୍ତାରେ ଚାଷୀ । କ୍ଷେତରୁ ଫସଲ ଅମଳ ହୋଇପାରିଲା ନାହିଁ । ଘରେ ସଞ୍ଚିତ ହୋଇଥିବା ଧାନ ଚାଉଳ ମଧ୍ୟ ବନ୍ୟାରେ ଭାସିଯାଇ ନଷ୍ଟ ହୋଇଯାଇଛି । ପେଟରେ ଭୋକ ମନରେ କୋହକୁ ସମ୍ଭାଳି ପାରୁନାହାନ୍ତି ଲୋକେ । ବନ୍ୟାକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ କେବଳ ରିଲିଫ୍ ଛଡା ଅନ୍ୟ କିଛି ନାହିଁ । ଏଥିପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ବିପନ୍ନ । ଏ ନେଇ ବାଲିଆପାଳ ବିଡ଼ିଓଙ୍କଠାରେ ଦାବି ରଖିଛନ୍ତି କ୍ଷତିଗ୍ରସ୍ତ ଲୋକେ । ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କୁ ଚାଷର କ୍ଷତିପୂରଣ, ଗୋଖାଦ୍ୟ ଯୋଗାଣ, ରାସ୍ତା ଘାଟ ମରାମତି, ପାନୀୟ ଜଳ ଯୋଗାଣ, ଭାଙ୍ଗିଥିବା ଘରର କ୍ଷତି ପୂରଣ ଆଦି ଦିଆ ଯାଉ ବୋଲି ଲୋକେ ଦାବି କରିଛନ୍ତି ।

# ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ସୋର, ୨୩।୭ (ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସୋର ପୌରପାଳିକା ଅନ୍ତର୍ଗତ ଚକବାରାହାପୁରସ୍ଥିତ ମଉଡ଼ ମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଯୁବକ ସଂଘର ସଭାପତି କମଳଲୋଚନ ବାରିକଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ନାୟକ, ସଂଘର ସମ୍ପାଦକ ସରୋଜ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଏଥିସହିତ ଯୁବକ ସଂଘ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅଁଳା, ପିଜୁଳି, ନିମ୍ବ, ଡାଳିମ୍ବ, ବାହାଡା ଆଦି ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା । ଯୁବକ ସଂଘର ସଦସ୍ୟ ସ୍ଲୋଗାନ ଦାସ, ସୌମ୍ୟଶାନ୍ତ ପଟ୍ଟନାୟକ, ଦେବାଶିଷ ପୋଇ, ସ୍ୱର୍ଣ୍ଣମୟୀ ବିଶ୍ୱାଳ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




କାଳିପଦା, ୨୩।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ବୁଧବାର ଅବସର ପ୍ରାପ୍ତ ଅଧ୍ୟକ୍ଷା ଲିପିକା ଜାନାଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ କର୍ମଚାରୀ ସଂଘ ସଭାପତି ପ୍ରାଧ୍ୟାପକ ଡ. ଶିବ ନାରାୟଣ ମହାପାତ୍ର, ସମ୍ପାଦକ ଅଧ୍ୟାପକ ପରମା ନନ୍ଦ ମହାନ୍ତି, ଗଣିତ ବିଭାଗ ମୁଖ୍ୟ ଡ଼ଃ ସୁକାନ୍ତ କୁମାର ଗିରି ପ୍ରମୁଖ ଯୋଗ ଦେଇ ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ଜାନାଙ୍କ ଦୀର୍ଘ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାଧ୍ୟାପକ ନିର୍ମଳ କୁମାର ସାମଲ, ଦେବବ୍ରତ ଦାସ, ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ଅଜିତ କୁମାର ଭୂୟାଁ, ଆଶୁତୋଷ ଯତି, ପ୍ରଭାତ ରଞ୍ଜନ ଦାସ, ଦେବେନ୍ଦ୍ର ସେଠୀ, ମୟୁଖ କୁମାର ମଣ୍ଡଳ, ସୁଧାକର ଦାସ, ଅଧ୍ୟାପିକା ତନୁଶ୍ରୀ ନାୟକ, ସ୍ୱାଗତିକା ଜେନା, ଅଧ୍ୟାପକ ତାପସ ତନୟ ନନ୍ଦୀ, ଶ୍ରୀକାନ୍ତ ମହାପାତ୍ର, ଗୋପୀନାଥ ପଣ୍ଡା, ଶଶିକାନ୍ତ ଜେନା, ଦେବେନ୍ଦ୍ର ଘୋଷ, ଚନ୍ଦନ କୁମାର ପାତ୍ର, ବଂଶୀଧର ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ମନ୍ଦାରସାହି ପଞ୍ଚାୟତର କଂଗ୍ରେସର ସାଂଗଠନିକ ବୈଠକ



ଭୋଗରାଇ, ୨୩।୭ (ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅଧୀନ ମନ୍ଦାରସାହି ପାଟଣା ଗ୍ରାମର ସୋରୁପ ଦାସଙ୍କ ବାସଭୋବନରେ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର କଂଗ୍ରେସ ଦଳ ସଭାପତି ଅତୁଲ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ପଞ୍ଚାୟତର ସରପଞ୍ଚ ମମତା ସାହୁ ଏହି ସଭାକୁ ପରିଚାଳନା କରିଥିଲେ । ଏହି ସଭାରେ ବ୍ଲକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ଜିଲ୍ଲା କଂଗ୍ରେସର ଉପସଭାପତି ଗୋପବନ୍ଧୁ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ଆଦି ଉପସ୍ଥିତ ହୋଇ ୧୬ ୱାର୍ଡ଼ରୁ ଆସିଥିବା କଂଗ୍ରେସ ପ୍ରେମୀ ମାନଙ୍କୁ ଆଗାମୀ ଦିନରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ଗୁରୁ ମନ୍ତ୍ର ଦେଇଥିଲେ । ବାର୍ଦ୍ଧକ୍ୟ ଜନିତ କାରଣରୁ ଅତୁଲ ଚନ୍ଦ୍ର ଜେନା ସଭାପତି ଦାୟତ୍ୱ ତୁଲାଇବା ପାଇଁ ଅସମର୍ଥ ପ୍ରକାଶ କରିବାରୁ ପ୍ରାକ୍ତନ ଶିକ୍ଷକ ଦେବବ୍ରତ ଦାସମହାପାତ୍ରଙ୍କୁ ନୂତନ ସଭାପତି ଭାବେ ଦାୟିତ୍ୱ ଦିଆଯାଇଥିଲା । ଏହି ସଭାରେ ନାଏବ ସରପଂଚ ସୁଦର୍ଶନ ଗିରି, ଅତୁଲ ମହାନ୍ତି, ସଂସାକ ଶେଖର ଗିରି, ଭାସ୍କର ଗିରି, ବିଜୟ ତୋଳା, ଏକ୍ରାମ ସାହା, ଦିଲବର ସାହା, ସନ୍ତୋଷ ଗିରି, ଶଙ୍କର ଜେନା, ଶଙ୍କର ଗିରି, ସୁଶାନ୍ତ ପାତ୍ର, ଯୋଗେଶ୍ୱର ସାହୁ ଆଦି ବହୁ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ଘୋଷଣାର ୨୦ଦିନ ପରେ ବନ୍ୟା ବିପନ୍ନଙ୍କୁ ମିଳିଲା ରିଲିଫ୍

ଭୋଗରାଇ, ୨୩।୭ (ସମିସ) : ସୁବର୍ଣ୍ଣରେଖା ନଦୀରେ ଦ୍ୱିତୀୟ ଥର ବନ୍ୟାକୁ ୨୦ଦିନ ବିତି ଯାଇଛି । ଏହା ପରବର୍ତ୍ତୀ ପୁଣି ଆଉ ଦୁଇ ଦୁଇ ଥର ବନ୍ୟା ଆସିବା ଫଳରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ପ୍ରାୟ ୪୦ରୁ ଅଧିକ ଗାଁର ଲୋକେ ଜଳବନ୍ଦୀ ଅଛନ୍ତି । ଦ୍ୱିତୀୟ ଥର ବନ୍ୟା ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିବା ବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରମୁଖ ବନ୍ୟା ବିପନ୍ନଙ୍କୁ ୭ ଦିନର ରିଲିଫ ଦାବି କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମଧ୍ୟ ୭ଦିନର ରିଲିଫ ଘୋଷଣା କରିଥିଲେ । ମାତ୍ର ଘୋଷଣାର ୨୦ରୁ ଅଧିକ ଦିନ ପରେ ପ୍ରଶାସନ ପକ୍ଷରୁ ବନ୍ୟାପାଣିରେ ଫସି ରହିଥିବା ଆରୁଆବୃତ୍ତି, ଖରଦିପିପଳ, ନାଛିନ୍ଦା, କୁସୁଡା, ଗବଗାଁ, କଟୁଆଡି, ଦାରୁହା, କୁଳିଦା, ଗୁଣସାର୍ଥା, ପୁଟିଣା, କୁମ୍ଭୀରଗଡି ପଞ୍ଚାୟତର ପ୍ରଭାବିତ ସମସ୍ତ ଗାଁ ତଥା ଜୟାରାମପୁର ଓ ଟୁକିରୀହାଜିରା ପଞ୍ଚାୟତର ଆଂଶିକ ପ୍ରଭାବିତ ଗାଁର ଲୋକଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ରିଲିଫ ବାବଦକୁ ଚାଉଳ ବଣ୍ଟନ କରାଯାଇଛି । ତେବେ ଏହି ସବୁ ଗାଁର ଲୋକଙ୍କ ପାଇଁ ମୋଟ ୪ ହଜାର ୬ଶହ ୯୯ କୁଇଣ୍ଟାଲ ଚାଉଳ ବଣ୍ଟନ କରିବାକୁ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୨ହଜାର ୪ଶହ ୪୨ କୁଇଣ୍ଟାଲ ୯୩ କିଲୋ ଚାଉଳ ବାଣ୍ଟନ କରାଯାଇଥିବା ଖାଦ୍ୟ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା ସୂଚନା ଦେଇଛନ୍ତି । ବୟସ୍କମାନଙ୍କୁ ଦିନକର ୧କିଲୋ ହିସାବରେ ସାତ ଦିନରେ ୮ କିଲୋ ଓ ଛୋଟ ପାଲାମାନଙ୍କୁ ଦିନକୁ ୫ ଶହ ହିସାବରେ ୩ କିଲୋ ୫ ଶହ ଗ୍ରାମ ରିଲିଫ ଚାଉଳ ବଣ୍ଟନ କରାଯାଇଥିବା ସୂଚନା ମିଳିଛି ।

# ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ବାର୍ଷିକ ଉତ୍ସବ



ବାଲିଆପାଳ, ୨୩।୭ (ସମିସ): ବ୍ଲକ ଜାମତକୁଲାଠାରେ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶିବ ଶଙ୍କର ନାୟକଙ୍କ ସସଭାପତିତ୍ୱରେ ଉଦଘାଟକ ଭାବେ ପୂର୍ବତନ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ମୁଖ୍ୟ ଅତିଥି ଭାବେ ପ୍ରକୃତି ପ୍ରେମୀ ସୁମନ୍ତ ଜେନା, ମୁଖ୍ୟ ବକ୍ତା ଭାବେ ସର୍ବେଶ୍ୱର ଜେନା, ସମ୍ମାନିତ ଅତିଥି ଝାଡ଼େଶ୍ୱର ପ୍ରଧାନ ସମ୍ମାନିତ ଅତିଥି ନିତ୍ୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ହୋଇ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ବାଲିଆପାଳ ମାଟି ଏକ ସଂଗ୍ରାମୀ ମାଟି ଚନ୍ଦ୍ରଶେଖର ଆଜାଦ ଯେପରି ଏକ ବିପ୍ଳବୀ ସଂଗଠନ କରି ଦେଶ ପାଇଁ ଅମର ହୋଇଛନ୍ତି, ସେହିପରି ବାଲିଆପାଳ ମାଟି ରୁ ଆରମ୍ଭ ହୋଇଥିବା ଆଜାଦ ଫାଉଣ୍ଡେସନ ଗଛ ଲଗାଇବା, ରକ୍ତ ଦାନ ଶିବିର କରିବା, ସମାଜସେବା ରେ ନିଜକୁ ନିୟୋଜିତ କରି ଅଳ୍ପ ଦିନ ରେ ଏ ଅଞ୍ଚଳରେ ବହୁ ସୁନାମ ର ଅଧିକାରୀ ହୋଇପାରିଛନ୍ତି । ଆଜିର ବାର୍ଷିକ ଉତ୍ସବ ରେ ମଧ୍ୟ ରକ୍ତ ଦାନ ଶିବିର କରି ୩୭ୟୁନିଟ ରକ୍ତ ସଂଗ୍ରହ କରିବାରେ ସଫଳ ହୋଇପାରିଛନ୍ତି । ଏହି ଅବସରରେ ସଂଗଠନ ସହିତ ଜଡିତ ସମାଜସେବୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ ସଂଘ ମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଗୋପୀକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନାବାଳିକାକୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ବସ୍ତା ବ୍ଲକ, ୨୩।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ଜନୈକା ନାବାଳିକା କୁ ବଳାତ୍କାର ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି । ଘରେ କେହି ନଥିବା ର ସୁଯୋଗ ନେଇ ନାବାଳିକାକୁ ବଳାତ୍କାର ଉଦ୍ୟମ ହୋଇଥିବା ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା ଜଣା ପଡ଼ିଛି । ଅଭିଯୋଗରୁ ପ୍ରକାଶ ଯେ ଅମର୍ଦ୍ଦାରୋଡ ଫାଣ୍ଡି ଅଞ୍ଚଳରେ ପୀଡ଼ିତାଙ୍କ ମାଆ ପୁରୀ ଏବଂ ବାପା କାମକୁ ଯାଇଥିବା ବେଳେ ରବିବାର ପୀଡ଼ିତା ଜଣଙ୍କୁ ଏକାକି ସୁଯୋଗ ନେଇ ପଡୋଶୀ ଅଭିଯୁକ୍ତ କରୁଣାକର ବେହେରା(୪୬) ପ୍ରଲୋଭନ ଦେଖାଇ ଘରକୁ ଡ଼ାକିନେଇ ବଳାତ୍କାର ଉଦ୍ୟମ କରିଥିଲା । ମଙ୍ଗଳବାର ପୀଡ଼ିତାଙ୍କ ମାଆ ଘରକୁ ଫେରିବା ପରେ ଝିଅ ସବୁ କଥା କହିବା ପରେ ମାଆ ଥାନା ରେ ଅଭିଯୋଗ କରିଥିଲେ । ଏହି ଭଳି ସମ୍ବେଦନଶୀଳ ଘଟଣାର ଅଭିଯୋଗ ମୂଳେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ରେଲୱେ ଓଭରବ୍ରିଜ ଉପରେ ଆଲୋକୀକରଣ କାର୍ଯ୍ୟାରମ୍ଭ

ଜଳେଶ୍ୱର ବ୍ଲକ, ୨୩।୭ (ସମିସ): ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତଃ ଘଟିଲା । ଏକ ବର୍ଷରୁ ଉର୍ଦ୍ଧ ସମୟ ଧରି ଜଳେଶ୍ୱରବାସୀ ରେଳ ଓଭର ବ୍ରିଜ ଉପରେ ଆଲୋକୀକରଣ ପାଇଁ ଦାବି କରି ଆସୁଥିଲେ ଏବଂ ଏହି ଦାବିକୁ ସମର୍ଥନ ଜଣାଇ ଜଳେଶ୍ୱରର ବିଭିନ୍ନ ସାମାଜିକ ସଙ୍ଗଠନ ତଥା ବିଶେଷ ମାଧ୍ୟମ ଜରିଆରେ ସହରବାସୀଙ୍କୁ ଅବଗତ କରାଇ ଆସୁଥିଲେ । ବିଧାୟକ ଶ୍ରୀ ପାତ୍ର ପୂର୍ତ୍ତ ବିଭାଗର ଚିଫ୍ ଇଞ୍ଜିନିୟରଙ୍କୁ ଏହି ଦାବି ବାବଦରେ ଅବଗତ କରାଇବା ସହ ତୁରନ୍ତ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପ୍ରୟାସ କରି ଆସୁଥିଲେ । ପ୍ରକାଶ ଥାଉ କି ଗତ ଦୁର୍ଗାପୂଜା ସମୟରେ ଜଳେଶ୍ୱର



କରି ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ଉଦ୍ୟମ ପ୍ରଶଂସନୀୟ । ଜଳେଶ୍ୱର ସହରବାସୀ ତଥା ବିଭିନ୍ନ ସଙ୍ଗଠନ ଏବଂ ସମସ୍ତ କାଉନସିଲରମାନେ ଜଳେଶ୍ୱର ପୌରପାଳିକା ଅଫିସ ଠାରେ ଏହି କାର୍ଯ୍ୟ ନେଇ ବାରମ୍ବାର ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ନିକଟରେ ଦାବି କରିଆସୁଥିଲେ । ନଗରପାଳ ଶ୍ରୀ ପ୍ରଧାନ ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଅବଗତ କରାଇବା ସହ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହ ଏହି ବାବଦରେ ଆଲୋଚନା କରିଥିଲେ । ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟର ଅଗ୍ରଗତି ନେଇ ଗଣମାଧ୍ୟମ ତଥା ସାମାଜିକ ଗଣ ସହରବାସୀଙ୍କ ଦୃଢ଼ ଦାବି ଏବଂ ଆବେଗକୁ ଲକ୍ଷ୍ୟ କରି ବିଧାୟକ ଶ୍ରୀ ପାତ୍ରଙ୍କ ପରାମର୍ଶ କ୍ରମେ ଜଳେଶ୍ୱର ପୌର ପ୍ରଶାସନ ଦୀର୍ଘ ଏକ ମାସରୁ ଅଧିକ ସମୟ ଧରି ଅସ୍ଥାୟୀ ଆଲୋକୀକରଣ କରାଇଥିଲେ । ପରବର୍ତ୍ତୀ ସମୟରେ ସ୍ଥାୟୀ ଆଲୋକୀ କରଣ ବ୍ୟବସ୍ଥା ସମାପ୍ତ ହେବା ପରେ ଏହାର ରକ୍ଷଣା ବେକ୍ଷଣର ଦାୟିତ୍ୱ ପୌର ପ୍ରଶାସନ ନେବ ବୋଲି ପୂର୍ତ୍ତ ବିଭାଗକୁ ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ଦୀର୍ଘ ଦିନର ପ୍ରଚେଷ୍ଟା ପରେ ଆଜି ଏହି କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଜଳେଶ୍ୱର ସହରବାସୀ ଆନନ୍ଦିତ ହେବା ସହ ବରିଷ୍ଠ ନାଗରିକ ମଞ୍ଚ ନଗରପାଳ ପ୍ରତୀପ ପ୍ରଧାନ ଏବଂ ବିଧାୟକ ଶ୍ରୀ ପାତ୍ରଙ୍କୁ ସାଧୁବାଦ୍ ଜଣାଇଛନ୍ତି ।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଲଙ୍ଗଳେଶ୍ୱର, ୨୩।୭ (ସମିସ) : ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତର କୁଣ୍ଡୁଳି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ରଞ୍ଜନ କୁମାର ସେନାପତିଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଅଜିତ କୁମାର ଦେ'ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ପ୍ରବଚକ ସଞ୍ଜୟ ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ବନମାଳୀ ଗିରି, ଅମରେନ୍ଦ୍ର ସାମନ୍ତରାୟ, ପରିଚାଳନା କମିଟିର ସଭାପତି ଜୟନ୍ତ ମଲ୍ଲିକ, ପ୍ରଦୀପ ରାଉତ, ସୁଜୟ କୁମାର ପାତ୍ର, କାର୍ତ୍ତିକ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଜୟକୃଷ୍ଣ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷକ ଜଗନ୍ନାଥ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ । ଶିକ୍ଷକ ଅଭିରାମ ପଞ୍ଚାଧ୍ୟାୟ, ଶିକ୍ଷୟିତ୍ରୀ ଶିବାନୀ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ବଣ୍ଟନ



ନୀଳଗିରି, ୨୩।୭ (ସମିସ): ନୀଳଗିରିସ୍ଥିତ ଅଗ୍ରଣୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ତଥା ଡିଭାଇନ ଟ୍ୟୁଟୋରିଆଲ ର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ରଙ୍କ ଜନ୍ମଦିନକୁ ଅଭିନବ ଭାବରେ ପାଳନ କରିବାକୁ ଯାଇ ଭାଲୁକାଶୁଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ନିଜର ସହଯୋଗୀଙ୍କୁ ନେଇ ବୃକ୍ଷ ରୋପଣ କରିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେନ୍ଦ୍ର କୁମାର ଜେନା, ଘାସିରାମ ପୂର୍ତ୍ତୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ପୌରହିତ୍ୟ କରିଥିଲେ । ପରେ ପିଲାମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା । ଏଥିରେ ସହଯୋଗ କରିଥିଲେ କ୍ରିଷ୍ଣା କୁମାର ପଲେଇ, ମହେଶ୍ୱର ମହାନ୍ତି, ଅଜୟ କୁମାର ସିଂ, ତନ୍ମୟ ବାରିକ, ଲମ୍ବୋଧର ଦାସ, ପରେଶ ପୁହାଣ, ସୁବ୍ରତ ଜେନା, ରାକେଶ ସିଂ, ରାକେଶ ଖଣ୍ଡେଇ ।

# ଉଚ୍ଚ ଶିକ୍ଷାୟତନରେ ପିପିପି ଶିକ୍ଷାନୀତି ଉଚ୍ଛେଦ ଦାବି




ନୀଳଗିରି, ୨୩।୭ (ସମିସ): ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏପରିକି ବିଶ୍ୱବିଦ୍ୟାଳୟ ମାନଙ୍କରେ ପିପିପି ମୋଡ଼ରେ ସେଲ୍ଫ ଫାଇନାନସିଂ ଶିକ୍ଷାଦାନ ପ୍ରଣାଳୀକୁ ବାତିଲ କରିବା ପାଇଁ ରାଜ୍ୟସରକାରଙ୍କୁ ଦାବି କରିଛନ୍ତି ନୀଳଗିରିର ବରିଷ୍ଠ ସମାଜସେବୀ ତଥା ଅଲ ଇଣ୍ଡିଆ ଟେଲେଣ୍ଟ ସର୍ଚ୍ଚର ସଂସ୍ଥାପକ ଗୌରୀଶଙ୍କର ପଣ୍ଡା । ବୁଧବାର ନୀଳଗିରି ଏନଏସି କଲ୍ୟାଣମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗରେ ପ୍ରଚଳିତ ଏପରି ବ୍ୟବସ୍ଥାର ପୁନର୍ବିଚାର କରି ଏହାକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ଶ୍ରୀ ପଣ୍ଡା । ଏତଦଭିନ୍ନ ଉକ୍ତ ସଂସ୍ଥା ମାଲିକାନାରେ ଚାକିରି କରିଥିବା ଅଧ୍ୟାପକ/ଅଧ୍ୟାପିକା ମାନେ ସ୍ୱଳ୍ପ ବେତନରେ କାମକରୁଥିବାରୁ ଉପଯୁକ୍ତ ଶିକ୍ଷାଦାନ ପ୍ରତି ବିମୁଖ ରହୁଥିବା ସହିତ ଛାତ୍ରଛାତ୍ରୀ ମାନେ ସଠିକ୍ ଶିକ୍ଷାଦାନ ପାଇପାରୁନାହାନ୍ତି ବୋଲି ହୃଦବୋଧ ହେଉଥିବା ଅଭିଯୋଗ ଆଣିଛନ୍ତି । ବର୍ତ୍ତମାନର ବିଜେପି ସରକାର ଉକ୍ତ ଶିକ୍ଷାନୀତିରେ କୌଣସି ପରିବର୍ତ୍ତନ ନ ଆଣିବା ନିହାତି ଭାବରେ ଦୁର୍ଭାଗ୍ୟ ଜନକ ଏବଂ ଚିନ୍ତାର ବିଷୟ । ଏପରିକି ଅଧିକାଂଶ ମହାବିଦ୍ୟାଳୟ ମାନଙ୍କରେ ସେଲ୍ଫ ଫାଇନନ୍ସିଂ କୋର୍ସ ବିନା ପିପିପି ମୋଡ଼ରେ ସୁଚାରୁରୂପେ ଚଳାଯାଇପାରୁଛି ତେବେ ଗରିବ ଅଭିଭାବକ ଏବଂ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଝିଣ୍ଟିକା ମାରି ବଣି ପୋଷିବା ଭଳି ରାଜ୍ୟସରକାର କାହିଁକି ଏସବୁ ସଂସ୍ଥାକୁ ୭୦ପ୍ରତିଶତ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସୁତରାଂ ରାଜ୍ୟସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ଥିବା ଚେତାଇ ଦେଇଥିଲେ ।

# ନୀଳଗିରି ଏନ୍‌ଏସି; ପଡ଼ି ରହିଛି କୁଢ଼ କୁଢ଼ ଆବର୍ଜନା

ନୀଳଗିରି, ୨୩।୭ (ସମିସ)



ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିମଳ ବ୍ୟବସ୍ଥା ଦିନକୁଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏହା ଅଧୀନରେ ୧୩ଟି ୱାର୍ଡ ଥିବାବେଳେ ପ୍ରତି ୱାର୍ଡରେ ଆବର୍ଜନା ଭର୍ତ୍ତିହେବା ସହିତ ଡ୍ରେନ ଗୁଡିକରେ ମଇଳା ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ମଶାମାଛି ହେବା ଫଳରେ ସନ୍ଧ୍ୟାରେ ପଦାକୁ ବାହାରି ପାରୁନଥିବା ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିକି ଚଳିତ ରଥଯାତ୍ରା ଅବସରରେ ବଡଦାଣ୍ଡ ସମେତ ପ୍ରଶାସନ ତରଫରୁ କେସି ହାଇସ୍କୁଲ ପଡ଼ିଆରେ ପ୍ରଦର୍ଶନୀ ପାଇଁ ଆସିଥିବା ଦୋକାନ ଗୁଡ଼ିକର ଆବର୍ଜନା ଏପର୍ଯ୍ୟନ୍ତ ପଡିରହିଥିବା ଦେଖିବାକୁ ମିଳିଛି । ଏଥିପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ନଜର ନ ଥିବା ହେଉ କିମ୍ବା ଏନଏସି ତରଫରୁ ନିୟୋଜିତ ଟେଣ୍ଡରଧାରୀ ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥାର ମନମାନି ପାଇଁ ହେଉ ପ୍ରତିମାସ ୧୧ଲକ୍ଷରୁ ଅଧିକ ଟଙ୍କାର ଅର୍ଥରାଶି ନେଇ ୧୩ଟି ୱାର୍ଡର ସଫେଇ କାର୍ଯ୍ୟ କରିବାକୁ ଥିବାବେଳେ ସଂସ୍ଥା ଏବେ ଉଦାନ ହୋଇଯାଇଥିବା ଅଭିଯୋଗ ଉଠିଛି । ଫଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏପରିକି ପ୍ରତି ୱାର୍ଡରେ କୁଢ଼କୁଢ଼ ଆବର୍ଜନା ପଡ଼ିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ନା ପ୍ରଶାସନର ଦୃଷ୍ଟି ଅଛି ନା ନିର୍ବାହୀ ଅଧିକାରୀଙ୍କ । ଆଉ କିଛିଦିନ ମଧ୍ୟରେ ଅଗଷ୍ଟପନ୍ଦର ସ୍ୱାଧୀନତା ଦିବସ ଉପଲକ୍ଷେ ହାଇସ୍କୁଲ ପଡିଆରେ ଛାତ୍ରଛାତ୍ରୀମାନଙ୍କର ପରେଡ ଅଭ୍ୟାସ ଥିବାରୁ ଆବର୍ଜନା ପଡ଼ିରହିବା ବୁଦ୍ଧିଜୀବୀ ମାନେ ନାପସନ୍ଦ କରିବା ସହିତ ଖୁବଶୀଘ୍ର ପରିମଳ ବ୍ୟବସ୍ଥାକୁ ସଜାଡିବାକୁ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି ।

## ଡ. ରୀନା ପ୍ରଧାନ କେନ୍ଦୁଝର ଡିଏମ୍‌ଏଫ୍ ମୁଖ୍ୟ କାର୍ଯ୍ୟନିର୍ବାହୀ

**କେନ୍ଦୁଝର, ୨୩।୭ (ସମିସ):** ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୪୮୯୭, ତା:୨୨.୦୭.୨୦୨୫ ଅନୁଯାୟୀ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ବର୍ତ୍ତମାନର ବାଲିଗୁଡା ଉପଜିଲ୍ଲାପାଳ ଡ. ରୀନା ପ୍ରଧାନଙ୍କୁ କେନ୍ଦୁଝର ଡିଏମଏଫର ଜିଲ୍ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଇତିମଧ୍ୟରେ ଡିଏମଏଫରେ ନିଯୁକ୍ତ ୭ ଜଣ ସହକାରୀ ଯନ୍ତ୍ରୀ ଏବଂ ୨୨ କନିଷ୍ଠ ଯନ୍ତ୍ରୀଙ୍କୁ ମିଶାଇ ମୋଟ ୨୯ ଜଣ ଯନ୍ତ୍ରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ନିଯୁକ୍ତି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଯାଇଥିବା ଜଣାପଡିଛି। ପ୍ରକାଶ ଥାଉକି, ଡିଏମ୍‌ଏଫ୍ ଅନୁଦାନରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତଦାରଖ ତଥା ପରିଚାଳନା ପାଇଁ ଏହି କ୍ଷେତ୍ରରେ ୨୨ ଜଣ କନିଷ୍ଠ ପ୍ରକଳ୍ପ ଯନ୍ତ୍ରୀ ଏବଂ ୭ ଜଣ ସହକାରୀ ପ୍ରକଳ୍ପ ଯନ୍ତ୍ରୀଙ୍କୁ ୨୦୨୧ରେ ଜିଲ୍ଲା ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର ମାଧ୍ୟମରେ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକରେ ନିଯୁକ୍ତି ଦିଆଯାଇଥିଲା। ସଂପ୍ରତି ଏହି ସମସ୍ତ ୨୯ ଜଣ କ୍ଷେତ୍ରାଧିକାରୀ ପ୍ରକଳ୍ପ ଯନ୍ତ୍ରୀ ମାନଙ୍କୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପତ୍ରସଂଖ୍ୟା ୪୩୦୮, ତା:୧୮.୦୭.୨୦୨୫ ମୁତାବକ ତୁରନ୍ତ କାର୍ଯ୍ୟରୁ ଅନ୍ତର କରାଯାଇଥିବା ସୂଚନା ମିଳିଛି। ଉପରୋକ୍ତ ପ୍ରକଳ୍ପ ଯନ୍ତ୍ରୀମାନେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଧୀନରେ ରହି ଡି.ଏମ୍.ଏଫ୍. ଅନୁଦାନରେ ପରିଚାଳିତ ଭିନ୍ନ ଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ତଦାରଖ ଓ ସଞ୍ଚାଳନ କରି ଆସୁଛନ୍ତି। ଏବେ ଏହି ସବୁ ପ୍ରକଳ୍ପ ପାଇଁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ଯ୍ୟଭାର ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ କ୍ଷେତ୍ରାଧିକାରୀ ଇଞ୍ଜିନିୟରଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବାର ନିଷ୍ପତ୍ତି ପଛର କାରଣ ଜଣାପଡିନାହିଁ। କୌଣସି ପରିସ୍ଥିତିରେ ସରକାରୀ ସ୍ତରରେ ଘରୋଇ କନ୍‌ସଲଟେନ୍ସି ସେବା ବ୍ୟବସ୍ଥା ଉପଯୋଗ ନକରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ଦିଲ୍ଲୀସ୍ଥିତ ଏକ କନ୍‌ସଲଟେନ୍ସି ସଂସ୍ଥା ସହ ଅନୁବନ୍ଧିତ ହୋଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ବିଧିବଦ୍ଧ ଚୟନ ମାଧ୍ୟମରେ ନିଯୁକ୍ତିପ୍ରାପ୍ତ ସଂପ୍ରତି ଡିଏମ୍‌ଏଫ୍ ପ୍ରକଳ୍ପରେ କାର୍ଯ୍ୟରତ ଓଡ଼ିଶାର ଇଞ୍ଜିନିୟରଙ୍କୁ ଚାକିରରୁ ଅନ୍ତର କରି ବାହାର ଇଞ୍ଜିନିୟରଙ୍କୁ ନିଯୁକ୍ତି ପ୍ରଦାନ ହେଲେ ପ୍ରଶାସନର ଦୋମୁହାଁ ନୀତି ପଦାରେ ପଡିବ ବୋଲି ଆଲୋଚନା ହେଉଛି।

## ଆଠ ବର୍ଷ ନୟାନ୍ତ; ଦମ୍ପତିଙ୍କ ଆତ୍ମାହୁତି ଚେତାବନୀ

**ଆନନ୍ଦପୁର, ୨୩।୭ (ସମିସ):**

ଜମି ଅଧିଗ୍ରହଣ ସଂକ୍ରାନ୍ତ କ୍ଷତିପୂରଣ ଅର୍ଥ ପାଇବା ପାଇଁ ଦୀର୍ଘ ୮ ବର୍ଷ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଆବେଦନକାରୀ ଦମ୍ପତି ଆତ୍ମହୁତି ଦେବାକୁ ଚେତାବନୀ ଦେଇଛନ୍ତି। ଆନନ୍ଦପୁର ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଏହି ନିଷ୍ପତ୍ତି ସଂକ୍ରାନ୍ତରେ ଚେତାବନୀ ଦେଇଛନ୍ତି ଆନନ୍ଦପୁର ଜଇନିପୁରା ଅଞ୍ଚଳର ଦମ୍ପତି ସନାତନ ନାଏକ ଓ ଯଶୋଦା ନାଏକ।



ବ୍ୟାରେଜ ପ୍ରଜଲ୍କର ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ କେନାଲ ପାଇଁ ଅଧିଗ୍ରହଣ କରାଯାଇଥିବା ଜମିର କ୍ଷତିପୂରଣ ଅର୍ଥ ଗ୍ରହଣ କରିବା ପାଇଁ ଆଜି କେସ୍ ନଂ ୧୭/୨୦୧୭ ଆନନ୍ଦପୁରର କଇନିପୁରା ମୌଜାର ସନାତନ ନାଏକ ଏବଂ ପରିବାରର ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବରେ ଚିଠି କରାଯାଇଥିଲା। ତେବେ, ବିଭିନ୍ନ ପ୍ରମାଣପତ୍ର ଆଣିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଇ ଆସିଥିବା ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଦୀନେଶ ନାଏକ ଆଜି ୩ ଲକ୍ଷ ୮୧ ହଜାର ୯୨୦ ଟଙ୍କା ଗ୍ରହଣ କରିବା ପାଇଁ ଶେଷ ନୋଟିସ ପଠାଇଥିଲେ ପରିବାରର ସଦସ୍ୟମାନେ ଧାର୍ଯ୍ୟ ସମୟରେ ଭୂଅର୍ଜନ କାର୍ଯ୍ୟାଳୟରେ ହାଜର ହେବାପରେ ଟଙ୍କା ସମ୍ବଲପୁର ପଠାଇଦେବେ ବୋଲି ଭୂଅର୍ଜନ ଅଧିକାରୀ କହିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଗତ ୨୦୧୭ ମସିହାର ବିଭିନ୍ନ କାର୍ଯ୍ୟାଳୟ ବୁଲି ବୁଲି ନୟାନ୍ତ ହୋଇ ଆଉ ସମ୍ବଲପୁର ଯିବା ଅସମ୍ଭବ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶ୍ରୀ ନାଏକ କହିଥିଲେ, ଆଉ ଏକ ମାସ ମଧ୍ୟରେ ତାଙ୍କ ଅର୍ଥ ଦିଆଯିବ। ଯଦି ଏକ ମାସ ମଧ୍ୟରେ ଅର୍ଥ ଦିଆଯିବ ଆଜି କାହିଁକି ଅର୍ଥ ଦେବା ପାଇଁ ସେମାନଙ୍କୁ ନୋଟିସ କରାଯାଇଥିଲା ବୋଲି ସନାତନ ପାଲଟା ଅଭିଯୋଗ କରିଛନ୍ତି।

## ଜେଏମଏଫ୍‌ସି କୋର୍ଟ ସ୍ଥାପନକୁ ସ୍ୱାଗତ

**ତୁରୁମୁଙ୍ଗା, ୨୩।୭ (ସମିସ):** ପାଟଣା ବ୍ଲକରେ ନୂତନ ଜେଏମଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ତରଫରୁ ୧୯/୭/୨୫ରେ ୧୧୪୦୪ ନମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ୫୬ଟି ନୂତନ ସିଭିଲ ଜଜ-ଜେଏମଏଫ୍‌ସି ଓ ଜୁନିୟର ସିଭିଲ ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ବିଧିବଦ୍ଧ ବିଜ୍ଞାପ୍ତି ପ୍ରକାଶ ପାଇଥିବା ବେଳେ ପାଟଣାରେ ଜେଏମଏଫ୍‌ସି କୋର୍ଟ ପ୍ରତିଷ୍ଠାକୁ ନେଇ ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତଙ୍କ ସହ କୋର୍ଟ ପ୍ରତିଷ୍ଠା ପାଇଁ ଦାବି କରି ଆସୁଥିବା ଯୁବନେତା ବିଜୟରତ୍ନ ପତି, ପାଟଣା ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟ କୁମାର ଦାଶ, କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଯୁଗୋଳ କିଶୋର ଦାଶ ପ୍ରମୁଖ ସ୍ୱାଗତ କରିଛନ୍ତି।

## ୭ ଘର ଭାଙ୍ଗିଲେ ହାତୀ, ମହିଳା ଗୁରୁତର



**ତୁରୁମୁଙ୍ଗା, ୨୩।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ମଙ୍ଗଳବାର ରାତି ହାତୀପଲ ଆତଙ୍କ ଖେଳାଇଛନ୍ତି ଏକ ୨୯ଟିକିଆ ହାତୀପଲ। କେନ୍ଦୁଆପଡା ଗ୍ରାମରେ ୪ଟି ଘର ଭାଙ୍ଗିଦେଇଛନ୍ତି। ଆଉ ଏକ ଗୋଠଛଡା ଦନ୍ତା ସାହାରପଡା ସେକ୍ସନ ରାଧାପୁର ଓ ଚଢେଉଭୋଳରେ ୩ଟି ଘର ଭାଙ୍ଗିଦେଇଛି। ଘରର କାନ୍ଥ ଖଣ୍ଡ ପଡି ଚଢେଇଭୋଳ ଗ୍ରାମର ମାହାମାରାଣ୍ଡି ଗୁରୁତର ହୋଇଥିଲେ। ବନ କର୍ମଚାରୀ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି। ଆଉ ଏକ ୯ ଦଳିଆ ହାତୀ ବଣମହୁଲଡିହା ଅଞ୍ଚଳରେ ଘୂରି ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ଅବକାରୀ ଚଢ଼ଉ; ତିନି ଗିରଫ

**ତେଲକୋଇ, ୨୩।୭ (ସମିସ):** ତେଲକୋଇ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ତେଲକୋଇ ଥାନା ଅନ୍ତର୍ଗତ ଛାମୁଣ୍ଡା, ମାର୍‌ଦା ଓ ପଡ଼ିଆପଶିରେ ଅବକାରୀ ବିଭାଗ ପକ୍ଷରୁ ତିନି ଜଣଙ୍କୁ ଗିରଫ କରିବା ସହ ୨ବାଇକ ଜବତ କରାଯାଇଛି। ସେହିପରି ଅଭିଯୁକ୍ତଙ୍କଠାରୁ ୨କୁଇଣ୍ଟାଲ ମହୁଲ ଫୁଲ ଓ ୩୨ଲିଟର ବିଦେଶୀ ମଦ ଜବତ କରାଯାଇଛି। ତିନି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢଉରେ ଅବକାରୀ ବିଭାଗର ଅଧିକାରୀ ସ୍ୱାଭିମାନ ବଡ଼ ଜେନା, କନେଷ୍ଟବଳ ମାଣିକ ସମରାଇ, ଦୀପ୍ତିମୟୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

■ **ସାହାଣୀ କପ ଫୁଟ୍‌ବଲ**

## ସୁନ୍ଦରଗଡ଼ରୁ ରାଉରକେଲା ଟାଇବ୍ରେକର୍‌ରେ ପରାସ୍ତ

**କେନ୍ଦୁଝର, ୨୩।୭ (ସମିସ):** କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆଠାରେ ଆଜି ୬୪ତମ ସାହାଣୀ




କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଜୋନାଲ ଫାଇନାଲ ଖେଳ ବର୍ଷା ସତ୍ତ୍ୱେ ଭରପୂର ଦର୍ଶକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧର ପାଞ୍ଚ ମିନିଟ ପରେ ହଠାତ ବର୍ଷା ହେବାରୁ ଖେଳକୁ ୭ ମିନିଟ ପାଇଁ ବନ୍ଦ ରଖା ଯାଇଥିଲା। ପରବର୍ତ୍ତୀ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧର ଖେଳ ଅଧିକ ଗତିଶୀଳ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଖେଳ ସମାପ୍ତ ହେବାରୁ ଟାଇ ବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ର ଗୋଲ କିପର ଆକାଶ ଓରାମ ଅତି ଚମତ୍କାର ଭାବେ ତିନୋଟି ପେନାଲ୍ଟି କିକକୁ ଗୋଲ ହେବାରୁ ରକ୍ଷା କରି ସୁନ୍ଦରଗଡ଼ ଦଳକୁ ୩-୧ ଟାଇବ୍ରେକର ଗୋଲରେ ଜିତାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। ଏଥିସହ କେନ୍ଦୁଝର ଜୋନରୁ ସୁନ୍ଦରଗଡ଼ ଜିଲ୍ଲା ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।

ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟଅତିଥି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଉପସଭାପତି ନୀତିନ କୁଶଲକରଙ୍କ ସହ ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ସନାତନ ବେହେରା, ସନ୍ଦୀପ ବେହେରା, ଗିରୀଶଚନ୍ଦ୍ର ହୋତା, ବୀରେନ୍ଦ୍ର ମହାନ୍ତ, ଦିଲ୍ଲୀପ ପଣ୍ଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ସୁବ୍ରତ ପୁରୋହିତ ରେଫରୀ ଥିବା ବେଳେ ଲାଇନରେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟାର। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ଓ ସୁରେଶ ଦାଶ ମ୍ୟାଚ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଓ କ୍ଷୀରୋଦ ଗିରି ଧାରାବିବରଣୀ ପ୍ରଦାନ କରିଥିଲେ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ




**କେନ୍ଦୁଝର, ୨୩।୭ (ସମିସ):** ଭାରତୀୟ ମଜଦୁର ସଂଘର ୭୧ତମ ପ୍ରତିଷ୍ଠା ଦିବସ ବୁଧବାର କେନ୍ଦୁଝର ନଗର ଭବନଠାରେ ପାଳିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ସଭାପତି ବାବୁଲାଲ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଚଡି ଧନରାଜ ବନଖଣ୍ଡ ଅଧିକାରୀ, କେନ୍ଦୁଝର, ମୁଖ୍ୟବକ୍ତା ଭାବେ ଭାଗୀରଥୀ ପୃଷ୍ଟି କେନ୍ଦୁଝର ଜିଲ୍ଲା ସଂଘ ଚାଳକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦୁଝର, ସମ୍ମାନିତ ଅତିଥି କ୍ଷେତ୍ରବାସୀ ମହାକୁଡ, ଓଡିଶା ରାଜ୍ୟ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି, କେନ୍ଦୁଝର, ସମ୍ମାନୀୟ ଅତିଥି ଭାବେ ଡାକ୍ତର ମହାନ୍ତ ରାଜ୍ୟ ଉପସଭାପତି ଭାରତୀୟ ମଜଦୂର ସଂଘ ଓଡିଶା, ଧରିତ୍ରୀ ବାରିକ ରାଜ୍ୟ ସମ୍ପାଦକ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ ପ୍ରମୁଖ ଉଦବୋଧନ ଦେଇଥିଲେ। ୧୯୫୫ ମସିହା ଜୁଲାଇ ୨୩ରେ ଲୋକମାନ୍ୟ ବାଲଗଙ୍ଗାଧର ତିଳକଙ୍କ ଜନ୍ମଦିବସରେ ଦତ୍ତୋପନ୍ତ ଠେଙ୍ଗଡୀଜୀ ଭାରତୀୟ ମଜଦୂର ସଂଘ ସ୍ଥାପନା କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲା ସମ୍ପାଦିକା ମିନାକ୍ଷୀ ପଲେଇ ପରିଚାଳନା କରିଥିଲେ। ଭାରତୀୟ ମଜଦୁର ସଂଘ କେନ୍ଦୁଝର ଜିଲ୍ଲା ସହିତ ସଂଲଗ୍ନ ଥିବା ସମସ୍ତ ଶ୍ରମିକ ସଂଗଠନ, କର୍ମଚାରୀ ପ୍ରତିନିଧି ସାମିଲ ହୋଇଥିଲେ।


ଅଲଓଡିଶା ଅଙ୍ଗନୱାଡି ଲେଡିଜ ୱାକର ଆସୋସିଏସନର ରାଜ୍ୟ ଉପସଭାନେତ୍ରୀ ସୁଷମାରାଣୀ ମହାପାତ୍ର, ସମାଜସେବୀ ତଥା ଭାରତୀୟ ମଜଦୁର ସଂଘର କେନ୍ଦୁଝର ଜିଲ୍ଲା ଉପସଭାନେତ୍ରୀ ବବିତା ରାମ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, କେନ୍ଦୁଝର ଜିଲ୍ଲା ସଭାନେତ୍ରୀ ପ୍ରମିଳା ମହାନ୍ତ, ସଂଯୋଜିକା ମିନା ମହାନ୍ତ, ଭାରତୀୟ ମଜଦୁର ସଂଘ କେନ୍ଦୁଝର ଜିଲ୍ଲା ମହିଳା ପ୍ରମୁଖ ଗାୟତ୍ରୀ ଜେନା, ଜିଲ୍ଲା ମିଡିଆ ପ୍ରମୁଖ ଅର୍ଜୁନ ବେହେରା ସହଯୋଗ କରିଥିଲେ। ଓଡିଶା, ଏକଲ ଅଭିଯାନ ପ୍ରମୁଖ ପଦ୍ମିନୀ ମହାନ୍ତ, ଯୋଗ ଦେଇଥିବା ବେଳେ ସମ୍ମିଳନୀରେ ଭାରତୀୟ ମଜଦୁର ସଂଘର କେନ୍ଦୁଝର ଜିଲ୍ଲା କୋଷାଧକ୍ଷ ଚନ୍ଦନ ବୋଲପାଇ, ଭାଗବତ ନାଏକ, ବିଶ୍ୱଭୂଷଣ ବେହେରା, ବିପ୍ତିମୟୀ ଦାସ, କହ୍ନେଇଲାଲ ମୁର୍ମୁ, ପଦ୍ମାବତୀ ଚାମ୍ପିଆ, ଦମୟନ୍ତୀ ନାଏକ, ମୀରା ନାଏକ ସହଯୋଗ କରିଥିଲେ।

## ଯୁବକଙ୍କୁ ହତ୍ୟା ପରେ ଫିଙ୍ଗିଦେଲେ ଦୁର୍ବୃତ୍ତ

**ରାସଗୋବିନ୍ଦପୁର, ୨୩।୭ (ସମିସ):** ଜଣେ ଯୁବକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରାଯିବା ପରେ ଏକ ନିର୍ଜନ ସ୍ଥାନରେ ଫିଙ୍ଗି ଦିଆଯିବା ଘଟଣା ରାସଗୋବିନ୍ଦପୁର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମୃତ ଯୁବକ ରାସଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଭାଗବତ ମହାନ୍ତିଙ୍କ କନିଷ୍ଠ ପୁତ୍ର ନିଶିକାନ୍ତ ମହାନ୍ତି ଓରଫ ନନ୍ଦା (୫୭)। ମଙ୍ଗଳବାର ଅପରାହ୍ନରେ ନିଶିକାନ୍ତ ଗୋରୁ ଖୋଜିବା ପାଇଁ ଘରୁ ବାହାରି ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ପରିବାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଆଜି ସକାଳ ପ୍ରାୟ ୮.୩୦ ମିନିଟ ସମୟରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ ଶେଷ ମୁଣ୍ଡରେ ତାଙ୍କ ମୃତଦେହ ପଡିଥିବା ପୁଲିସ ଖବର ପାଇଥିଲା। ନିଶିକାନ୍ତଙ୍କୁ ହତ୍ୟା କରାଯିବା ପରେ ଦୁର୍ବୃତ୍ତମାନେ ଫିଙ୍ଗି ପଳାଇଛନ୍ତି। ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ ସାଇଣ୍ଟିଫିକ ଟିମ ଏବଂ ଅନୁସନ୍ଧାନୀ କୁକୁର ଦ୍ୱାରା ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ପୁଲିସ।

## ଲାଞ୍ଚୁଆ ଯୋଗାଣ ନିରୀକ୍ଷକଙ୍କୁ ଚାକିରିରୁ ବହିଷ୍କୃତ

● **ପୂର୍ବରୁ ଦିଆଯାଇଥିଲା ୪ ବର୍ଷ କାରାଦଣ୍ଡାଦେଶ**



**ବାରିପଦା, ୨୩।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟର ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ରାଜ୍ୟ ସରକାର ଚାକିରିରୁ ବହିଷ୍କୃତ କରିଛନ୍ତି। ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲାଞ୍ଚୁଆ ଯୋଗାଣ ନିରୀକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଚାକିରିରୁ ବହିଷ୍କାର କରିଛନ୍ତି। ସେ ଅନୁଗୋଳକ ଜିଲ୍ଲା କଣିହାଁ ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ଥିବାବେଳେ ଏକ ଲାଞ୍ଚ ନେବା ମାମଲାରେ ଜୁନ ୩୦ ତାରିଖରେ ଅନୁଗୁଳ ସ୍ଥିତ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ୪ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରାଯାଇଥିଲା। ସେ ବର୍ତ୍ତମାନ ଚାକିରିରେ ଥିବାରୁ ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ପେନସନ୍ ବନ୍ଦ କରିବାକୁ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୂଚନା ଦିଆଯାଇଛି। ଯାହାକୁ ନେଇ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ତୁରନ୍ତ ଚାକିରିରୁ ବହିଷ୍କାର କରିଛନ୍ତି। ସୂଚନାଯୋଗ୍ୟ ଯେ, ବବିଲତା କଣିହାଁ ବ୍ଲକରେ ଏକ ସବ୍‌ହୋଲସେଲର କିରୋସିନ ଅର୍ଡର ମଞ୍ଜୁର କରିବା ପାଇଁ ୪୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସବହୋଲସେଲର ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଫଳରେ ପୂର୍ବ ଯୋଜନା ମୁତାବକ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେ ଭିଜିଲାନ୍ସ ଜାଲରେ ପଡିଥିଲେ। ରାସାୟନିକ ବୋଳା ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଥିଲେ। ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

■ **ପାଞ୍ଚପୀଢ ପୁଲିସ ଜିଲ୍ଲା ଗଠନ ପ୍ରସଙ୍ଗ**

## ବୁଦ୍ଧିଜୀବୀଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଆଲୋଚନା

**କରଞ୍ଜିଆ, ୨୩।୭ (ସମିସ):** ବୁଧବାର କରଞ୍ଜିଆ ଥାନାରେ ଅତିରିକ୍ତ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ପାଞ୍ଚପୀଢ ପୁଲିସ ଜିଲ୍ଲା ଗଠନ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। କରଞ୍ଜିଆଠାରେ



ଦୀର୍ଘ ଦିନ ହେଲା ଏଡିଏମ କାର୍ଯ୍ୟାଳୟ, ଆରଟିଓ, ଅତିରିକ୍ତ ଏସପିଙ୍କ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ଦାବି ହୋଇଆସୁଥିଲା। କରଞ୍ଜିଆବାସୀଙ୍କ ଦାବି ଅନୁଯାଇ ଏଠାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଶ୍ରୀ ଜେନା ଲୋକଙ୍କ ମତାମତ ଗ୍ରହଣ କରିଛନ୍ତି। ସେ ବୁଦ୍ଧିଜୀବୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ବିଷଦ ଆଲୋଚନା ମଧ୍ୟ କରିଛନ୍ତି। ଭୌଗୋଳିକ ଦୃଷ୍ଟି କୋଣରୁ କରଞ୍ଜିଆ ଜିଲ୍ଲା ସଦର ମହକୁମାଠାରୁ ୧୩୦-୨୦୦କିମି. ଦୂରରେ। ଏମାନଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ଏସ.ପି.ଙ୍କ କାର୍ଯ୍ୟାଳୟ ଖୋଲିବା ନିହାତି ଦରକାର। ଏହି ଉପଖଣ୍ଡ ତୁଳନାତ୍ମକ ଭାବେ ଅଧିକ ରାଜସ୍ୱ ସରକାରଙ୍କୁ ଦେଉଛି। ଆଗାମୀ ଦିନରେ ଜିଲ୍ଲାର ଏକ ବୃହତ ସହରର ଭାବେ ମାନ୍ୟତା ପାଇବାର ସମ୍ଭାବନା ରହିଛି। ଏହା ଜିଲ୍ଲାର ଏକ ବାଣିଜ୍ୟକ ପେଣ୍ଠ। ଏଠାରେ ବହୁ ଜାତୀୟକରଣ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବିଭିନ୍ନ କମ୍ପାନୀ ଆଦି ରହିଛି। ତେଣୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଖୋଲିବାର ଆବଶ୍ୟକତା ଓ ଯଥାର୍ଥତା ସମ୍ପର୍କରେ ଉମାଶଙ୍କର ଦାସ, କର୍ଣ୍ଣାର୍ଜନ ସାହା, ଅଭିମନ୍ୟୁ ତ୍ରିପାଠୀ, ସର୍ବେଶ୍ୱର ମିଶ୍ର, ବିନ୍ଦୁସାର ଦାସ, ହରେକୃଷ୍ଣ ମହାନ୍ତ, ଗୌରାଙ୍ଗ ବାରିକ, ସଂଜୟ ସାହୁ, ସତ୍ୟବ୍ରତ, ମିଶ୍ର, ଅରୁଣ ବେହେରା, ଜଗମୋହନ ମହାନ୍ତ, ମହମଦ ଫିରୋଜ, କବିତା ମହାନ୍ତ, ଦିବ୍ୟପ୍ରସାଦ ସାହୁ, ବାଞ୍ଛାନିଧି ପୃଷ୍ଟି ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କରଞ୍ଜିଆ ଏସଡିପିଓ ନବକୃଷ୍ଣ ନଶ୍ୟକ ବୈଠକ ପରିଚାଳନା କରିଥିଲେ।

## ଉଦଳାରେ ମନ୍ଦିର ଅସୁରକ୍ଷିତ; ନିୟମିତ ବ୍ୟବଧାନରେ ହେଉଛି ଲୁଟ୍

**ଉଦଳା, ୨୩।୭ (ସମିସ):** ରବିବାର ରାତିରେ ଉଦଳା ନିକଟସ୍ଥ ଖଣ୍ଡିହୁଡି ତାରିଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ହୋଇଛି। ସୋମବାର ସକାଳୁ ମନ୍ଦିର ପୂଜକ ପୂଜା ପାଇଁ ଆସିଥିବା ବେଳେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଗତ ରାତିରେ ପଶ୍ଚିମ ଫାଟକ ତାଲା ଭାଙ୍ଗି ମା'ଙ୍କ ମୁକୁଟ, ଚିତା, ଚକ୍ଷୁ ଆଦି ଅଳଙ୍କାର ଲୁଟିନେଇଛନ୍ତି। ଏନେଇ ମନ୍ଦିର କମିଟି ସଦସ୍ୟ ଶ୍ରୀବତ୍ସ କଲିଆ, ବିଶ୍ୱନାଥ ବେହେରା ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ପୂର୍ବ ଫାଟକ ଭାଙ୍ଗି ଏମିତି ଢଙ୍ଗରେ ଲକ୍ଷାଧିକ ମୂଲ୍ୟର ଅଳଙ୍କାର ଚୋରି ହୋଇଥିଲା। ଲୁଟ ହୋଇଥିବା ଅଳଙ୍କାରର ମୂଲ୍ୟ ଆନୁମାନିକ ୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଉଦଳା ଅଞ୍ଚଳରେ ନିୟମିତ ବ୍ୟବଧାନରେ ଚୋରି ହେଉଥିଲେ ମଧ୍ୟ ଅଭିଯୁକ୍ତକୁ ଧରିବାରେ ପୁଲିସ ବିଫଳ ହୋଇଛି।

■ **ଶିକ୍ଷକ ସମାଜର ସରକାରଙ୍କୁ କଡ଼ା ଚେତାବନୀ**

## ଦାବି ପୂରଣ ନ ହେଲେ ଆନ୍ଦୋଳନ



**ବେତନଟୀ, ୨୩।୭ (ସମିସ):** ବେତନଟୀ ବ୍ଲକରେ ସ୍କୁଲ ଓ କଲେଜ ଶିକ୍ଷକ ତଥା କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ବୈଶିଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଓଷ୍ଟା (ଓଡ଼ିଶା ସେକେଣ୍ଡାରୀ ଟିଚର୍ସ ଆସୋସିଏସନ) ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗଦେଇ ସରକାରଙ୍କ ଶିକ୍ଷକ ବିରୋଧୀ ନୀତିରେ ତୀବ୍ର ସମାଲୋଚନା କରିଛନ୍ତି। ଦୀର୍ଘ ବର୍ଷ ଧରି ବିନା ଦରମାରେ ଚାକିରି କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ, ବିନା ପେନସନରେ ଅବସର ଗ୍ରହଣ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ ସୁବିଧା, ଏବଂ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଚାକିରି କାଳରେ ୬ ବର୍ଷ ଯୋଗ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ଆଗାମୀ ଦିନରେ ଦାବି ପୂରଣ ନହେଲେ ଶିକ୍ଷକ ସମାଜ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ବ୍ଲକ ସମ୍ପାଦକ ସୂର୍ଯ୍ୟନାରାୟଣ ନାୟକ, ସହ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ନରହରି ମହାନ୍ତ, ସୁଶାନ୍ତ କୁମାର ପଣ୍ଡା, ଅନିଲ କୁମାର ମହାନ୍ତ, ବିଶ୍ୱରଞ୍ଜନ ଦୁର୍ଗା, ଅଶୋକ କୁମାର ବାରିକ, ଶାନ୍ତନୁ କୁମାର ଜେନା, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଗୋପାଳ କୃଷ୍ଣ ପ୍ରଧାନ, ଭବାନୀ ଶଙ୍କର ବାଗ, କାଞ୍ଚନବାଳା କର, ନନ୍ଦିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମିତି ରାଜ୍ୟ ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ଅଗଷ୍ଟ ୨ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ଅଗଷ୍ଟ ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଏବଂ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱରରେ ବିଶାଳ ପ୍ରତିବାଦ ସଭା କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଛି। ଶେଷରେ ଶିକ୍ଷକ ଟିକାୟତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ ପାଇଁ ଶୁଭଦେଲେ ବିଧାୟକ**

## ସେପ୍ଟେମ୍ବର ଶେଷ ସୁଦ୍ଧା ପାଠପଢ଼ା ଆରମ୍ଭ

**ଉଦଳା, ୨୩।୭ (ସମିସ):**

ଚଳିତବର୍ଷଠାରୁ ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ଏକ ଅସ୍ଥାୟୀ ଗୃହରେ ଚାଲିବ ବୋଲି ବିଧାୟକ ଓ ଉପଖଣ୍ଡ ପ୍ରଶାସନ ସୂତ୍ରରୁ ଜଣାପଡିଛି। ଗତ ୧୪ତାରିଖରେ ଏଡିଏମ୍ ବିଭୂତି ଭୂଷଣ ନାୟକ, ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସମିତିର ସହକାରୀ କମିଶନର ବୀରବଲ ଧିନ୍ନବା, ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ତହସିଲଦାର ସୁପ୍ରଭା ଦାସ ଓ ଅନ୍ୟ ବିଭାଗୀୟ ଅଧିକାରୀ କେନ୍ଦ୍ରୀୟ ବିଦ୍ୟାଳୟ ନିମନ୍ତେ ଉଦଳା ଭୁତ୍ରବଣି ନିକଟରେ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ଉଦଳା ହାଇସ୍କୁଲ ପରିସରରେ ନିର୍ମିତ ୧୪ଟି ଅସ୍ଥାୟୀ ଗୃହର ଭିତ୍ତିଭୂମି ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିବା ସହିତ ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ତେବେ ଅସ୍ଥାୟୀ ବିଦ୍ୟାଳୟ ପାଇଁ ବିଦ୍ୟୁତ୍ ସଂଯୋଗ, ଶୌଚାଳୟ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା ଆଦି ବାକି ଥିବାବେଳେ ଅଗଷ୍ଟ ୨୦ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିବା ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଉଦଳା ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାତପାଣ୍ଠିରୁ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟବରାଦରେ ଭିତ୍ତିଭୂମି ସଜାଡ଼ିବାର ଚିତ୍ର ଉଦଳା ଅଞ୍ଚଳରେ ବୃହତ ଆଶା ସଞ୍ଚାର କରିଛି। ଉକ୍ତ ଭିତ୍ତିଭୂମି ପାଇଁ ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ଶୁଶାନ୍ତ ବାରିକ, ନଗରପାଳ ପ୍ରମିଳା ପଣ୍ଡା ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାରେ ୮ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସେପ୍ଟେମ୍ବର ୩୦ ସୁଦ୍ଧା ଅସ୍ଥାୟୀ ବିଦ୍ୟାଳୟ ପରିସରର ଭିତ୍ତିଭୂମି କାମ ଶେଷ ହୋଇଯିବ ଓ ପାଠପଢ଼ା ଆରମ୍ଭ ହେବ ବୋଲି ଆଶା ରଖିଥିବା ବିଧାୟକ ଓ ଉପଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।





## ୪ ଚୋରା ମଦ ବେପାରୀ ଗିରଫ; ଦୁଇ ବାଇକ ଜବତ

**ମୋରଡ଼ା, ୨୩।୭ (ସମିସ):** ମୋରଡ଼ା ବଜାର ନିକଟରୁ ୪ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଥିବାବେଳେ ଦୁଇ ବାଇକ ମଧ୍ୟ ଜବତ ହୋଇଛି। ସେମାନଙ୍କ ନିକଟରୁ ୭୦ଲିଟର ମଦ ଜବତ କରାଯାଇଛି। ଗିରଫମାନେ ହେଲେ ପଶ୍ଚିମବଙ୍ଗ ଦୋଳଗ୍ରାମର ରବୀନ୍ଦ୍ର ବେହେରା (୬୦) ଓ ତପନ ବେହେରା (୩୫)। ସେହିପରି ମୋରଡ଼ା ଥାନା ନୂଆଗାଁର ବଳିନ୍ଦ୍ର ବିନ୍ଧାଣି (୫୨) ଓ ଗୟାଧର ମହାନ୍ତଙ୍କ ଘରେ ଚଢ଼ଉ କରି ଚୋରା ମଦ ଜବତ ସହ ସମସ୍ତ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ।

## ବାସିଙ୍ଗି ବଜାର ଛକରେ ଯାତ୍ରୀ ପ୍ରତିକ୍ଷାଳୟ ନିର୍ମାଣ ଦାବି

**ରାଇରଙ୍ଗପୁର, ୨୩।୭ (ସମିସ):** ବହଳଦା ବ୍ଲକ ଅନ୍ତର୍ଗତ ବାସିଙ୍ଗୀ ପଞ୍ଚାୟତର ବାସିଙ୍ଗୀ ଗ୍ରାମର ବାସିଙ୍ଗୀ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଦାବି ହେଉଛି। ଏଠାରେ ବହୁ ଦୋକାନ, ବାଣିଜ୍ୟ ପ୍ରତିଷ୍ଠାନ, ସ୍କୁଲ, ପଞ୍ଚାୟତ ଅଫିସ୍, ଆରଆଇ ଅଫିସ, ପେଟ୍ରୋଲ ପମ୍ପ, ଦେବାଳୟ, ବ୍ୟାଙ୍କ, ଲ୍ୟାମ୍ପ୍ସ ଆଦି ରହିଛି। ଏହି ବଜାର ଉପରେ ରାଇରଙ୍ଗପୁର ଆଖପାଖ ୪/୫ ଟି ପଞ୍ଚାୟତବାସୀ ନିର୍ଭର କରନ୍ତି। ବାସିଙ୍ଗୀ ବଜାରଟି ମୁଖ୍ୟ ଛକ ଉପରେ ଅବସ୍ଥିତ ହୋଇଥିବାରୁ ସାଧାରଣ ଲୋକେ ବିଭିନ୍ନ ଦୂରଦୂରାନ୍ତକୁ ଯିବାଆସିବା କରୁଛନ୍ତି। ରାସ୍ତା ପାଖରେ ଗଛଟିଏ ନଥିବାରୁ ଯାତ୍ରୀମା।ନେ ଖରାରେ ବସ୍‌କୁ ଅପେକ୍ଷା କରୁଛନ୍ତି। ତେଣୁ ଏହି ଛକରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ସାଧାରଣରେ ଦୃଢ ଦାବି ହେଉଛି।



ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

# ଚାମଚ ଗିଳି ଦେଲେ ଯୁବକ



ଚୀନ୍‌ର ୟାନ୍ ନାମକ ଜଣେ ଯୁବକ ନିଶାରେ ଚାମଚ ଗିଳି ଦେଇଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସେ ୫ ମାସ ପୂର୍ବରୁ ଥାଇଲାଣ୍ଡ ବୁଲିବାକୁ ଯାଇଥିବା ବେଳେ ଭୁଲବଶତଃ ତାଙ୍କ ଅଜାଣତରେ ଏଭଳି ଘଟଣା ଘଟିଛି । ୟାନ୍ ଥାଇଲାଣ୍ଡର ଏକ ହୋଟେଲରେ ରହଣି ସମୟରେ ଅତ୍ୟନ୍ତ ନିଶା ସେବନ କରିଥିଲେ । ଏହି ସମୟରେ ସେ ବାନ୍ତି କରିବା ପାଇଁ ସେରାମିକ୍‌ର ଏକ କଫି ଚାମଚକୁ ପାଟିରେ ଭର୍ତ୍ତି କରିଥିଲେ । ଯାହାକି ଭୁଲବଶତଃ ତାଙ୍କ ପେଟ ଭିତରକୁ ଚାଲିଯାଇଥିଲା । ଏହାପରେ ନିଶା ଯୋଗୁଁ ସେ ନିଜ ଚେତା ହରାଇଥିଲେ । ଯେତେବେଳେ ସକାଳୁ ଉଠିଲେ ଚାମଚ ଗିଳିବା ଘଟଣା ତାଙ୍କୁ ସ୍ୱପ୍ନ ପରି ମନେ ହେଲା । ସେହିପରି ବାନ୍ତି ଯୋଗୁଁ ପେଟରେ ଯନ୍ତ୍ରଣା ହେଉଥିବା ଭାବିଲେ । ଶଂଘାଇ ଫେରିବା ପରେ ୫ ମାସ ପର୍ଯ୍ୟନ୍ତ ସେ ସ୍ୱାଭାବିକ ଜୀବନ ଜିଇଁଲେ । ଏହି ସମୟ ମଧ୍ୟରେ ତାଙ୍କଠାରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା । ହେଲେ ଜୁନ୍‌ରେ ୟାନ୍‌ଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଶଂଘାଇରେ ଜଣେ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ସନ୍ଦେହ କରୁଥିଲେ, ୟାନ୍ ଖାଦ୍ୟ ଖାଉଥିବା ସମୟରେ ଭୁଲବଶତଃ ପ୍ଲାଷ୍ଟିକ୍ ଗିଳି ଦେଇଥାଇପାରନ୍ତି । ହେଲେ ପରୀକ୍ଷାରୁ ଜଣା ପଡ଼ିଲା, ତାଙ୍କ ପେଟରେ ପ୍ଲାଷ୍ଟିକ୍ ନୁହେଁ,୧୫ ସେଣ୍ଟିମିଟର ଲମ୍ବା ଏକ ସେରାମିକ୍ ଚାମଚ ଅଛି । ସେହିପରି ଟିକେ ଅସାବଧାନତା ହୋଇଥିଲେ, ଚାମଚ ଅନ୍ତନଳୀରେ ଛେଦ ବି ସୃଷ୍ଟି କରିପାରିଥାନ୍ତା । ଯଦ୍ୱାରା ରକ୍ତସ୍ରାବ ଭଳି ସମସ୍ୟା ସାମ୍ନା କରିବାକୁ ପଡ଼ିଥାନ୍ତା । ଅନ୍ୟପଟେ ଡାକ୍ତର ୯୦ ମିନିଟ୍ ପର୍ଯ୍ୟନ୍ତ ସର୍ଜରୀ କରି ସଫଳତାର ସହ ୧୫ ସେଣ୍ଟିମିଟରର ଚାମଚଟିକୁ ତାଙ୍କ ପେଟରୁ ବାହାର କରିଛନ୍ତି । ୟାନ୍ ଏବେ ସୁସ୍ଥ ଥିବା ଜଣାପଡ଼ିଛି ।

# ପୋଷ୍ଟର୍ ମାଧ୍ୟମରେ ଚୋରକୁ ନିବେଦନ

ଆଜିକାଲି ଘରୁ ତଥା ଦୋକାନରୁ ଚୋରି ହେବା ଏକ ସାଧାରଣ ଘଟଣା । ସେହିପରି ଚୋର ଦାଉରୁ ଘର ଏବଂ ଦୋକାନକୁ ସୁରକ୍ଷିତ ରଖିବା ଲାଗି କିଏ ସିକ୍ୟୁରିଟି ଗାର୍ଡଙ୍କୁ ନିଯୁକ୍ତ ତ କରୁଛନ୍ତି ତ ଆଉ କିଏ ସିସିଟିଭି ଲଗାଇବା ବ୍ୟବସ୍ଥା କରୁଛନ୍ତି । ଏହି କ୍ରମରେ ଜଣେ ବ୍ୟକ୍ତି ଚୋରି ନ ହେବା ପାଇଁ ଯାହା କରିଛନ୍ତି, ତାହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏପରିକି ଏହା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସମ୍ପୃକ୍ତ ଯୁବକ ଜଣକ ଚୋରଙ୍କ ଉଦ୍ଦେଶ୍ୟରେ ନିଜ ଘର ବାହାରେ ଏକ ପୋଷ୍ଟର୍ ଲଗାଇଛନ୍ତି । ଏହି ପୋଷ୍ଟର୍ ମାଧ୍ୟମରେ ଚୋରଙ୍କୁ ଚୋରି ନ କରିବା ପାଇଁ ନିବେଦନ କରାଯାଇଛି । କାନପୁରରେ ରହନ୍ତି ଅନୁ ଅବସ୍ଥି । ସେ ଜଣେ କଣ୍ଟେଣ୍ଟ କ୍ରିଏଟର । ବିଭିନ୍ନ ସମୟରେ ତାଙ୍କର ମଜାଦାର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ । ହେଲେ ଏଥର ସେ ସହରରୁ କିଛି ଦିନ ପାଇଁ ବାହାରକୁ ଯାଉଥିବାରୁ ଚୋରଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି, ତାହା ସମ୍ପୂର୍ଣ୍ଣ ଅଜବ । ଏ ଲାଗି ସେ ଏକ ପୋଷ୍ଟର୍ ନିଜ ଘର ବାହାର ଗେଟ୍‌ରେ ଲଗାଇଛନ୍ତି । ଏଥିରେ ସେ ଚୋରଙ୍କୁ ଲେଖିଛନ୍ତି, 'ଗାଁରେ ପିଉସାଙ୍କୁ କୁକୁର କାମୁଡ଼ିଛି । ଆମେ ସମସ୍ତେ ଗାଁକୁ ଯାଉଛୁ । ଘରେ କେବଳ ଆମ ଘରୋଇ ସହାୟିକା ଓ ତିନୋଟି କାମୁଡ଼ା କୁକୁର ଅଛନ୍ତି । ଆମ ଘରେ ଗହଣା କହିଲେ ଦୁଇଟି ମୁଦି ଅଛି, ଯାହାକୁ ଆମେ ପିନ୍ଧିକି ଯାଉଛୁ । ଏହି ଘରେ ପରିଶ୍ରମ କରିବା ବୃଥା । ତେଣୁ ପଡ଼ୋଶୀ ଘରେ ଚେଷ୍ଟା କର ।' ତାଙ୍କର ଏହି ପୋଷ୍ଟଟି ଖୁବ୍ ଭାଇରାଲ ହେଉଛି । ତା'ସହ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।




# ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହେଲେ ବିଗ୍ ବି



## ଏପିସୋଡ୍ ପିଛା ୫ କୋଟି

ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ ଦୀର୍ଘ ୨୫ ବର୍ଷ ହେଲାଣି କେବିସି ଶୋ'କୁ ହୋଷ୍ଟ କରିଛନ୍ତି । ଗୋଟିଏ ସିଜିନ୍‌କୁ ଛାଡ଼ି ଏଯାବତ୍ ସେ ସବୁଯାକ ସିଜନ୍‌କୁ ହୋଷ୍ଟ ସାଜିଛନ୍ତି । 'କେବିସି ୧୭'କୁ ମଧ୍ୟ ସେ ହୋଷ୍ଟ କରିବେ ବୋଲି ନିକଟରେ ସୋନୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଘୋଷଣା କରାଯାଇଛି । ଅଗଷ୍ଟ ୧୧ରେ ଏହାର ପ୍ରିମିୟର ହେବ । ଏହା ପୂର୍ବରୁ ଏଥିରେ ବିଗ୍ ବି' ନେଇଥିବା ପାରିଶ୍ରମିକକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲାଣି । ଏହାର ପ୍ରତି ଏପିସୋଡ୍ ପାଇଁ ବିଗ୍‌ବି ୫ କୋଟି ନେବେ । ଏଥିପାଇଁ ସେ ଏବେ ଟେଲିଭିଜନ ପରଦାର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହୋଇଛନ୍ତି । ବିଗ୍‌ବିଙ୍କ ଭଳି ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ 'ବିଗ୍‌ବସ୍' ଶୋ'କୁ ହୋଷ୍ଟ କରିବା ପାଇଁ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନିଅନ୍ତି । ଯଦି ବିଗ୍ ବି ଏପିସୋଡ୍ ପିଛା ୫ କୋଟି ନେଉଛନ୍ତି ତେବେ ପ୍ରତି ସପ୍ତାହକୁ ସେ ୨୫ କୋଟି ନେବେ । ଏବାବଦରେ ସେ ସଲମାନ୍‌ଙ୍କୁ ପଛରେ ପକାଇ ଦେବେ । କାରଣ ସଲମାନ୍ ସପ୍ତାହରେ ଦୁଇଟି 'ବିଗ୍‌ବସ୍' ଶୋ'ର ଏପିସୋଡ୍ ସୁଟ୍ କରନ୍ତି । ଏଥିପାଇଁ ୧୨ କୋଟି ନିଅନ୍ତି । ଅବଶ୍ୟ ସଲମାନ୍ କି ଅମିତାଭଙ୍କ ପାରିଶ୍ରମିକକୁ ନେଇ ଏଯାବତ୍ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ ।

# ଆଜି ବାହୁଡ଼ିଥିଲେ

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ । ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଅରମ୍ଭ କରିଥିଲେ । ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ । ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ । ସାମାଜିକ ନାଟକ, ନୃତ୍ୟନାଟିକା, ପୌରାଣିକ ନାଟକ, ଐତିହାସିକ ନାଟକ, ଜୀବନୀ ନାଟକ, ଏକାଙ୍କିକା, ଗଳ୍ପ, ଗୀତିକବିତା, ଶିଶୁକବିତା, ପ୍ରବନ୍ଧ ଇତ୍ୟାଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । "ଗାର୍ଲସ୍କୁଲ୍" ନାଟକ ମାଧ୍ୟମରେ ସେ ତୋଳିଥିବା ସାମାଜିକ ପରିବର୍ତ୍ତନର ସ୍ୱର ତାଙ୍କୁ ଅମର କରି ଦେଇଛି । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା । କାଳୀଚରଣ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ । ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ । ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁକୁହୁ ତାନକୁ ଉପାଦାନ କରି ଲେଖୁଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ । କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ । ୧୯୧୮ ରେ ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ' । ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା । ଭାରତର ବିଭାଜନରେ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ସେ 'ଫଟା ଭୂଇଁ' ନାଟକ ମଞ୍ଚସ୍ଥ କରିଥିଲେ । ଭାରତର ଖାଦ୍ୟାଭାବକୁ ନାଟ୍ୟ ରୂପ ଦେଇ 'ଭାତ' ନାଟକ ଲେଖିଥିଲେ । ଓଡ଼ିଶାର ପ୍ରଥମ ବ୍ୟାବସାୟିକ ରଙ୍ଗମଞ୍ଚ 'ଓଡ଼ିଶା ଥିଏଟର୍ସ' ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା । ଗଜପତି ରାମଚନ୍ଦ୍ର ଦେବ କାଳୀଚରଣଙ୍କୁ 'କବିଚନ୍ଦ୍ର' ଉପାଧି ପ୍ରଦାନ କରିଥିଲେ । ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ୧୯୭୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ । ୧୯୭୮ ମସିହା ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

# ସକାଳର ଆରମ୍ଭ ସୂଚାଇବ ସ୍ୱଭାବ

ଅନେକ ଲୋକଙ୍କର ଭୋରରୁ ଉଠିବା ଅଭ୍ୟାସ ଥିବାବେଳେ ଆଉ କେହି କେହି ବିଳମ୍ବରେ ଉଠନ୍ତି । ସେହିପରି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ସକାଳ, ଚା' କିମ୍ବା କଫିରୁ ଆରମ୍ଭ ହେଉଥିବାବେଳେ ଆଉ କାହାର ଯୋଗ, ପ୍ରାଣାୟମରୁ । ତେବେ ଲୋକଙ୍କର ଏହି ସକାଳେ ଉଠିବା ଅଭ୍ୟାସ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ତଥା ସ୍ୱଭାବ ସମ୍ପର୍କରେ ଅନେକ କିଛି ସୂଚାଇଥାଏ । ଭୋରରୁ ଉଠୁଥିବା ଲୋକେ ବେଶ୍ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ହୋଇଥାନ୍ତି । ଏଭଳି ଲୋକେ ମୁଖ୍ୟତଃ ବ୍ୟବସ୍ଥିତ ଦିନଚର୍ଯ୍ୟା ଉପରେ ଗୁରୁତ୍ୱ ଦେଇଥାନ୍ତି । ତା'ସହ ସେମାନେ ଦୀର୍ଘକାଳୀନ ଲକ୍ଷ୍ୟ ପ୍ରାପ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଭଲପାଆନ୍ତି । ସେହିପରି ସକାଳୁ ସକାଳୁ ଆଲାର୍ମ ବନ୍ଦ କରି ଉଠୁଥିବା ବ୍ୟକ୍ତି ସୃଜନଶୀଳ ହେବା ସହ ଅନିୟନ୍ତ୍ରିତ ଜୀବନଶୈଳୀ ଆପଣାଇଥାନ୍ତି । ଏହାବାଦ୍ ସକାଳ ବ୍ୟାୟାମରୁ ଦିନ ଆରମ୍ଭ କରୁଥିବା ଲୋକେ ଅନୁଶାସନରେ ରହିବାକୁ ପସନ୍ଦ କରନ୍ତି । ସବୁବେଳେ ନିଜ ଉପରେ ଅଧିକ ଧ୍ୟାନ ଦିଅନ୍ତି । ଏମାନେ ସ୍ୱାସ୍ଥ୍ୟକୁ ନେଇ ବେଶ୍ ସଚେତନ ଥାଆନ୍ତି । ଅନ୍ୟପଟେ କଫିରୁ ଦିନ ଆରମ୍ଭ କରୁଥିବା ଲୋକେ ବେଶ୍ ଆରାମରେ ଜୀବନ କାଟିବା ପାଇଁ ଚାହାନ୍ତି । ମିଳାମିଶାକୁ ଭଲପାଆନ୍ତି ଏବଂ ନିତିଦିନ କାମରେ ଶାନ୍ତି ଅନୁଭବ କରନ୍ତି । ସେହିଭଳି ସକାଳରୁ ଦିନଯାକର କାର୍ଯ୍ୟକୁ ନେଇ ଯୋଜନା କରୁଥିବା ଲୋକେ ବେଶ୍ ବ୍ୟବସ୍ଥିତ ହୋଇଥାନ୍ତି । ଏମାନେ ବିଶ୍ୱସନୀୟ ହେବା ସହ ଜୀବନକୁ ନିୟନ୍ତ୍ରଣରେ ରଖିବାକୁ ପସନ୍ଦ କରନ୍ତି । ଯେଉଁମାନଙ୍କର ସକାଳ ଧୀରେ ସୁସ୍ଥେ ଏବଂ ଆରାମଦାୟକ ଭାବେ ଆରମ୍ଭ ହୁଏ, ସେମାନେ ତରବରିଆ ଭାବେ ନିଷ୍ପତ୍ତି ନେବାରୁ ଦୂରେଇ ରହନ୍ତି । ଜୀବନରେ ଶାନ୍ତିକୁ ଅଧିକ ଗୁରୁତ୍ୱ ଦିଅନ୍ତି । ସେହିପରି ସକାଳ ସମୟରେ ଏକକାଳୀନ ଅନେକ କାମ କରୁଥିବା ବା ମଲଟିଟାସ୍କର ସ୍ୱଭାବରେ ଦକ୍ଷ ହୋଇଥାନ୍ତି । ସେମାନଙ୍କର ଏହି ଅଭ୍ୟାସ ଅଧିକ ଚାପଗ୍ରସ୍ତ ଏବଂ ଅଧିକ କାମ କରୁଥିବା ପ୍ରବୃତ୍ତିକୁ ଦର୍ଶାଏ । ସେହିପରି ପ୍ରକୃତି ସହିତ ସମୟ ଅତିବାହିତ କରି ଦିନ ଆରମ୍ଭ କରୁଥିବା ଲୋକେ ଜୀବନରେ ଶାନ୍ତି, ସନ୍ତୁଳନ ଓ ପ୍ରକୃତି ସହ ଜଡ଼ିତ ରହିବାକୁ ଗୁରୁତ୍ୱ ଦିଅନ୍ତି । ଅନ୍ୟପଟେ ଯେଉଁମାନଙ୍କ ସକାଳ ସାମାଜିକ ଗଣମାଧ୍ୟମ କିମ୍ବା ଫୋନ୍‌ରୁ ଆରମ୍ଭ ହୁଏ, ସେମାନେ ସାମାଜିକ ମିଳାମିଶା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ତେବେ ତରବରିଆ ଭାବେ ଦିନ ଆରମ୍ଭ କରୁଥିବା ଲୋକଙ୍କ ସ୍ୱଭାବ ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀର ସଙ୍କେତ ଦେଇଥାଏ । ଅବଶ୍ୟ ଏଭଳି ଲୋକେ ସ୍ୱଭାବରେ ଉଚ୍ଚାଭିଳାଷୀ ହୋଇଥାନ୍ତି ।



# ମିଛି ମିଛିକା ବାହାଘର

ଆଜିକାଲି ଲୋକେ ବିବାହ ଦିନକୁ ବେଶ୍ ସ୍ମରଣୀୟ କରିବା ପାଇଁ ମାସ ମାସ ଧରି ଯୋଜନା କରୁଛନ୍ତି । କିନ୍ତୁ ଯେଉଁ ପରିବାରଗୁଡ଼ିକରେ ବାହାଘର ହେଉଥାଏ କାମକାର୍ଯ୍ୟ ଓ ଦାୟିତ୍ୱ ଯୋଗୁଁ ପରିବାରର ସଦସ୍ୟମାନେ ମନ ଖୋଲି ଏହାକୁ ଉପଭୋଗ କରିପାରନ୍ତି ନାହିଁ । ଏବେ ଲୋକେ ବିନା କୌଣସି ଦାୟିତ୍ୱରେ ବି ବିବାହକୁ ମନଭରି ଉପଭୋଗ କରିପାରିବେ । ଏଠାରେ ପୁରାପୂରି ବିବାହ ଭଳି ପରିବେଶ ସାଙ୍ଗକୁ ମେହେନ୍ଦି, ସଙ୍ଗୀତ ଭଳି ଅନେକ ଉତ୍ସବ ପାଳନ କରାଯାଏ । ଲାଇଟ୍, ସାଜସଜା, ନାଚଗୀତ, ଖାଇବା ପିଇବା ସବୁର ବନ୍ଦୋବସ୍ତ ଥାଏ । କେବଳ ନ ଥାନ୍ତି ବର କନିଆ । ଏବେ ମିଛି ମିଛିକା ବାହାଘର ବା ଫେକ୍ ୱେଡିଂ ଧାରା ବେଶ୍ ଲୋକପ୍ରିୟ ହେବାରେ ଲାଗିଛି । ମୁଖ୍ୟତଃ ଦିଲ୍ଲୀରେ ଏଭଳି ଏକ ପାର୍ଟି ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହୋଇଛି । ଏହି ପାର୍ଟିକୁ ଲୋକେ ବାହାଘର ଭଳି ପୋଷାକ ପିନ୍ଧି ଆସନ୍ତି, ଢୋଲ ବାଜାର ତାଳେ ତାଳେ ନାଚନ୍ତି ଓ ସ୍ୱାଷ୍ଟିଷ୍ଟ ଖାଦ୍ୟଗୁଡ଼ିକର ମଜା ଉଠାନ୍ତି । ଏଠାରେ ଲୋକେ କୌଣସି ଦାୟିତ୍ୱ ବିନା ବିବାହର ମଜା ନେଇଥାନ୍ତି । ଅନ୍ୟପଟେ ମିଛ ବାହାଘରରେ ସାମିଲ ହେବା ଲାଗି ଲୋକଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ଏନେଇ ଏଣ୍ଟ୍ରି ଟିକଟର ବ୍ୟବସ୍ଥା ବି ଅଛି । କିଛି ଇଭେଣ୍ଟ ମ୍ୟାନେଜମେଣ୍ଟ କଂପାନି ଓ ଡ୍ୟାନ୍ସ କୋରିଓଗ୍ରାଫର ବି ଏଭଳି ନକଲି ବିବାହର ଆୟୋଜନ କରୁଛନ୍ତି କେବଳ ସୋସିଆଲ ମିଡିଆ କଣ୍ଟେଣ୍ଟ ପାଇଁ । ସେହିପରି ସାମାଜିକ ଗଣମାଧ୍ୟମରେ ଏଭଳି ମିଛିମିଛିକା ବାହାଘରର ଏକାଧିକ ଭିଡିଓ ଦେଖିବାକୁ ମିଳୁଛି । ଯାହାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ।



# ଆଜିର ଇତିହାସ

- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା ।
- ୧୮୭୦- ଆମେରିକାରେ ପ୍ରଥମଥର ରେଳସେବା ଆରମ୍ଭ ହେଲା ।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା ।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା ।
- ୨୦୦୦-ଏସ୍.ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ ।

# ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।

# ଅଗଷ୍ଟ ୧ରେ 'ଛିରେ ନନି'



ଓଡ଼ିଆ ଚଳଚ୍ଚିତ୍ର ଜଗତର ସଫଳ ଓ ଅନୁଭବୀ ନିର୍ମାତା ସୀତାରାମ୍ ଅଗ୍ରୱାଲ୍ ନୂଆ କାହାଣୀ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ରକୁ ନୂତନ ଦିଗ ଦେଇଛନ୍ତି। ସେ ଏବେ ଆଉ ଏକ ଗଭୀର ତଥା ଭାବନାତ୍ମକ ପ୍ରେମ କାହାଣୀ 'ଛିରେ ନନି' ସହିତ ବଡ଼ ପରଦାକୁ ଫେରୁଛନ୍ତି। ଏହି ଚଳଚ୍ଚିତ୍ର ଅଗଷ୍ଟ ୧ ତାରିଖରେ ମୁକ୍ତିଲାଭ କରିବ। ଏହି ନୂତନ ପିଢ଼ିର ରୋମାଣ୍ଟିକ୍ ଫିଲ୍ମ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟ ବିଦାରକ ନାଟକୀୟତାକୁ ଏକତ୍ର କରି ଦେଖାଉଛି। ଯେଉଁଠି ପ୍ରେମ, ପରିବାର ଓ ଭାଗ୍ୟକୁ ଅସ୍ୱୀକାର କରେ। ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନର୍‌ରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ଓ ଦ୍ୱୀପନ୍ୱିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ତା'ର ବରିଷ୍ଠ କାହାଣୀ ଯୋଗୁଁ ଆରମ୍ଭରୁ ହିଁ ଚର୍ଚ୍ଚାରେ ରହିଛି। ତେବେ ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଭାଇରାଲ ଗୀତ 'ଛିରେ ନନୀ'କୁ ଏଥିରେ ଦର୍ଶକ ନୂଆ ଭାବେ ଦେଖିବେ। ■

# ପ୍ରକୃତି-ଦ୍ୱୀପନ୍ୱିତ ଏକାଠି

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର'। ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ ପ୍ଲାଟୁନ୍ ୱାନ୍ ଫିଲ୍ମସ ଏହି ଫିଲ୍ମ ସହିତ ଓଡ଼ିଶାରେ ଡେବ୍ୟୁ କରିବ। ଏହି ସିନେମାରେ ପ୍ରକୃତି ମିଶ୍ର ଓ ଦ୍ୱୀପନ୍ୱିତ ଦାସମହାପାତ୍ର ଅଭିନୟ କରିଛନ୍ତି। ଏହି ଦୁଇ କଳାକାରଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ତା'ସହ ଏ ଦୁହିଁଙ୍କ ଯୋଡ଼ିକୁ ଲୋକେ କିଭଳି ପସନ୍ଦ କରୁଛନ୍ତି, ତାହାକୁ ଅପେକ୍ଷା ରହିଲା। ତେବେ ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ। ସେହିପରି ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରେ। କେବଳ ସେତିକି ନୁହେଁ, ନିଜ ମାଟି ସହିତ ଗଭୀର ଭାବେ ଜଡ଼ିତ ଏବଂ ଉତ୍କୃଷ୍ଟ ସଙ୍ଗୀତ ସହ ମିଶ୍ରିତ। ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଓଡ଼ିଶା ଓ ଲାଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାରର ଏକ କାହାଣୀ ଉପରେ ପର୍ଯ୍ୟବସିତ। ରବିନ ଦାସ ଓ ସତ୍ୟ ରଞ୍ଜନଙ୍କୁ ମଧ୍ୟରେ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ୍ ରହିବ। ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମୱାର୍କସ ସହଭାଗିତାରେ ବିନୟ ରେଡ୍ଡି, ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ମିଳିତ ଭାବେ ପ୍ରାୟୋଜିତ 'ବିନ୍ଦୁ ସାଗର'ର ନିର୍ଦ୍ଦେଶନା ଦେଇଛନ୍ତି ଅଭିଶେକ ସ୍ୱାଇଁ। ■



# "ଅଭିନେତା ହେବାକୁ କଠିନ ପରିଶ୍ରମ ଜରୁରି"



**ଚନ୍ଦ୍ରଶେଖର, ଅଭିନେତା**

**ବାପାଙ୍କ ମନରେ ଇଚ୍ଛା ଥିଲା ପୁଅ ଆଗଧାଡ଼ିର ଜଣେ ଅଭିନେତା ହେଉ। ବାପାଙ୍କ ସ୍ୱପ୍ନ ପୂରା କରିବାକୁ ପୁଅ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମରେ ୬ ବର୍ଷ ପାଠ ପଢ଼ି ଅନେକ ମଞ୍ଚରେ ଅଭିନୟ କରିଲେ। ଅଭିନୟ ପ୍ରତି ସେ ଗଭୀର ଭାବେ ଆକର୍ଷିତ ହୋଇଥିଲେ। ପ୍ରଥମେ ସେ ଓଡ଼ିଆ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। 'ଗୁଡୁ ଗ୍ୟାଙ୍ଗ ଷ୍ଟାର୍' ତାଙ୍କର ପ୍ରଥମ ସିନେମା। କିଛି ହାତଗଣତି ସିନେମାରେ ସେ ଅଭିନୟ ମଧ୍ୟ କରିଛନ୍ତି। ସିନେମାରୁ ଏତେଟା ଲୋକପ୍ରିୟତା ନ ମିଳୁବାରୁ ଧାରାବାହିକରେ କାମ କରିବାକୁ ଉଚିତ ଭାବିଲେ। ଏହି ଉଦୀୟମାନ କଳାକାର ଜଣକ ହେଉଛନ୍ତି ଖୋର୍ଦ୍ଧା ଗଡ଼ମାଣତୀରର ଚନ୍ଦ୍ରଶେଖର ରଣସିଂହ। ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ରବି ଭୂମିକାରେ ଅଭିନୟ କରୁଛନ୍ତି। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଚନ୍ଦ୍ରଶେଖରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ମଞ୍ଚରୁ ଓଲିଉଡ୍ ଜଗତକୁ ଯାତ୍ରା କିପରି ଥିଲା?**

● ଗାଁ'ର ଡ୍ରାମାରେ ମୋ' ବାପା ଅଭିନୟ କରୁଥିଲେ। ସେତେବେଳେ ଖୋର୍ଦ୍ଧା ପିଏନ୍ କଲେଜରେ ସେ ଡ୍ରାମାଟିକ୍ ସେକ୍ରେଟାରୀ। ହେଲେ ବାପାଙ୍କ ସ୍ୱପ୍ନକୁ ଜେଜେବାପା ସାକାର କରି ନ ଥିଲା। ଫଳରେ ମୋ ଜରିଆରେ ବାପା ସ୍ୱପ୍ନ ପୂରା କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ସଙ୍ଗୀତ ମହାବିଦ୍ୟାଳୟର ଡ୍ରାମା ବିଭାଗରେ ୬ବର୍ଷର ପାଠ ପଢ଼ିଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିଛି। ଏବେ ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚରରେ 'ନାଟକ' ବିଭାଗରେ ସ୍ନାତକୋତ୍ତର କରୁଛି। ମଞ୍ଚ ନାଟକ ପାଇଁ ବହୁ ସ୍ଥାନରେ ସମ୍ମାନିତ ହୋଇଛି। ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି। 'ଗୁଡୁ ଗ୍ୟାଙ୍ଗଷ୍ଟାର୍' ମୋର ପ୍ରଥମ ଫିଲ୍ମ। ପରେ 'ବୋହୂକୁ ଲାଗିଛି ରିଲ୍ସ ଭୂତ', 'ତୋ ବିନୁ ଅନ୍ୟ ଗତି ନାହିଁ', 'ଡେଲିଭରି ବୟ' ଆଦି ସିନେମାରେ ଅଭିନୟ କରିଛି।

**ଧାରାବାହିକକୁ ଆସିବାକୁ କାହିଁକି ମନ ବଳାଇଲେ?**

● ସିନେମାରେ ଯେଉଁ ଚରିତ୍ରରେ କାମ କରିଲି ତାହା କେବଳ ଚିହ୍ନା ଲୋକ ଜାଣିପାରିଲେ। ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଗୋଟିଏ ସ୍ଥାନ ତିଆରି କରିପାରିଲିନି। ଏପରି ସ୍ଥିତିରେ ମୁଁ 'ଧାରାବାହିକ'ରେ କାମ କରିବାକୁ ମନ ବଳାଇଲି। 'ସାଥି ସାତ ଜନ୍ମର'ରେ ନାୟକର ବନ୍ଧୁ ରବି ଭୂମିକାରେ ଅଭିନୟ କରୁଛି। ଖୁବ୍ କମ୍ ଦିନରେ ଦର୍ଶକଙ୍କ ଢ଼େର ସାରା ଭଲପାଇବା ପାଇଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ଅଭିନୟ ସମାନ। ହେଲେ ମଞ୍ଚରେ ଦର୍ଶକଙ୍କ ସାମ୍ନାରେ ଅଭିନୟ କରିବାକୁ ହୁଏ ଆଉ ଧାରାବାହିକରେ କ୍ୟାମେରା ସାମ୍ନାରେ କଟ୍ କଟ୍‌ରେ ଯିବାକୁ ହୁଏ। ପ୍ରଥମେ ଅଶୋକ ପତି ସାର୍‌ଙ୍କ ତତ୍ତ୍ୱାବଧାନରେ 'ଗୁଡୁ ଗ୍ୟାଙ୍ଗ ଷ୍ଟାର୍'ରେ କାମ ଆରମ୍ଭ କରିଥିଲି। ହେଲେ ଧାରାବାହିକ ସୁଟିଂ ପାଇଁ ପ୍ରତିଦିନ କ୍ୟାମେରା ସାମ୍ନାରେ ଅଭିନୟ କରିବାକୁ ହେଉଛି। ପ୍ରତିଦିନ ନୂଆ କଥା ଶିଖି ହୁଏ। ମୋ' ମତରେ ଧାରାବାହିକରେ କାମ କଲେ ପ୍ରତିଦିନ ଅଭିନୟ ମାର୍ଜିତ ହୁଏ।

**ସ୍କ୍ରିପ୍ଟ କେମିତି ମନେ ରଖନ୍ତି?**

● ମଞ୍ଚ ନାଟକ ପାଇଁ ସ୍କ୍ରିପ୍ଟ ପଢୁ। ସଂଳାପ ବେଶ୍ ସହଜରେ ମନେ ରହିଯାଏ। ମଞ୍ଚରେ ସଂଳାପରେ ଛନ୍ଦି ହେଲେ ବି ସହକଳାକାରଙ୍କ ସହିତ ଭଲ ସମ୍ପର୍କ ଥିବାରୁ ତାହା ଆଡ୍‌ଜେଷ୍ଟ ହୋଇଯାଏ। ଧାରାବାହିକ ପାଇଁ ପ୍ରତିଦିନ ଅଭ୍ୟାସ କରିବାକୁ ହୁଏ। ଏହାବାଦ୍ ମୋ ରୁମ୍‌ରେ ଜୁନିୟର୍ ଓ ମୋ ସାଙ୍ଗଙ୍କ ସହ ଅଭ୍ୟାସ କରେ। ଅଭିନୟ ସମ୍ପର୍କିତ ଭିଡିଓ ଦେଖେ।

**ଅଭିନୟ ଆଉ ପଠା ଭିତରେ କେମିତି ସମନ୍ୱୟ ରଖନ୍ତି?**

● ଧାରାବାହିକରେ କାମ କରିବା ପରଠାରୁ ଆଉ ନାଟକ କରିନାହିଁ। ଅଭିନୟରୁ ସମୟ ମିଳିଲେ ମୁଁ ପାଠ ପଢ଼େ।

**ସ୍ମରଣୀୟ ମୁହୂର୍ତ୍ତ?**

● ସଙ୍ଗୀତ ମହାବିଦ୍ୟାଳୟକୁ ଡ୍ରାମ ପାଠ ପଢ଼ିବାକୁ ଆସିଥାଏ। ନାଟକ ଶିଖିବା ମୋର ଲକ୍ଷ୍ୟ ଥିଲା। ହେଲେ ପ୍ରଥମ କ୍ଲାସରେ ସାଧାରଣ ବିଷୟ ବସ୍ତୁ ଯଥା- ଇତିହାସ, ଅର୍ଥନୀତି, ସାଧାରଣ ଜ୍ଞାନ ଆଦି ପଢ଼ିବାକୁ କୁହାଯିବାରୁ ମୁଁ ପୂରା ସ୍ତବ୍ଧ। ଜାଣିଲି ପାଠ ସହିତ ନାଟକ ପଢ଼ିବାକୁ ହୁଏ। ସେ ସମୟର ଅନୁଭୂତି ସବୁବେଳେ ପାଇଁ ସ୍ୱତନ୍ତ୍ର।

**ଆଗାମୀ ଯୋଜନା?**

● ଧାରାବାହିକରେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଯୋଜନା ରହିଛି।

**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

● ମୋ ମତରେ ଯେଉଁମାନେ ଛୋଟରୁ ବଡ଼ ହୋଇଛନ୍ତି, ସେମାନେ ହୁଏତ ବିଳମ୍ବରେ କାମ ପାଆନ୍ତି। ତେବେ ଯେଉଁ କାମ ସେ ପାଇବେ ସେ କାମରେ ଜୀବନସାରା ରହିବେ। ହେଲେ କିଛି ନ କରି ରାତାରାତି ଷ୍ଟାର୍ ହେଲେ ବହୁତ ଶୀଘ୍ର ଉଠି ବହୁତ ଶୀଘ୍ର ପଡ଼ିବାର ଅନେକ ଉଦାହରଣ ରହିଛି। ତେଣୁ ଜୀବନରେ ସବୁବେଳେ ଅଭିନେତା ହେବାକୁ କଠିନ ପରିଶ୍ରମ ଓ ଧୈର୍ଯ୍ୟ ରଖିବା ଜରୁରି। ■

# ଟେଲିଭିଜନ ପ୍ରିମିୟର 'ଫାଷ୍ଟ ଲଭ୍'



ଜୁଲାଇ ୨୭ ତାରିଖ ରବିବାର ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ନୂଆ ଓଡ଼ିଆ ସିନେମା 'ଫାଷ୍ଟ୍ ଲଭ୍'। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ସିନେମାଟି ନିର୍ମିତ। ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ରଜରେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ଯାହାକୁ ଏବେ ଦର୍ଶକେ ଟେଲିଭିଜନରେ ଦେଖିପାରିବେ। ମୁଖ୍ୟତଃ ବଡ଼ ପରଦାରେ ଦେଖିପାରି ନ ଥିବା ଦର୍ଶକେ ଏବେ ଏହାକୁ ଦେଖିବାର ସୁଯୋଗ ପାଇବେ। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନର ଏବଂ ଜୀ ସାର୍ଥକ ସହଯୋଗିତାରେ ଫାଷ୍ଟ ଲଭ୍ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ ସ୍ୱର ଦେଇଛନ୍ତି ବଲିଉଡ୍ ଓ ଓଲିଉଡ୍‌ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟାଙ୍କ ସମେତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖି ଏକ ନୂଆ ସ୍ୱାଦର ନିଆରା ପ୍ରେମ କାହାଣୀକୁ ନେଇ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ■

# ସନ୍ ଅଫ୍ ସର୍ଦ୍ଦାର-୨ର ଟ୍ରେଲର ରିଲିଜ୍

ବଲିଉଡ୍‌ର ଆକ୍ସନ ଅଭିନେତା ଅଜୟ ଦେବଗନ 'ସନ୍ ଅଫ୍ ସର୍ଦ୍ଦାର-୨' ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ଟ୍ରେଲର ରିଲିଜ୍ ହୋଇସାରିଥିବା ବେଳେ ଇତିମଧ୍ୟରେ ଏହାର ଦ୍ୱିତୀୟ ଟ୍ରେଲରକୁ ବି ରିଲିଜ୍ କରାଯାଇଛି। ଏହି ଟ୍ରେଲର ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ପ୍ରଦାନ କରିଛି। ବିଶେଷକରି ଦର୍ଶକେ ହସିବା ସହ ଇମୋସନ୍ ଓ ଆକ୍ସନକୁ ମଧ୍ୟ ଏଥିରେ ଦେଖିବାକୁ ପାଇଛନ୍ତି। ସେହିପରି ଟ୍ରେଲରର ଆରମ୍ଭ ଅଜୟଙ୍କ ଚରିତ୍ରରୁ ହୋଇଛି। ଏଥିରେ ସେ ଟ୍ରାକ୍ଟର ଚଳାଉଥିବା ନଜର ଆସିଛନ୍ତି। ଏଥିରେ ସେ ବାହା ହୋଇ ଖୁସି ଥିବା ଦେଖିବାକୁ ମିଳିଛି। ହେଲେ ବାହାଘରର ଦିନ କେଇଟା ପରେ ତାଙ୍କ ପତ୍ନୀ ଛାଡ଼ପତ୍ର ମାଗିଛନ୍ତି। ଏଇଠୁ ଆରମ୍ଭ ହେଇଛି ଅଜୟଙ୍କ ଜୀବନର ଅସଲ କାହାଣୀ। ଏହାସହ କିଭଳି ଗୋଟିଏ ପରେ ଗୋଟିଏ ଅସୁବିଧା ସାମ୍ନାକୁ ଆସୁଛି, ତାହା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଟ୍ରେଲର ଶେଷରେ ଅଜୟଙ୍କ ଆକ୍ସନ ରୂପ ଅଛି। ଲୋକେ ଏହି ଟ୍ରେଲରକୁ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ତେବେ ସିନେମାଟି ଜୁଲାଇ ୨୫ରେ ମୁକ୍ତିଲାଭ କରିଥାନ୍ତା, କିନ୍ତୁ ଏବେ ଏହା ଅଗଷ୍ଟ ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■



**ପରଦା ପଛର କାହାଣୀ**

# ପ୍ରଥମ 'ସୁପରମ୍ୟାନ୍' ହିନ୍ଦୀ ଫିଲ୍ମ




ସାଧାରଣତଃ ସୁପରମ୍ୟାନ୍ ସିନେମା କହିଲେ ହଲିଉଡ୍ ଫିଲ୍ମ 'ସ୍ପାଇଡରମ୍ୟାନ୍', 'ସୁପରମ୍ୟାନ୍' ସାମ୍ନାକୁ ଆସିଥାଏ। ୧୯୭୮ ମସିହାରେ ହଲିଉଡ୍‌ରେ 'ସୁପରମ୍ୟାନ୍' ଫିଲ୍ମ ମୁକ୍ତିଲାଭ କରିଥିଲା। ତାହା ସୁପରହିଟ୍ ହୋଇଥିଲା। ତେବେ ଭାରତରେ ଏହି ଫିଲ୍ମର ୧୮ ବର୍ଷ ପୂର୍ବେ 'ସୁପରମ୍ୟାନ୍' ଫିଲ୍ମ ନିର୍ମାଣ ହୋଇଥିଲା। ଏଥିରେ ମହିଳା ଅଭିନେତ୍ରୀ ନିରୂପା ରାୟ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରିଥିଲେ। ଯାହାଙ୍କୁ ପରବର୍ତ୍ତୀ ସମୟରେ ଦର୍ଶକେ ମାଆ ଚରିତ୍ର ପାଇଁ ଜାଣିଥିଲେ। ୧୯୬୦ରେ ମୁକ୍ତିଲାଭ କରିଥିବା ଶାନ୍ତିନାମ୍ନୀ ଜଣେ ଝିଅକୁ କେନ୍ଦ୍ର କରି ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ। ଯିଏ କି ପିଲାଦିନରୁ ମାଆଠାରୁ ଅଲଗା ହୋଇଯାଇଥିଲା। ଫଳରେ ତାକୁ ଜଣେ ବୈଜ୍ଞାନିକ ନିଜ ପାଖରେ ରଖି ଲାଳନ ପାଳନ କରିଥିଲେ। ବୈଜ୍ଞାନିକ ଏକ ଅମର ସିରମ୍ ଆବିଷ୍କାର କରିଥିଲେ। ଯାହାକୁ ଦେହରେ ଲଗାଇଲେ ଜଣେ ବ୍ୟକ୍ତି ଅମର ହୋଇଯିବେ। ସେହି ସିରମ୍‌କୁ ସେ ଶାନ୍ତିକୁ ଲଗାଇ ଦିଅନ୍ତି। ଏହାଦ୍ୱାରା ଶାନ୍ତି (ନିରୂପା ରାୟ) ସୁପରମ୍ୟାନ୍ ହୋଇଯାଆନ୍ତି। ଅବଶ୍ୟ ଫିଲ୍ମଟି ସେତେ ଲୋକାଦୃତ ହୋଇପାରି ନଥିଲା। ତେବେ ଏଥିରେ ନିରୂପା ରାୟ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଥିଲେ। ନିରୂପା ରାୟଙ୍କୁ ଫିଲ୍ମରେ ଦର୍ଶକେ କାନ୍ଦିବାର ଦେଖିଥିଲେ। ସେହିପରି ସେ ଅଧିକାଂଶ ଫିଲ୍ମରେ ଅମିତାଭ ବଚ୍ଚନଙ୍କ ମାଆ ଭୂମିକାରେ ଅଭିନୟ କରିଛନ୍ତି। ତେଣୁ ତାଙ୍କୁ ଅମିତାଭଙ୍କ ମାଆ ବୋଲି ମଧ୍ୟ କୁହାଯାଉଥିଲା। କିନ୍ତୁ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରି ସେ ସମସ୍ତଙ୍କୁ ଚମତ୍କୃତ କରିଥିଲେ। ନିରୂପା ରାୟ ଜଣେ ଅଭିନେତ୍ରୀ ଭାବରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। କ୍ୟାରିୟର ପ୍ରାରମ୍ଭରେ ସେ ନାୟିକା ଭାବେ ଅଭିନୟ କରିଥିଲେ। ତେବେ ତାଙ୍କୁ ମାଆ ଚରିତ୍ରରୁ ପରିଚୟ ମିଳିଥିଲା। ସେ ୧୯୪୬ ମସିହାରେ ନିର୍ମିତ ଫିଲ୍ମ 'ଅମର ରାଜା'ରେ ମାଧ୍ୟମରେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ଏହାପରେ ସେ 'ଉଦ୍ଧାର', 'ଦି ବିଘା ଜମିନ୍', 'ଚାଲ୍‌ବାଜ୍', 'ଦୁଲ୍‌ହନ୍' ଆଦି ଫିଲ୍ମରେ ନଜର ଆସିଥିଲେ। ■

# ଲୋକସଭାରେ ଆଗତ ହେଲା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ

**ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଲୋକସଭାରେ ବୁଧବାର ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍ ବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଆଗତ ହୋଇଛି। ଏହାକୁ ଆଇନ୍‌ରେ ପରିଣତ କରିବାକୁ ଆହୁରି କିଛି ସମୟ ଅପେକ୍ଷା କରିବାକୁ ହେବ। ଏହି ବିଲ୍ ଆଗତ ହେବା ସହ ଭାରତର କ୍ରୀଡ଼ା ପ୍ରଶାସନ ଏକ ନୂଆ ରୂପ ଓ ଦିଗ ନେବ। ଏହା ଦ୍ୱାରା କ୍ରୀଡ଼ା ପ୍ରଶାସନରେ ନୂଆ ସଂସ୍କାର ଆସିବା ସହ ଆହୁରି ସ୍ୱଚ୍ଛ ହେବ ଓ ପୁରୁଣା ଦୋଷ ତ୍ରୁଟିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏହାର ପରିସରଭୁକ୍ତ ହେବ ବୋଲି କୁହାଯାଉଛି। କ୍ରୀଡ଼ା ସଂଘଗୁଡ଼ିକର ଅଧ୍ୟକ୍ଷ, ମହାସଚିବ ଓ କୋଷାଧ୍ୟକ୍ଷଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ବ୍ୟକ୍ତି କେବଳ କ୍ରମାଗତ ୩ଥର (୧୨ ବର୍ଷ) ପାଇଁ ଦାୟିତ୍ୱରେ ରହିପାରିବେ ଓ ଏହାଠାରୁ ଅଧିକ ସମୟ ଦାୟିତ୍ୱରେ ରହିପାରିବେ ନାହିଁ। ସେହିପରି ସର୍ବୋଚ୍ଚ ବୟସକୁ ୭୦ ବର୍ଷ ରଖାଯିବ। କିନ୍ତୁ ଯଦି ଅନ୍ତର୍ଜାତୀୟ ନିୟମ ଅନୁମତି ଦେବ, ତେବେ ନାମାଙ୍କନ ବେଳେ ବୟସ ୭୫ ବର୍ଷକୁ ବୃଦ୍ଧି କରିହେବ। ସେହିପରି ଯେକୌଣସି କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ କମିଟିର ସଦସ୍ୟ ସଂଖ୍ୟା ଅତିବେଶୀରେ ୧୫ ହେବ। ଏହି ବିଲ୍ ଦ୍ୱାରା ଜାତୀୟ କ୍ରୀଡ଼ା ବୋର୍ଡ, ଜାତୀୟ କ୍ରୀଡ଼ା ନ୍ୟାୟାଧିକରଣ, ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ, ସୂଚନା ଅଧିକାର ନିୟମରେ ମଧ୍ୟ ଏକାଧିକ ସଂସ୍କାର ହେବା ନିଶ୍ଚିତ ମନେ ହେଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ବିସିସିଆଇ ଭଳି ଏକାଧିକ କ୍ରୀଡ଼ା ପ୍ରଶାସନ ସଂସ୍ଥା କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

## ଇଞ୍ଜିନିୟର, ଲୟଡ୍‌ଙ୍କ ନାମରେ ନାମିତ ହେଲା ଷ୍ଟାଣ୍ଡ



**ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି):** ପୂର୍ବତନ ଭାରତୀୟ ୱିକେଟ୍‌କିପର ଫାରୁକ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର୍ କ୍ଲାଇଭ ଲୟଡ୍‌ଙ୍କୁ ବୁଧବାର ଏଠାରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ୪ର୍ଥ ଟେଷ୍ଟ ପୂର୍ବରୁ ସ୍ଥାନୀୟ ଲଙ୍କାଶାୟର କ୍ରିକେଟ୍ କ୍ଲବ ଉଭୟ ଇଞ୍ଜିନିୟର ଓ ଲୟଡ୍‌ଙ୍କ ନାମରେ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମର ୨ଟି ଷ୍ଟାଣ୍ଡକୁ ନାମିତ କରିଛି। ଉଲ୍ଲେଖଯୋଗ୍ୟ, ୮୭ ବର୍ଷୀୟ ଇଞ୍ଜିନିୟର ୧୯୬୦ରୁ ୭୦ ଦଶକ ମଧ୍ୟରେ ଭାରତ ପାଇଁ ୪୬ ଟେଷ୍ଟ ଓ ୫ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୨୬୧୧ ଓ ୧୧୪ ରନ କରିଥିଲେ। ସେହିଭଳି ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ସେ କାଉଣ୍ଟି କ୍ଲବ ଲଙ୍କାଶାୟର ପାଇଁ ୧୭୫ ମ୍ୟାଚ୍ ଖେଳି ୫୯୪୨ ରନ ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଅବସର ପରଠାରୁ ଫାରୁକ ମାଞ୍ଚେଷ୍ଟରରେ ରହିଆସୁଛନ୍ତି। ଅପରପକ୍ଷରେ ୮୦ ବର୍ଷୀୟ ଲୟଡ୍ ୭୦ ଦଶକ ପ୍ରାରମ୍ଭରେ ଲଙ୍କାଶାୟର ପାଇଁ ମ୍ୟାଚ୍ ଖେଳିଥିଲେ।

### ଚତୁର୍ଥ ଟେଷ୍ଟ: ପ୍ରଥମ ଦିବସ

# ଜୟସ୍ୱାଲ୍‌ଙ୍କ ଅର୍ଦ୍ଧଶତକ; ନିରାଶ କଲେ ଗିଲ୍

**ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି):**

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ବୁଧବାରଠାରୁ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ଆଗଧାଡ଼ିର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ଶେଷ ଖବର ସୁଦ୍ଧା ୬୩ ଓଭରରେ ୩ ୱିକେଟ୍ ହରାଇ ୧୯୭ ରନ ସଂଗ୍ରହ କରିଛି। ଏହି ସମୟରେ ଋଷଭ ପନ୍ତ ୨୬ ଓ ସାଇ ସୁଦର୍ଶନ ୪୪ ରନ କରି ବ୍ୟାଟିଂ କରୁଛନ୍ତି। ଘରୋଇ ଦଳର କ୍ରିସ୍ ୱକ୍ସ, ଲିଆମ ଡସନ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ଇଂଲଣ୍ଡ ଏହି ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ତେଣୁ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ବରାବର୍ ସ୍ଥିତିକୁ ଆଣିବାକୁ ଲକ୍ଷ୍ୟ ରଖିଛି।


### ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ପନ୍ତଙ୍କ ୧୦୦୦ ରନ୍ ପୂରଣ

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପିଚ୍‌ରେ ସାମାନ୍ୟ ଘାସ ରହିଥିବାରୁ ଦ୍ରୁତ ବୋଲରଙ୍କୁ ସହାୟତା କରିବା ଆଶା ନେଇ ଷ୍ଟୋକ୍ସ ଭାରତକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ତେବେ ଭାରତର ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ବେଶ୍ ସତର୍କତାର ସହ ପାଳି ଆରମ୍ଭ କରିଥିଲେ। ମଧ୍ୟାହ୍ନ ବିରତି ସୁଦ୍ଧା ୨୬ ଓଭରରେ ଏହି ଦୁଇ ଯୋଡ଼ି ଭାରତକୁ କୌଣସି କ୍ଷତି ହେବାକୁ ନ ଦେଇ ୭୮ ରନ ସଂଗ୍ରହ କରିଥିଲେ। ତେବେ ମଧ୍ୟାହ୍ନ ପରେ ପରେ ରାହୁଲଙ୍କ ସ୍ଲିପ୍ ଅଞ୍ଚଳରେ ଆଉଟ୍ କରି ୱକ୍ସ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ରାହୁଲ ୯୮ ବଲ୍ ସାମ୍ନା କରି ୪ ଚୌକା ସହ ୪୬ ରନ କରି ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ସେ ଜୟସ୍ୱାଲଙ୍କ ସହ ଓପନିଂ ୱିକେଟ୍ ଭାଗୀଦାରିରେ ୯୨ ରନ ଉଠାଇଥିଲେ। ଏହିକ୍ରମରେ ରାହୁଲ ବିଦେଶ ମାଟିରେ ଓପନର୍ ଭାବେ ଟେଷ୍ଟରେ ୧୦୦୦ ରନ ପୂରଣ କରିଥିଲେ। ଏହି ମାଇଲଖୁଣ୍ଟ ହାସଲ କରିବାରେ ସେ ସୁନିଲ ଗାଭାସ୍କରଙ୍କ ପରେ ଦ୍ୱିତୀୟ ଭାରତୀୟ ଓପନର୍ ହୋଇଛନ୍ତି। ଗାଭାସ୍କର ୩ଟି ଦେଶ ୱେଷ୍ଟଇଣ୍ଡିଜ (୧୪୦୪ ରନ), ଇଂଲଣ୍ଡ (୧୧୫୨) ଓ ପାକିସ୍ତାନ (୧୦୦୧ ରନ) ମାଟିରେ ଓପନର୍ ଭାବେ ହଜାରେରୁ ଊର୍ଦ୍ଧ୍ୱ ରନ କରିଥିଲେ।

ରାହୁଲଙ୍କ ଆଉଟ୍ ପରେ ଲୟରେ ଖେଳୁଥିବା ଜୟସ୍ୱାଲ୍ ମଧ୍ୟ ଅର୍ଦ୍ଧଶତକ ପୂରଣ କରି ପ୍ୟାଭିଲିୟନ ଫେରିଥିଲେ। ୮ ବର୍ଷ ପରେ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଥିବା ବାମହାତୀ ସ୍ପିନର ଲିଆମ ଡସନଙ୍କ ବଲରେ ଜୟସ୍ୱାଲ୍ ସ୍ଲିପରେ କ୍ୟାଚ୍ ହୋଇଥିଲେ। ସେ ୧୦୭ ବଲରେ ୫୮ ରନ କରିଥିଲେ। ତାଙ୍କୁ ଆଉଟ୍ କରିଥିବା ଡସନ ୨୯୨୮ ଦିନର ବ୍ୟବଧାନ ପରେ ଟେଷ୍ଟ ୱିକେଟ୍ ନେଇଛନ୍ତି। ନିଜର ଶେଷ ଟେଷ୍ଟରେ ୨୦୧୭ରେ ସେ ହାସିମ ଆମଲାଙ୍କୁ ଆଉଟ୍ କରିଥିଲେ। ଏହାପରେ କ୍ରିଜ୍‌କୁ ଆସିଥିବା ଅଧିନାୟକ ଶୁବମନ ଗିଲ୍ କିନ୍ତୁ ନିରାଶ କରିଥିଲେ। ସେ ମାତ୍ର ୧୨ ରନ କରିଥିବାବେଳେ ପ୍ରତିପକ୍ଷ ଅଧିନାୟକ ଷ୍ଟୋକ୍ସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ଅସମାପ୍ତ ୪ର୍ଥ ୱିକେଟ୍ ଭାଗୀଦାରିରେ ପନ୍ତ ଓ ସାଇ ସୁଦର୍ଶନ ୫୭ ରନ ଭାଗୀଦାରି କରି ଦଳକୁ ୨୦୦ ରନ ନିକଟତର କରାଇଛନ୍ତି। ପନ୍ତ ତାଙ୍କର ଏହି ପାଳିରେ ଏକ କୀର୍ତ୍ତିମାନ କରିଛନ୍ତି। ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ସେ ଇଂଲଣ୍ଡ ମାଟିରେ ଟେଷ୍ଟରେ ୧୦୦୦ ରନ ସଂଗ୍ରହ କରିଛନ୍ତି। ଏହି ମ୍ୟାଚ୍ ଖେଳି ହରିୟାଣା ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି।



କ୍ରିସ୍ ୱକ୍ସଙ୍କ ବଲ୍‌ରେ ଭାଙ୍ଗି ଯାଇଥିବା ବ୍ୟାଟ୍‌କୁ ଦେଖୁଛନ୍ତି ଜୟସ୍ୱାଲ



ଟେଷ୍ଟ କ୍ୟାପ୍ ସହ ପଦାର୍ପଣକାରୀ ଅଂଶୁଲ କାମ୍ବୋଜ୍

**ସଂକ୍ଷିପ୍ତ ସ୍କୋର**

ଭାରତର ପ୍ରଥମ ପାଳି: ୧୯୭/୩, ୬୩ ଓଭର (ପନ୍ତ-ବ୍ୟାଟିଂ-୨୬, ସୁଦର୍ଶନ- ବ୍ୟାଟିଂ- ୪୪, ରାହୁଲ- ୪୬, ଜୟସ୍ୱାଲ- ୫୮, ଗିଲ୍- ୧୨, ଷ୍ଟୋକ୍ସ- ୧/୨୪, ଡସନ୍- ୧/୨୩, ୱକ୍ସ- ୧/୪୦)।

# ରସେଲଙ୍କ ବିଦାୟୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପରାସ୍ତ



**କିଙ୍ଗ୍‌ସଟନ, ୨୩।୭ (ଏଜେନ୍ସି):** ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ସମାପ୍ତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଟି-୨୦ ମ୍ୟାଚ୍ ଖେଳି ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ବୁଧବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଫଳରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିବା ୩୭ ବର୍ଷୀୟ ରସେଲ ନିଜର ଶେଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୩ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟି-୨୦ ଶନିବାର ସକାଳେ ଖେଳାଯିବ।

ଦ୍ୱିତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୮ ୱିକେଟ୍‌ରେ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୫୧ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ରସେଲ ୪ ଛକା ଓ ୨ ଚୌକା ସହ ୧୫ ବଲରୁ ୩୬ ରନ କରି ଅପରାଜିତ ରହିଥିଲେ। ଲେଗ୍-ସ୍ପିନର ଆଡାମ ଜାମ୍ପା ଅଷ୍ଟ୍ରେଲିଆ ପାଇଁ ସବୁଠୁ ସଫଳ ବୋଲର ରହିଥିଲେ। ସେ ୩ଟି ଏବଂ ଗ୍ଲେନ ମ୍ୟାକ୍ସୱେଲ୍ ଓ ନାଥନ ଏଲିସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଜୋଶ୍ ଇଂଲିଶ (୭୮) ଓ କାମେରନ ଗ୍ରୀନ (୫୬)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୫.୨ ଓଭରରେ ୨ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଇଂଲିଶ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ରସେଲଙ୍କୁ ଏକ ସ୍ୱତନ୍ତ୍ର ଉପହାର ସହ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇ ଦୁଇଥର ଟି-୨୦ ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଥିବାରୁ ଏହାକୁ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ରସେଲ କହିଛନ୍ତି।

**ରସେଲଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ୍ | ୱିକେଟ୍ | ୫୦/୧୦୦ |
|---|---|---|---|---|
| ଟେଷ୍ଟ | ୧ | ୨ | ୧ | ୦/୦ |
| ଦିନିକିଆ | ୫୬ | ୧୦୩୪ | ୭୦ | ୪/୦ |
| ଟି-୨୦ | ୮୬ | ୧୧୨୨ | ୬୧ | ୩/୦ |

### ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ସେମିରେ ଅନିମେଷ, ପରନୀତ୍



**ଭୁବନେଶ୍ୱର, ୨୩।୭ (ସମିସ):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭାରତର ତାରକା ଧାବକ ଅନିମେଷ କୁଜୁର ପୁରୁଷ ୨୦୦ ମିଟର ରେସରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଏହି ରେସ୍‌ରେ ଅନିମେଷ ନିଜ ହିଟ୍ସରେ ୨୧.୧୬ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଅପରପକ୍ଷରେ ତୀରନ୍ଦାଜୀରେ ମହିଳା କମ୍ପାଉଣ୍ଡରେ ପରନୀତ୍ କୌର ମଧ୍ୟ ସେମିଫାଇନାଲରେ ପ୍ରବେଶ କରି ପଦକ ଆଶା ଉଜ୍ଜୀବିତ କରିଛନ୍ତି। ଟାଏକ୍ୱୋଣ୍ଡୋରେ ଭାରତୀୟ ମିକ୍ସଡ୍ ଟିମ୍ ଉଭୟ ରୋମାନିଆ ଓ ଇକ୍ୟୁଡର୍ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଏହାବାଦ୍ ସନ୍ତରଣରେ ରୋହିତ୍ ବେନେଡିକ୍ସନ ମାଣିକରାଜ ୫୦ ମିଟର ବଟରଫ୍ଲାଏରେ ୨୪.୦୦ ସେକେଣ୍ଡ ରେସ୍ ଫିନିଶ କରି ସେମିଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ୧୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

# ନବୀଙ୍କ ବଲ୍‌କୁ ଛକା ମାରିଲେ ପୁଅ ହାସାନ



**କାବୁଲ, ୨୩।୭ (ଏଜେନ୍ସି):** କ୍ରିକେଟ୍‌ରେ ଦୁଇ ଭାଇ ଏକାଠି ଖେଳିବାର ଅନେକ ନଜିର ରହିଛି। କିନ୍ତୁ ଗୋଟିଏ ମ୍ୟାଚରେ ବାପ-ପୁଅ ଏକାଠି ଖେଳିବା ବହୁତ କ୍ୱଚିତ ଦେଖିବାକୁ ମିଳିଥାଏ। ସଦ୍ୟ ଏଭଳି ଏକ ବିରଳ ଘଟଣା ଆଫଗାନିସ୍ତାନରେ ଚାଲିଥିବା ଶପାଗିଜା କ୍ରିକେଟ୍ ଲିଗ୍ ଦେଖିବାକୁ ମିଳିଛି। କାବୁଲ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଲିଗ୍‌ର ଏକ ମ୍ୟାଚରେ ଆଫଗାନିସ୍ତାନର ମହାନ ଅଲ୍‌ରାଉଣ୍ଡର ମହମ୍ମଦ ନବୀ ତାଙ୍କ ୧୮ ବର୍ଷୀୟ ପୁଅ ହାସାନ ଇସାଖିଲଙ୍କ ବିପକ୍ଷରେ ଖେଳିଥିଲେ। ଓପନିଂ ଆସିଥିବା ହାସାନ ଏହି ମ୍ୟାଚରେ ୩୬ ବଲ୍‌ରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ପାଳିରେ ସେ ପ୍ରତିପକ୍ଷ ଦଳରେ ଥିବା ତାଙ୍କ ବାପା ତଥା ୪୦ ବର୍ଷୀୟ ନବୀଙ୍କୁ ସୁଇପ୍ ସଟ୍ ଜରିଆରେ ମିଡ୍‌ୱିକେଟ୍ ଅଞ୍ଚଳରେ ଏକ ବିଶାଳ ଛକା ମାରିଥିଲେ। ହାସାନଙ୍କ ଏହି ଛକାରେ ନବୀ ସାମାନ୍ୟ ହସି ଚାଲିଯାଇଥିଲେ। ଏହି ମ୍ୟାଚରେ ନବୀଙ୍କ ଦଳ ପରାସ୍ତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ପରେ ନବୀ ଦିନିକିଆ ଫର୍ମାଟ୍‌ରୁ ଅବସର ନେବାକୁ ଘୋଷଣା କରିଥିଲେ। କିନ୍ତୁ ପରେ କହିଥିଲେ ଯେ, ସେ ତାଙ୍କ ପୁଅ ସହ ଏକାଠି ଖେଳିବାକୁ ସ୍ୱପ୍ନ ରଖିଥିବାରୁ ଏହି ଫର୍ମାଟ୍‌ରେ ଖେଳ ଜାରି ରଖିବେ। ୨୦୧୭ରେ ୱେଷ୍ଟଇଣ୍ଡିଜର ଶିବନାରିନ ଚନ୍ଦ୍ରପଲ୍ ଓ ତାଙ୍କ ପୁଅ ତାଗେନାରିନ ଚନ୍ଦ୍ରପଲ୍ ଏକ ପ୍ରଥମଶ୍ରେଣୀ ମ୍ୟାଚରେ ଏକାଠି ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ।

### ଡୁରାଣ୍ଡ କପ୍ ଉଦ୍‌ଘାଟିତ

## ୫-୦ରେ ଜିତିଲା ଇଷ୍ଟ ବେଙ୍ଗଲ

**କୋଲକାତା, ୨୩।୭ (ଏଜେନ୍ସି):** ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଷ୍ଟ ବେଙ୍ଗଲ ୫-୦ ଗୋଲ୍‌ରେ ସାଉଥ୍ ୟୁନାଇଟେଡ୍ ଏଫ୍‌ସିକୁ ହରାଇ ଅଭିଯାନ ଆରମ୍ଭ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧର ଶେଷ ୧୦ ମିନିଟ୍‌ରେ ୩ଟି ଗୋଲ୍ ହୋଇଥିଲା। ଚଳିତ ସଂସ୍କରଣରେ ମୋଟ୍ ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇ ମ୍ୟାଚ୍ ଖେଳାଯିବ। ଡୁରାଣ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋସାଇଟି ଆନୁକୂଲ୍ୟରେ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍), ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡୋ, ପଶ୍ଚିମବଙ୍ଗ ସରକାରର ମିଳିତ ସହଯୋଗରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

### ରାଜ୍ୟ କ୍ରିକେଟ ଜଗତରେ କଳି

# ଗଠନ ହେବ ଓସିଏର ସମାନ୍ତରାଳ ସଂଘ!

**କଟକ,୨୩।୭ (ସମିସ):**

ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ବିରୋଧରେ ଏକ ନୂଆ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି। ଓସିଏ ସହ ଅନୁବନ୍ଧିତ ହୋଇ ପାରି ନ ଥିବା କେତେକ କ୍ଲବ ମେଳି ହୋଇ ସମାନ୍ତରାଳ ସଂଘ ଗଠନ କରିବାକୁ ଯୋଜନା କରିଛନ୍ତି। ଭୁବନେଶ୍ୱରରେ ଏନେଇ ବୈଠକ ଅନୁଷ୍ଠିତ ହୋଇସାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଜେପିର ଜଣେ ଆଗଧାଡ଼ିର ନେତାଙ୍କ ସାନଭାଇ ଏହାର ନେତୃତ୍ୱ ନେଉଥିବା କୁହାଯାଉଛି। ତେବେ ଏହି ସବୁ ଘଟଣାରେ ଓସିଏର ଜନୈକ ବରିଷ୍ଠ ପଦାଧିକାରୀ କହିଛନ୍ତି ଯେ, ଓସିଏକୁ ବିରୋଧ କରୁଥିବା ଏହି ଗୋଷ୍ଠୀଙ୍କ ଆଲୋଚନା ମୂଲ୍ୟହୀନ। କ୍ରିକେଟ ପ୍ରତି ଓସିଏର ଅବଦାନକୁ ନେଇ ସମସ୍ତେ ସ୍ପଷ୍ଟ ଭାବେ ଜାଣନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନୂଆ ସଂଘକୁ ଗ୍ରହଣ କରିବ ନାହିଁ। ସେମାନଙ୍କ ଯୋଜନା ଫସର ଫାଟିବ ବୋଲି ଓସିଏର ଏହି ପଦାଧିକାରୀ ଜଣକ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

୬୦ ଦଶକ ଆରମ୍ଭରୁ ଓଡ଼ିଶା କ୍ରିକେଟକୁ ସଂଗଠିତ କରିବା ଦିଗରେ ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟ କରୁଛି। ଦୀର୍ଘ ସାତ ଦଶନ୍ଧି ଭିତରେ ଅନେକ ଉତଥାନ, ପତନ ଦେଇ ଏହି ସଂଘ ଗତି କରିଛି। ତେବେ ଅନେକ ବର୍ଷ ଭିତରେ ଓଡ଼ିଶା କ୍ରିକେଟକୁ ଦୃଷ୍ଟାନ୍ତମୂଳକ ସଫଳତା ନ ମିଳିବା ପ୍ରସଙ୍ଗକୁ ଆକ୍ଷେପ କରି କିଛି କ୍ରୀଡ଼ା ସଂଗଠକ ଏବେ ନୂଆ ସଂଘ ଗଠନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦିତା କରୁ ନ ଥିଲେ ସୁଦ୍ଧା ଚର୍ଚ୍ଚାରେ ରହିଥିବା ଜଣେ ବରିଷ୍ଠ ନେତାଙ୍କ ସାନଭାଇ ଏବେ ବିଭିନ୍ନ କ୍ଲବ, କ୍ରୀଡ଼ା ସଂଗଠନକୁ ଏକଜୁଟ କରୁଛନ୍ତି। ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବାରମ୍ବାର ବୈଠକ ଡକାଯାଉଛି। ଏପରିକି କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଏହି ଗୋଷ୍ଠୀ ଯାଇଥିବା କୁହାଯାଉଛି। ତେବେ ଓସିଏ ସହ ସମାନ୍ତରାଳ ସଂଘ ଗଠନ କରାଯିବା ପ୍ରସଙ୍ଗକୁ ନେଇ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କାର୍ଯ୍ୟାଳୟରେ ମଧ୍ୟ ଆଲୋଚନା ତୀବ୍ର ହୋଇଛି। କର୍ମଚାରୀ ଓ ବରିଷ୍ଠ ପଦାଧିକାରୀଙ୍କ ଭିତରେ ଆଲୋଚନା ଜମୁଛି। ସମ୍ପ୍ରତି ନୂଆ ସଂଘକୁ ବିସିସିଆଇ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଥିଲେ ସୁଦ୍ଧା ଏଭଳି ଏକ ବଡ଼ ପ୍ରସଙ୍ଗକୁ ଅଣଦେଖା କରାଯାଇ ନ ପାରେ। ଅନ୍ୟପକ୍ଷରେ ଆଉ ଦୁଇ ମାସ ପରେ ଓସିଏର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନଜରରେ ରଖି କିଛି ଗୋଷ୍ଠୀ ଓସିଏ ବିରୋଧରେ ଏକଜୁଟ ହେଉଛନ୍ତି ବୋଲି କୁହାଯାଇଛି। ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏଭଳି ଆଲୋଚନା ଆଗକୁ ବଢ଼ିଛି ବୋଲି ଶୁଣିବାକୁ ମିଳିଛି।




### ସାହାଣୀ କପ୍-୨୦୨୫

## ସେମିରେ କଟକ, କୋରାପୁଟ, ସୁନ୍ଦରଗଡ଼

**କଟକ,୨୩।୭ (ସମିସ):** ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯାଇଥିଲା। ଏଥିରେ ବିଜୟ ସହ କଟକ, କୋରାପୁଟ ଓ ସୁନ୍ଦରଗଡ଼ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବୌଦ୍ଧ ଜୋନ୍‌ରେ ଲିଗ୍ ମ୍ୟାଚ୍ ଶେଷ ହୋଇନଥିବାରୁ ସେମିରେ ପ୍ରବେଶ କରିବାକୁ ଥିବା ୪ର୍ଥ ଦଳ ଚୂଡାନ୍ତ ହୋଇନାହିଁ।

ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ଓ କୋରାପୁଟ ଦଳ କ୍ୱାର୍ଟର ମୁକାବିଲାରେ ମୁହାଁମୁହିଁ ହୋଇଥିଲେ। ୧୦ମ ମିନିଟରେ ସୌମେଶ ମହାନ୍ତି ପ୍ରଥମ ଗୋଲ ଦେଇ ଭୁବନେଶ୍ୱରକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଖେଳର ପ୍ରଥମାର୍ଦ୍ଧ ଶେଷ ହେବାକୁ ଯାଉଥିବାବେଳେ କୋରାପୁଟ ଗୋଲ୍ ସୁଝାଇଥିଲା। ଇଞ୍ଜୁରୀ ଟାଇମ୍ ୪୬ତମ ମିନିଟରେ ଅବିନାଶ ମୁଦୁଲି ମ୍ୟାଚ୍ ବରାବର୍ ସୂଚକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୧ ତମ ମିନିଟରେ ଅବିନାଶଙ୍କ ଦ୍ୱିତୀୟ ଗୋଲ କୋରାପୁଟକୁ ବିଜୟୀ କରାଇଥିଲା। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ୫-୦ ଗୋଲରେ ଝାରସୁଗୁଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଦୀନବନ୍ଧୁ ଦାସ ହ୍ୟାଟ୍ରିକ ଗୋଲ୍ ଦେଇଥିବା ବେଳେ ପାରାଓ ଟୁଡୁ ଏବଂ ଅବିନାଶ କିଶାନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଭିତରେ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ତେବେ ଟାଇବ୍ରେକର ପଦ୍ଧତିରେ ମ୍ୟାଚ୍ ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଆଜି ବୌଦ୍ଧ ଜୋନରେ ଖେଳାଯାଇଥିବା ଦୁଇ ଲିଗ୍ ମ୍ୟାଚ୍‌ରେ ବରଗଡ଼ ଓ ଦେବଗଡ଼ ବିଜୟୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS